

# ଉତ୍କର୍ଷ କାର୍ଯ୍ୟକ୍ରମ

## ବିଦ୍ୟାର୍ଥୀଙ୍କ ପାଇଁ ଅଭ୍ୟାସ ପୁସ୍ତିକା

## ଓଡ଼ିଆ

TRANSFORM
Inspired action to advance learning

ODISHA SCHOOL EDUCATION PROGRAMME AUTHORITY
SCHOOL & MASS EDUCATION DEPARTMENT




**ଶ୍ରୀ ସମୀର ରଞ୍ଜନ ଦାଶ**

ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)

ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା

ଦୂରଭାଷ { କାର୍ଯ୍ୟାଳୟ : ୦୬୭୪-୨୫୩୬୭୫୧
: ୦୬୭୪-୨୫୩୨୧୭୪
ମୋବାଇଲ : ୯୪୩୭୦୫୨୨୦୭


ପତ୍ର ସଂଖ୍ୟା ............. / ରାମବିଗ.

ଭୁବନେଶ୍ୱର

ତାରିଖ ୩ / ୩ / ୨୦୨୦

## ବାର୍ତ୍ତା

ମୋ' ପାଇଁ ଅତି ଆନନ୍ଦର କଥା ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଆମ ରାଜ୍ୟରେ ବିଗତ ତିନି ବର୍ଷ ଧରି ଚାଲିଥିବା ଉତ୍କର୍ଷ କାର୍ଯ୍ୟକ୍ରମ ଚଳିତ ବର୍ଷ ୩୦ଟି ଜିଲ୍ଲାକୁ ସମ୍ପ୍ରସାରିତ କରାଯାଇଛି ।

ଏହା ଏକ ଅଭିନବ କାର୍ଯ୍ୟକ୍ରମ ଯାହା ନବମ ଶ୍ରେଣୀ ଉପଯୋଗୀ ଶିକ୍ଷଣ ଫଳାଫଳ ହାସଲ କରିବାରେ ପଛରେ ରହିଯାଉଥିବା ପିଲାଙ୍କୁ ଆବଶ୍ୟକୀୟ ଦକ୍ଷତା ହାସଲ ପୂର୍ବକ ଶ୍ରେଣୀ ଶିକ୍ଷଣ ପ୍ରତି ମନଯୋଗୀ କରିବା ପାଇଁ ଉଦ୍ଦିଷ୍ଟ ।

ଏଥିରେ ବ୍ୟବହୃତ ସହାୟକ ଶିକ୍ଷଣ ସାମଗ୍ରୀଗୁଡ଼ିକ ଶିକ୍ଷାର୍ଥୀ ପ୍ରିୟ ହୋଇଥିବାରୁ ସେମାନେ ଶିକ୍ଷା ପ୍ରତି ମନଯୋଗୀ ହେବେ ଓ ଶିକ୍ଷଣ କାର୍ଯ୍ୟରେ ନିଜନିଜ ସହଭାଗିତାକୁ ଧରିରଖିବେ, ଫଳରେ ସମସ୍ତଙ୍କ ପାଇଁ ଶିକ୍ଷା ନିମିତ୍ତ ସରକାରଙ୍କ ପ୍ରତିବଦ୍ଧତାକୁ ଆମେ ସାକାର କରିପାରିବା ।

ଏହି କାର୍ଯ୍ୟକ୍ରମ ସମ୍ପର୍କିତ ବିଗତ ବର୍ଷମାନଙ୍କର ସଫଳ ଅଭିଜ୍ଞତା ଆମକୁ ଆଗକୁ ଯିବାରେ ସହାୟକ ହେବା ସଙ୍ଗେ ସଙ୍ଗେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ଉପୁଜୁଥିବା ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବାରେ ସମର୍ଥ କରିବ ।

ଏହି ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତ ପଦାଧିକାରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବଦାନକୁ ଅସ୍ୱୀକାର କରିହେବ ନାହିଁ । ଏ ବର୍ଷ ଆମ ରାଜ୍ୟର ଗୁଣାତ୍ମକ ଶିକ୍ଷା ଅଭିବୃଦ୍ଧିରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଯେ ସହାୟକ ହୋଇପାରିବ, ଏହା ନିଃସନ୍ଦେହ ।

ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମର ସଫଳତା ପାଇଁ ସଭିଙ୍କ ସମ୍ପୃକ୍ତି ଆଶା କରୁଛି ।

**(ସମୀର ରଞ୍ଜନ ଦାଶ)**



ଓଡ଼ିଶା ସରକାର
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,
ଓଡ଼ିଶା ସଚିବାଳୟ, ଭୁବନେଶ୍ୱର-୭୫୧୦୦୧
ଦୂରଭାଷ : ୦୬୭୪-୨୫୩୬୭୩୧
ଫ୍ୟାକ୍ସ : ୦୬୭୪-୨୫୩୬୭୫୫
ଇ-ମେଲ୍ : secysme@gmail.com

**ଚିତ୍ରା ଆରୁମୁଗମ,** I.A.S.
ପ୍ରମୁଖ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା

## କାର୍ଯ୍ୟକ୍ରମ ସମ୍ପର୍କରେ ପଦେ

ଆମ ରାଜ୍ୟରେ ୨୦୧୭-୧୮ ମସିହାଠାରୁ ଉତ୍କର୍ଷ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଅଛି । ଏହା ଆଜି ଆମ ରାଜ୍ୟର ୨୯ (ପୁରୀ ଜିଲ୍ଲା ବ୍ୟତୀତ)ଟି ଜିଲ୍ଲାରେ ସଫଳତାର ସହ କାର୍ଯ୍ୟ କରୁଅଛି । ମାଧ୍ୟମିକ ସ୍ତରରେ ଓଡ଼ିଆ, ଇଂରାଜୀ, ଗଣିତ ଓ ବିଜ୍ଞାନରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଭିବୃଦ୍ଧି ଲକ୍ଷ୍ୟରେ ଏହା କାର୍ଯ୍ୟ କରୁଅଛି । ଏହି କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସହାୟକ ହେଉଅଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ପୁରୀ ଜିଲ୍ଲାରେ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା କରାଯାଇଛି ।

ପ୍ରାରମ୍ଭିକ ଆକଳନ ଫଳାଫଳ ତୁଳନାରେ ସମାପ୍ତିସୂଚକ ଆକଳନରେ ପ୍ରତ୍ୟେକ ବିଷୟରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ସ୍ତରରେ ଆଶାନୁଯାୟୀ ଅଭିବୃଦ୍ଧି ହେଉଅଛି । ଏହିପରି ଏକ ଫଳପ୍ରଦକାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ/ଶିକ୍ଷୟିତ୍ରୀ, ମୁଖ୍ୟ ପ୍ରଶିକ୍ଷଣଦାତା, ଜିଲ୍ଲା ଶିକ୍ଷାଧିକାରୀ ତଥା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମର ପ୍ରମୁଖ କର୍ମକର୍ତ୍ତାମାନଙ୍କର ସକ୍ରିୟ ଅଂଶଗ୍ରହଣ ଫଳରେ ଏହାର ଉଦ୍ଦେଶ୍ୟ ସଫଳ ହେବାରେ ଲାଗିଛି । ଏଥିସହିତ ପିତାମାତା ତଥା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନଙ୍କ ସକ୍ରିୟ ସମ୍ପୃକ୍ତି ଓ ପରାମର୍ଶ ଏହି କାର୍ଯ୍ୟକ୍ରମକୁ ଫଳପ୍ରଦପରିଚାଳନାରେ ସହାୟକ ହୋଇଅଛି ।

ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଯେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଥିବା ଶିକ୍ଷଣ ଶୂନ୍ୟତାକୁ ଦୂରୀଭୂତ କରିବାରେ ପୂର୍ଣ୍ଣମାତ୍ରାରେ ସହାୟକ ହେବ, ଏହା କହିବା ନିଷ୍ପ୍ରୟୋଜନ । ଏହି ଶୁଭ ଅବସରରେ ମୁଁ ଆପଣମାନଙ୍କୁ ଅଭିନନ୍ଦନ ଜଣାଉଛି । ଆସନ୍ତୁ ବିଗତ ବର୍ଷ ପରି ଏ ବର୍ଷ ମଧ୍ୟ କାର୍ଯ୍ୟକ୍ରମକୁ ସଫଳତାର ଶୀର୍ଷରେ ପହଞ୍ଚାଇବା ପାଇଁ ଆମେ ପ୍ରୟାସ ଜାରି ରଖିବା ।

ଚିତ୍ରା ଆରୁମୁଗମ୍

(ଚିତ୍ରା ଆରୁମୁଗମ)



ଫୋନ୍ : ୦୬୭୪-୨୩୯୫୩୨୫
ଫାକ୍ସ : ୦୬୭୪-୨୩୯୨୭୨୧

**ଭୂପେନ୍ଦ୍ର ସିଂ ପୁନିଆ,** ଭା.ପ୍ର.ସେ.
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
ଶିକ୍ଷା ସୌଧ, ୟୁନିଟ - ୫, ଭୁବନେଶ୍ୱର - ୭୫୧୦୦୧

# ଅଭିମତ

ଗତ ତିନିବର୍ଷ ଧରି ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ, ରାମସା, ଅଧୁନା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏବଂ ଉତ୍କର୍ଷ କାର୍ଯ୍ୟକ୍ରମ ମାଧ୍ୟମରେ ନବମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ବୟସ ଓ ଶ୍ରେଣୀ ଉପଯୋଗୀ ଶିକ୍ଷଣଦକ୍ଷତା ହାସଲ କରିବା ପାଇଁ ପ୍ରତିକାରାତ୍ମକ ପ୍ରୟାସ ଜାରି ରହିଛି । ଏହି କ୍ରମରେ ସେମାନଙ୍କର ଶିକ୍ଷଣ ସ୍ତରକୁ ଚିହ୍ନଟ କରି ସେମାନଙ୍କୁ ବୟସ ଓ ଶ୍ରେଣୀ ଅନୁଯାୟୀ ଦକ୍ଷ କରିବା ଲକ୍ଷ୍ୟରେ ଅଭ୍ୟାସ ପୁସ୍ତିକା ମାନ ପ୍ରସ୍ତୁତ କରାଯାଇଅଛି । ତଦନୁଯାୟୀ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ମଧ୍ୟ ଆବଶ୍ୟକୀୟ ପ୍ରଶିକ୍ଷଣ ଦିଆଯାଇ ଏହି ପ୍ରତିକାରମୂଳକ ଶିକ୍ଷଣ ପ୍ରକ୍ରିୟାର ସଫଳ ରୂପାୟନ ନିମନ୍ତେ ପ୍ରଚେଷ୍ଟା କରାଯାଉଅଛି । ଓଡ଼ିଆ, ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟରେ ଏଭଳି ସ୍ୱତନ୍ତ୍ର ଶିକ୍ଷଣ ପ୍ରକ୍ରିୟା ଆରମ୍ଭ କରାଯାଇ ଉକ୍ତ ବିଷୟରେ ପଛୁଆ ଥିବା ଶିକ୍ଷାର୍ଥୀମାନଙ୍କୁ ନବମ ଶ୍ରେଣୀର ଶିକ୍ଷଣ ସ୍ତରରେ ପହଞ୍ଚିବାର ବ୍ୟବସ୍ଥା କରାଯାଉଅଛି । ବିଶେଷକରି ଏହି ପ୍ରକ୍ରିୟାରେ ପ୍ରଥମ ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ସଂପର୍କୀତ ବିଷୟଗୁଡ଼ିକ ସମ୍ବନ୍ଧରେ ଜ୍ଞାନ ଆହାରଣ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦିଆଯାଇଅଛି । ଏହା ସେମାନଙ୍କର ଶିକ୍ଷଣ ଦକ୍ଷତା ବୃଦ୍ଧି ପାଇଁ ଅଧିକ ସହାୟତା ହେବ । ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ୯ଟି ଦ୍ୱିତୀୟ ପର୍ଯ୍ୟାୟରେ ୧୫ଟି ଏବଂ ୨୦୧୯-୨୦ ଶିକ୍ଷା ବର୍ଷରେ ପୁରୀ ବ୍ୟତୀତ ଓଡ଼ିଶାର ସମସ୍ତ ଜିଲ୍ଲାକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ ହୋଇଛି । ଚଳିତ ବର୍ଷ ଶିକ୍ଷା ୨୦୨୦-୨୦୨୧ରେ ପୁରୀ ଜିଲ୍ଲାକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ କରାଯିବାର ଯୋଜନା ରହିଛି । କାର୍ଯ୍ୟକ୍ରମର ସଫଳତାକୁ ଆଖି ଆଗରେ ରଖି ଏହି ଜିଲ୍ଲାଗୁଡ଼ିକର ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଉପଯୁକ୍ତ ଦକ୍ଷତାକୁ ବୃଦ୍ଧି କରାଇବା ଦିଗରେ ଉଦ୍ୟମ ଜାରି ରହିବ ।

ଆଶା କରାଯାଏ, ଏହି ଜିଲ୍ଲାମାନଙ୍କରେ ଆମର ସମସ୍ତ ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଉତ୍କର୍ଷର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିହିତ ଥିବା ମହତ୍ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ତା'ର ଲକ୍ଷ୍ୟ ପୂରଣ ଦିଗରେ ଯଥାସାଧ୍ୟ ପ୍ରୟାସ କରିବେ ।

(ଭୂପେନ୍ଦ୍ର ସିଂ ପୁନିଆ)

# ପରିଚୟ

ଶିକ୍ଷାର୍ଥୀମାନଙ୍କ ବ୍ୟବହାର ନିମନ୍ତେ ଏହା ଏକ ଉପଯୋଗୀ ଅଭ୍ୟାସ ପୁସ୍ତିକା । ଫାଉଣ୍ଡେସନ କ୍ୟାମ୍ପ ଏବଂ ସହଯୋଗାତ୍ମକ ଶିକ୍ଷଣ ସୋପାନରେ କରାଯାଉଥିବା କାର୍ଯ୍ୟକ୍ରମର ଗୁରୁତ୍ୱକୁ ଉପଲବ୍ଧି ପୂର୍ବକ ଶିକ୍ଷାଲାଭ କରିବାରେ ଉକ୍ତ ପୁସ୍ତିକାଟି ଶିକ୍ଷାର୍ଥୀମାନଙ୍କ ପାଇଁ ସହାୟକ ହେବ । ଏହା ଏପରି କୌଶଳ ଆଧାରରେ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଶିକ୍ଷକମାନେ ପ୍ରଥମେ ଦକ୍ଷତାଗୁଡ଼ିକୁ ଶିଖାଇବେ ଏବଂ ପରେ ଏହାର ଅଭ୍ୟାସ ନିମିତ୍ତ ସମ୍ପର୍କିତ ପ୍ରଶ୍ନ ପିଲାମାନଙ୍କୁ ଦେବେ । ଏହି ପ୍ରଶ୍ନର ଉତ୍ତର ଦେବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଦକ୍ଷତାର ପରିପ୍ରକାଶ ଘଟିବ ।


ଏହି ଅଭ୍ୟାସ ପୁସ୍ତିକାରେ ଏଭଳି ପ୍ରଶ୍ନମାନ ସ୍ଥାନିତ ହୋଇଛି, ଯାହାର ଉତ୍ତର ଦେବାରେ ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀଗୃହରେ ସ୍ୱପ୍ରସ୍ତୁତି, ସହପାଠୀଙ୍କ ସହିତ ବିନିମୟ ଏବଂ ଶିକ୍ଷକମାନଙ୍କ ସହିତ ମଧ୍ୟ କଥା ହେବାକୁ ପଡ଼ିଥାଏ ।

ଶିକ୍ଷାର୍ଥୀମାନଙ୍କୁ ପ୍ରତିଦିନ ଦୁଇ ଥର କାମ କରିବାକୁ ପଡ଼ିବ ଓ ଏହି କାମ କେବେକେବେ କରିବାକୁ ପଡ଼ିବ, ତାହା ଶିକ୍ଷକ ଜଣାଇଦେବେ ।

ଏହି ଅଭ୍ୟାସ ପୁସ୍ତିକାରେ ପ୍ରଦତ୍ତ ପ୍ରଶ୍ନଗୁଡ଼ିକ ନିର୍ଦ୍ଧାରିତ ଦକ୍ଷତାର ଅଭ୍ୟାସ ନିମିତ୍ତ ନିର୍ଦ୍ଦିଷ୍ଟ । ଏହାଛଡ଼ା ଏଥିରେ ଏମିତି ବି ପ୍ରଶ୍ନ ଅଛି, ଯାହା ଶିକ୍ଷାର୍ଥୀ ଶିଖିଥିବା ଦକ୍ଷତାର ଉପରସ୍ତରରେ ପ୍ରୟୋଗ ନିମିତ୍ତ ସୁଯୋଗ ପ୍ରଦାନ କରିବ । ପୁନଶ୍ଚ ଏଭଳି ପ୍ରଶ୍ନ ମଧ୍ୟ ଏଥିରେ ରହିଛି, ଯାହାଦ୍ୱାରା ଶିକ୍ଷାର୍ଥୀମାନେ ସେମାନଙ୍କ ଜ୍ଞାନ ଓ ଦକ୍ଷତାର ଅଭିବୃଦ୍ଧି କରିବାରେ ସମର୍ଥ ହେବେ ।

# ଫାଉଣ୍ଡେସନ୍ କ୍ୟାମ୍ପ





*ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଦକ୍ଷତାଗୁଡ଼ିକ NCERT ସ୍ଥିରୀକୃତ ଶିକ୍ଷଣ ଫଳାଫଳ ଆଧାରରୁ ଅଣାଯାଇ ୨୦୧୭-୨୦୧୮ ରେ ବିଦ୍ୟାର୍ଥୀମାନଙ୍କର ଆକଳନ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଷୟ ବିଶାରଦମାନଙ୍କର ମତାମତ ଅନୁସାରେ ଏହାର ପ୍ରାଥମିକତା ନିର୍ଦ୍ଧାରଣ କରାଯାଇଅଛି । ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ପାଖରୁ ଏହା ଆଶା କରାଯାଏ ଯେ ସେମାନେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତିରିକ୍ତ / ଅଧିକ ବିଷୟ / ଦକ୍ଷତା ପ୍ରସ୍ତୁତ କରିପାରିବେ ଯାହା ବିଦ୍ୟାର୍ଥୀ ଅଭ୍ୟାସପୁସ୍ତିକା କିମ୍ବା ଶିକ୍ଷକ ମାର୍ଗଦର୍ଶିକାରେ ନାହିଁ ।

**କାର୍ଯ୍ୟପତ୍ରିକା - ୧ ତାଲିକାରେ ଦିଆଯାଇଥିବା ଅକ୍ଷରଗୁଡ଼ିକୁ ଯୋଡ଼ି ଶବ୍ଦ ଲେଖ :**

| | | | | | |
|---|---|---|---|---|---|
| ଆ | ଲୁ | ସ | ମା | ଳ | ଟ |
| ମ | ଟ | ର | ସ | କା | ଜୁ |
| ରା | ମୁ | ଳା | ଜୋ | ତା | ଲା |
| ମ | କା | ଗ | ପ | ଳି | ଗ |
| ଥ | ଧ | ନୀ | ର | ଚୋ | ର |
| ଓ | ଦା | ଳ | ବି | କ୍ଷ | ଥ |

**ଜୋତା** **ନୀଳ**

______________________

______________________ ______________________ ______________________

______________________ ______________________ ______________________

______________________ ______________________ ______________________

______________________ ______________________ ______________________

______________________ ______________________ ______________________

**କାର୍ଯ୍ୟପତ୍ରିକା -୨ ପଶୁ ଏବଂ ପରିବାର ନାମଗୁଡ଼ିକୁ ବାଛିକରି ଲେଖ :**

| | | | | | |
|---|---|---|---|---|---|
| ଆ | ଘୋ | କୋ | ଟ | ବା | ଘ |
| ଲୁ | ଡ଼ା | ବି | ଲେ | ଇ | ପ |
| ମୁ | ଳା | ହା | ତୀ | ଗ | ଧ |
| ମ | କା | ହ | ରି | ଣ | ଲା |
| କୁ | କୁ | ର | ସା | ରୁ | ଉ |
| ଗା | ଜ | ର | ପ | ଣ | ସ |

**ପଶୁଙ୍କ ନାମ** **ପରିବାର ନାମ**

______________________ ______________________ ______________________

______________________ ______________________ ______________________


______________________ ______________________ ______________________

______________________ ______________________ ______________________


______________________ ______________________ ______________________

______________________ ______________________ ______________________

**କାର୍ଯ୍ୟପତ୍ରିକା - ୩ ଚିତ୍ର ଦେଖି ତା'ର ନାମ ଲେଖ :**




____________________



____________________



____________________



____________________



____________________

**କାର୍ଯ୍ୟପତ୍ରିକା - ୪ ଶବ୍ଦଗୁଡ଼ିକ ପଢ଼ :**

| | | | |
|---|---|---|---|
| ଜାହାଜ | ଦୁଆତ | ଫୁଲଗଛ | ରମ୍‌ଜାନ |
| ଜାପାନ | ଜଗ୍ | ଭୁଲ୍‌ଭାଲ୍ | ରାକ୍ଷୀ |
| ଅତିଥି | ଜଳଜଳ | ଦରବାର | ଗରମ |
| ଖଜା | ଗାଜର | ବରଗଛ | ଚଗଲାମି |
| ପରାଧୀନ | କାମଦାମ | ଜିଲାପି | ଖରା |
| ହାନିଲାଭ | ବଜାର | କାହାଣୀ | ରାଜା |
| ରାଣୀ | ନଥି | ଦୀପ | ଚଷମା |
| ହାତୀ | ଗରମ | ମାଠିଆ | ପୋଷାକ |
| ଲୁଣ | ହାତ | କହିବା | ଆପଣ |
| ଆଖିପତା | ଜଳିବା | ପରୀ | ବଳଦ |
| ତାରା | କାନ | ହଲେଇବା | ଥକିଯିବା |
| ଧରିବା | ସମୟ | ଖଡ଼ିକା | କାଳ |

**କାର୍ଯ୍ୟପତ୍ରିକା -୫ ନିମ୍ନଲିଖିତ ଅକ୍ଷର ଏବଂ ମାତ୍ରାକୁ ନେଇ ଶବ୍ଦ ଗଠନ କର :**

| | | | |
|---|---|---|---|
| ର | ବାକି | ନୀର | । ି 1 |
| ମ | ____________ | ____________ | ____________ |
| ତ | ____________ | ____________ | ____________ |
| ଆ | ____________ | ____________ | ____________ |
| ନ | ____________ | ____________ | ____________ |
| ବ | ____________ | ____________ | ____________ |
| କ | ____________ | ____________ | ____________ |
| ର | ____________ | ____________ | ____________ |

**କାର୍ଯ୍ୟପତ୍ରିକା - ୬ ଚିତ୍ର ଦେଖି ଅକ୍ଷରଗୁଡ଼ିକୁ ସଜାଇ ଶବ୍ଦ ଲେଖ :**



____________ ଆ/ଠେ/କୁ ____________



____________ ତା/ଛ ____________



____________ ଲ/କେ/ସା/ଇ ____________



____________ ହି/ବ ____________



____________ ଷା/ମୂ ____________



____________ ଦ/ଲ/ବା ____________

**କାର୍ଯ୍ୟପତ୍ରିକା -୭ ନିମ୍ନଲିଖିତ ଅକ୍ଷର ଓ ଫଳାକୁ ବ୍ୟବହାର କରି ଶବ୍ଦ ଗଠନ କର :**

ଅ ୍ୟ ୍ର ୍ତ ୍ମ ର୍ ୍ୟ

ହ ________ ________ ________

ପ ________ ________ ________

ସ ________ ________ ________

ଧ ________ ________ ________

ବ ________ ________ ________

ଜ ________ ________ ________

ଚ ________ ________ ________

କ ________ ________ ________

ର ________ ________ ________

ଅ ________ ________ ________

ଣ ________ ________ ________

**କାର୍ଯ୍ୟପତ୍ରିକା - ୮ ନିମ୍ନଲିଖିତ ବାକ୍ୟଗୁଡିକ ପଢ଼ :**

ମୋହନ ବଗିଚାକୁ ଗଲା ।
କାଲି ରାକ୍ଷୀପୂର୍ଣ୍ଣିମା ଥିଲା ।
ରମଣ ମାଠିଆ ତିଆରି କରୁଥିଲା ।
ମନୋଜ ଘରେ ଥିଲା ।
ମେଘ ଗର୍ଜନ କରୁଅଛି ।
ଆଜି ମୁଁ ବଜାରରେ ହାତୀ ଦେଖିଲି ।
ଆଜାଦ୍ ଏକ କାହାଣୀ ଲେଖିଲା ।

ତୁମେ ବଜାରକୁ ଯାଅ ।
ମୀନା ଆମକୁ ଭୋଜି ଦେଲା ।
ତୁମର ନାମ ଅନିଲ୍ ।
ମୁଁ ଲାଲ୍‌କିଲ୍ଲା ଦେଖିଛି ।
କାଲି ବରଷା ହୋଇଥିଲା ।
ବୁଢ଼ିଆଣୀ ଜାଲ ବୁଣୁଛି ।
ସୋହନ ବଜାର ଗଲା ।


**କାର୍ଯ୍ୟପତ୍ରିକା - ୯ ଚିତ୍ର ଦେଖି ଶୂନ୍ୟସ୍ଥାନ ପୂରଣ କର :**




ପିଲାଟି ______________ ରେ ଭିଜୁଛି ।



ତୁମେ ______________ ଖାଅ ।



______________ ଜଙ୍ଗଲକୁ ଗଲା ।



ମୋହନ _______________ ନେଇକରି ଆସିଲା ।



ଲୀନା _______________ ଧରୁଛି ।



ଆ _______________ ମାମୁ ସରଗଶଶୀ ।

**କାର୍ଯ୍ୟପତ୍ରିକା – ୧୦ ନିମ୍ନଲିଖିତ ବାକ୍ୟଗୁଡ଼ିକ ପଢ଼ :**

ରାମ ବଜାର ଯାଉଅଛି ।
ରାଜା ଆମ୍ବ ଖାଉଥିଲା ।
ଛେଳି ଘାସ ଖାଉଥିଲା ।
ଦୀପକ ପାଳଙ୍ଗଶାଗ ଆଣିଲା ।
ଘରର ଦାମ୍ କମ୍ ଥିଲା ।
ମୀନାର ଦେହ ଖରାପ ଥିଲା ।
କାଲି ଖେଳପଡ଼ିଆ ଖାଲି ଥିଲା ।
ମାଆ ସୋନୁକୁ ଜହ୍ନ ଦେଖାଉଥିଲେ ।

ରାଜା ତାଜମହଲ ପର୍ଯ୍ୟନ୍ତ ଚାଲିଚାଲି ଗଲେ ।
ଛେଳି ଲତାପତ୍ର ଖାଉଅଛି ।
ହାତୀ ଆରାମ୍‌ରେ ଶୋଇଅଛି ।
ଘରେ ଖାଇବା ଜିନିଷ ଅଛି ।
ବାଳକ କ୍ଷୀର ପିଉଅଛି ।
ଦୂରରୁ କୋଳାହଳ ଶୁଭୁଅଛି ।
ଗୁଣ୍ଡୁଚିମୂଷା ଗାଜର ଖାଉଥିଲା ।

**କାର୍ଯ୍ୟପତ୍ରିକା – ୧୧ ଶବ୍ଦଗୁଡ଼ିକ ସଜାଡ଼ି ଖାଲି ସ୍ଥାନରେ ବାକ୍ୟ ଲେଖ :**

ନାଚୁଥିଲା / ଜଙ୍ଗଲରେ / ମୟୂର

____________________________________________________________

ଦୌଡୁଛି / ଘୋଡ଼ା

____________________________________________________________

ମୋର / ଏହି / ଟି / ପେନ୍‌ସିଲ

____________________________________________________________

ଘାସ / ଗାଇ / ଖାଏ

____________________________________________________________

ଫଳ / ବଜାରରୁ / ମୋହନ / ଆଣିଲା

____________________________________________________________

ମାଠିଆ / କାଉ / ରୁ / ପାଣି / ପିଇଲା

____________________________________________________________

**କାର୍ଯ୍ୟପତ୍ରିକା – ୧୨ ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ି ସେଥିରେ କ୍ରିୟା (କାମ ସୂଚାଉଥିବା) ପଦକୁ ଗୋଲ ବୁଲାଅ :**

ଗୀତା ଛାତ ଉପରେ ଫଳ ଖାଉଅଛି ।
ବାଳକ ଡେଇଁଡେଇଁ ନାଚୁଅଛି ।
ସୀତା ଆଜି କବିତା ପାଠ କରୁଅଛି ।
କୃଷକ ଜମିରେ ହଳ କରୁଅଛି ।
ହାତୀ ଝରଣାର ପାଣି ପିଉଥିଲା ।
ମୁଁ ଆଜି ପାଠ ବହିରୁ କବିତା ଶୁଣାଉଥିଲି ।
ଗପ ଶୁଣି ପିଲାମାନେ ହସୁଥିଲେ ।

ଆଜି ସକାଳେ ମୀରା ମୋତେ ଗପ ଶୁଣାଉଥିଲା ।
ଆକାଶ ଛାତ ଉପରେ ବସି ଫଳରସ ପିଉଅଛି ।
ସୀତା ରାଜାରାଣୀର କାହାଣୀ ଶୁଣୁଅଛି ।
ମଧୁ ଭାଲୁନାଚ ଦେଖୁଥିଲା ।
ଆମେ ଦୀପାବଳୀରେ ବହୁତ ମିଠା ଖାଉ ।
ଘର ଛାତରୁ ପାଣି ଗଳୁଅଛି ।
ମମତା ଘରୁ ଆସୁଅଛି ।


**କାର୍ଯ୍ୟପତ୍ରିକା - ୧୩** ଶ୍ରୁତଲିଖନ ଲେଖ : (ଶିକ୍ଷକ କାର୍ଯ୍ୟପତ୍ରିକା ୧୨ ରେ ଥିବା ବାକ୍ୟଗୁଡ଼ିକୁ ଶ୍ରୁତଲିଖନ ରୂପେ ଡାକିବେ ।)

**କାର୍ଯ୍ୟପତ୍ରିକା - ୧୪** ନିମ୍ନଲିଖିତ ବାକ୍ୟଗୁଡ଼ିକ ପଢ଼ ଓ ବିଶେଷ୍ୟ (ନାମ ସୂଚାଉଥିବା) ପଦକୁ ଗୋଲ ବୁଲାଅ । ଯେପରି-


ନିକିତାକୁ ପେନ୍‌ସିଲ୍ ଦିଆଗଲା ।
ମୋହନ ତାଲା ନେଇକରି ଆସିଲା ।
କମଳା ପାଚିଅଛି ।
ନଳପାଣି ଛିଟିକୁଛି ।
ଲିଜା ବଜାରକୁ ଯାଇ ଫେରିଲାଣି ।
ଏହା ସେଦିନର କଥା ଅଟେ ।
ଜମିରେ ଧାନ ପାଚିଅଛି ।

କବିତା ଜୋତା ସଜାଡ଼ି କରି ଆସିଲା
ମୁଁ କାନପୁରରୁ ପାଟଣା ଗଲି ।
ଆଜି କୁଆପଥର ପଡ଼ିଲା ।
ଜମିରେ ଗଛ ଲଗାଅ ।
ହମିଦ୍‌ର ଘରେ ହାତୀ ପଶିଗଲା ।
ଦୀପକ କାନପୁରରୁ ଆସିଲା ।
ଛେଳି ଘାସ ଖାଉଅଛି ।

**କାର୍ଯ୍ୟପତ୍ରିକା - ୧୫** ଚିତ୍ର ଦେଖି ବାକ୍ୟ ଲେଖ :



________________________________



________________________________



________________________________



________________________________

## କାର୍ଯ୍ୟପତ୍ରିକା -୧୬ ତଳ ବାକ୍ୟଗୁଡ଼ିକୁ ପଢ଼ :

ପୋଖରୀକୂଳରେ ଧଳା-ବତକ ରହୁଥିଲା ।
ଝରଣାରେ ଆମେମାନେ ଗାଧୋଉ ।
କଳାକୋଇଲି କୁହୁକୁହୁ ଡାକେ ।
ପୋଖରୀରେ ଲାଲ୍‌ପଦ୍ମ ଫୁଟିଅଛି ।
ରାତି ବଡ଼ ଓ ଦିନ ଛୋଟ ହୋଇଗଲା ।
ସୋରିଷଫୁଲ ହଳଦିଆ ଦେଖାଯାଏ ।
ଜମିରେ କୃଷକ କାମ କରୁଅଛି ।

ସିଏ ଏକ ପାଠ ଯୋଜନା ତିଆରି କଲା ।
ମାମୁ ମିଠାମିଠା ଫଳ ଆଣିଥିଲେ ।
ଆଜି ଗୁରୁଜୀ ଠିକ୍ ସମୟରେ ଆସିଲେ ।
ଆମେ ସବୁ ଠିକ୍ ସମୟରେ କାମ ଶେଷ କରିବା ।
ବାଦଲ ଗର୍ଜନ କରୁଛି ଓ ବିଜୁଳି ଚକ୍‌ମକ୍ କରୁଅଛି ।
ସାପୁଆକେଳା ସାପ ଖେଳାଇବାକୁ ଆସିଥିଲା ।
ସମସ୍ତେ ରାମଦୋଳିରେ ଖେଳିଲେ ।

## କାର୍ଯ୍ୟପତ୍ରିକା - ୧୭ ନିମ୍ନରେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଠନ କର :

| | | | | |
|---|---|---|---|---|
| ଦୁଇ | ଭଉଣୀ | ବଳିଥିବା | ରୁଟି | ଅରୁଆ |
| କିଣି | ସଉଦା | ଘରକୁ | ଆଣିଲେ | କାଲି |
| ଆସି | ଦେଲେ | ବିଲେଇକୁ | କଲେ | ପୋଡ଼ା |
| ଚାଉଳ | ଦୁହେଁ | ଅଟା | ବଜାରକୁ | |
| ସୀତା ଓ ଗୀତା | ପାଇଁ | ଗଲେ | ସେଠାରୁ | |

ସୀତା ଓ ଗୀତା ଦୁଇ ଭଉଣୀ । ____________________

**କାର୍ଯ୍ୟପତ୍ରିକା - ୧୮ ନିମ୍ନଲିଖିତ ଶବ୍ଦକୁ ବାକ୍ୟରେ ବ୍ୟବହାର କର :**

ଘୋଡ଼ା ________________________________________

ଜଙ୍ଗଲ ________________________________________

ବଜାର ________________________________________

ବିବାହ ________________________________________

ମେଳା ________________________________________

ଘର ________________________________________

ହାତୀ ________________________________________

ଚପଲ ________________________________________

**କାର୍ଯ୍ୟପତ୍ରିକା - ୧୯ ତଳ ବାକ୍ୟଗୁଡ଼ିକୁ ପଢ଼ :**

ଛୋଟମାଛଟିଏ ଥିଲା । ସେ ଏଠିସେଠି ଖେଳୁଥିଲା । କେବେକେବେ ପାଣିରୁ ଡେଇଁ ମାଟି ଉପରକୁ ଚାଲିଆସେ । କେବେକେବେ ପାଣି ତଳକୁ ଯାଇ ଖାଦ୍ୟ ଖାଏ । ବେଳେବେଳେ ସାଙ୍ଗ ସହିତ ନାଚେ ଓ ଗୀତ ଗାଏ । ସେ କେବେ ଥକି ପଡ଼େନା । ସେ ଏମିତି ଖେଳି ଚାଲିଥାଏ ।

**କାର୍ଯ୍ୟପତ୍ରିକା - ୨୦ ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ :**

ମୋ ଗାଁର ନାଁ ଅଜମଗଡ଼ । ଗାଁରେ ଏକ ମନ୍ଦିର ଅଛି । ମନ୍ଦିର ପାଖରେ ବିଦ୍ୟାଳୟଟିଏ ଅଛି । ବିଦ୍ୟାଳୟ ପଛପଟେ ପଞ୍ଚାୟତ ଘର ଓ ଡାକ୍ତରଖାନା ରହିଛି । ଗାଁର ସଡ଼କ ପାଖରେ ଏକ ବସ୍ ରହଣି ସ୍ଥାନ ଅଛି । ସେଠାରେ ବସ୍ ଅଟକିଥାଏ । ଗାଁ ଲୋକମାନେ ବସ୍‌ରେ ସହରକୁ ଯାଆନ୍ତି । ଗାଁରେ ସମସ୍ତେ ମିଳିମିଶି ଚଳନ୍ତି ।

**କାର୍ଯ୍ୟପତ୍ରିକା - ୨୧ କାହାଣୀଟିକୁ ପଢ଼ି ପ୍ରଶ୍ନର ଉତ୍ତର ଦିଅ :**

ସିଂହ ଓ ଭାଲୁ ଦୁଇ ସଂଗାତ ଥିଲେ । ଦିନେ ଦୁହେଁ ଝରଣାକୁ ପାଣି ପିଇବାକୁ ଗଲେ । ଝରଣା ପାଖରେ କାଦୁଅ ଥିଲା । ଭାଲୁ କାଦୁଅରେ ପଡ଼ିଗଲା । ସିଂହ ଭାଲୁକୁ ଉଦ୍ଧାର କଲା । ଭାଲୁ ବାହାରକୁ ଆସିଗଲା । ଦୁଇ ସଂଗାତ ବହୁତ ଖୁସି ହୋଇଗଲେ ।

ପ୍ରଶ୍ନ: ଝରଣାକୁ କିଏକିଏ ପାଣି ପିଇବାକୁ ଯାଇଥିଲେ ?

ଉତ୍ତର: ________________________________________

ପ୍ରଶ୍ନ: ଭାଲୁକୁ କିଏ ବଞ୍ଚାଇଲା ?

ଉତ୍ତର: ________________________________________

ପ୍ରଶ୍ନ: ଦୁଇ ସଂଗାତ କାହିଁକି ଖୁସି ହେଲେ ?

ଉତ୍ତର: ________________________________________

**କାର୍ଯ୍ୟପତ୍ରିକା - ୨୨ ତଳେ ଥିବା ଖାଲିଜାଗାରେ ଶ୍ରୁତଲିଖନ ଲେଖ :**

**କାର୍ଯ୍ୟପତ୍ରିକା - ୨୩ କାହାଣୀ ପଢ଼ ଏବଂ ପ୍ରଶ୍ନର ଉତ୍ତର ଦିଅ :**

ବିରାଡ଼ିର ତିନିଟି ଛୁଆ ଥିଲା । ଗୋଟିଏ କଳା, ଗୋଟିଏ ମାଟିଆ ଓ ଆଉ ଗୋଟିଏ ଧଳା । ତିନିଜଣ ଯାକ ଏକ ମୂଷା ଦେଖି ତା'ପଛରେ ଧାଇଁଲେ । ମୂଷା ଏକ ଅଟାଡବା ଭିତରକୁ ଡେଇଁ ପଡ଼ିଲା । ତା' ପଛରେ ତିନିଟି ଯାକ ବିରାଡ଼ି ଛୁଆ ଅଟା ଡବା ଭିତରକୁ ଡେଇଁ ପଡିଲେ । ମୂଷା ଡେଇଁ ପଳାଇଗଲା । ବିରାଡ଼ି ଛୁଆ ମନଦୁଃଖରେ ବାହାରକୁ ଆସିଲେ, ତିନିଜଣ ଯାକ ଧଳାରଙ୍ଗର ହୋଇଗଲେ ।

ପ୍ରଶ୍ନ : ବିରାଡ଼ି ଛୁଆଙ୍କ ରଙ୍ଗ କେମିତି ଥିଲା ?

ଉତ୍ତର :

ପ୍ରଶ୍ନ : ସେମାନେ କାହାକୁ ଧରିବାକୁ ଚାହୁଁଥିଲେ ?

ଉତ୍ତର :

ପ୍ରଶ୍ନ : ତିନି ବିରାଡ଼ି ଛୁଆଙ୍କ ରଙ୍ଗ ଧଳା ହୋଇଗଲା କିପରି ?

ଉତ୍ତର :

**କାର୍ଯ୍ୟପତ୍ରିକା - ୨୪** ତଳ ଚିତ୍ରଗୁଡ଼ିକୁ ଦେଖି ଦୁଇଟି ବାକ୍ୟ ଲେଖ :





**କାର୍ଯ୍ୟପତ୍ରିକା - ୨୫** ଗପଟିକୁ ପଢ଼ ଓ ଗପଟିର ନାମ ଦିଅ:

ମାଙ୍କଡ଼ଟିଏ ଗଛ ଉପରେ ବସିଥିଲା । ତା'ର ଲାଞ୍ଜ ବହୁତ ଲମ୍ବା ଥିଲା । ଏହା ଏତେ ଲମ୍ବା ଥିଲା ଯେ ଭୂମି ପର୍ଯ୍ୟନ୍ତ ଲମ୍ବି ଯାଇଥିଲା । ଗୁଣ୍ଡୁଚିମୂଷାଟିଏ ଭୂମି ଉପରେ ଡିଆଁ ମାରୁଥିଲା । ହଠାତ୍ ସେ ଲାଞ୍ଜଟିକୁ ଦେଖିଲା । ଗୁଣ୍ଡୁଚି ଭାବିଲା ଏ ଦୋଳି କେଉଁଠୁ ଆସିଲା । କିଛି ସମୟ ପୂର୍ବରୁ ତ ନଥିଲା । ଗୁଣ୍ଡୁଚିମୂଷାଟି ସେହି ଲାଞ୍ଜ ଉପରେ ଝୁଲିବାକୁ ଲାଗିଲା । ମାଙ୍କଡ଼କୁ କୁତୁକୁତୁ ଲାଗିଲା । ସେ ତଳକୁ ଚାହିଁଲା । ମାଙ୍କଡ଼ କହିଲା, "ଗୁଣ୍ଡୁଚିଭାଇ, କ'ଣ କରୁଛୁ ଯେ, ମୋତେ କୁତୁକୁତୁ ଲାଗୁଛି ।'' ଗୁଣ୍ଡୁଚି କହିଲା, "ମାଙ୍କଡ଼ ଭାଇ ! ମୁଁ ତୋର ଲାଞ୍ଜକୁ ଦୋଳି ଭାବି ଝୁଲୁଥିଲି । ବହୁତ ମଜା ଲାଗୁଥିଲା ।'' ଗୁଣ୍ଡୁଚି ଭାବିଲା ତାକୁ ସବୁଦିନେ ଏମିତିକା ଦୋଳି ମିଳିଗଲେ ବହୁତ ମଜା ଲାଗନ୍ତା । ଏହା ଭାବି ଗୁଣ୍ଡୁଚିମୂଷା ବି ହସିହସି ଗଛର ଡ଼ାଳକୁ ଚଢ଼ିଗଲା ।

(ଏବେ ଏହି ଗପର ନାମଟିଏ ଦିଅ ।)

**କାର୍ଯ୍ୟପତ୍ରିକା - ୨୬ ତଳେ ଦିଆଯାଇଥିବା କବିତାଟିକୁ ପଢ଼ :**

ଆମେ ଓଡ଼ିଆ ପୁଅରେ ଭାଇ
ଆମେ ଓଡ଼ିଆ ପୁଅ

ଓଡ଼ିଶା ଆମ ଜନମଭୂଇଁ
ମୁକୁଳା ମନେ କୁହ ॥୧॥

ଏଇଠି ଅଛି ବଣପାହାଡ଼
ନଈନାଳର ସୁଅ,

ଅଛନ୍ତି ଏଠି ବଣୁଆଜାତି
ପଥର ପରି ଦେହ ॥୨॥


ଅନ୍ତର ଭାରି ସରଳ ତା'ର
କପଟ, ଛନ୍ଦ ନାହିଁ,

ବଣରେ ବୁଲେ ସକାଳୁ ସଞ୍ଜ
ଆହାର ମୁଠେ ପାଇଁ ॥୩॥

ଏଇ ରାଇଜ କାଳିଆଦିଅଁ
ଜଗତେ ହୁଏ ସାହା,

ଦୁଃଖୀର ଦୁଃଖ ମୋଚନ ପାଇଁ
ବଢ଼ାଏ ଚଉବାହା ॥୪॥

**କାର୍ଯ୍ୟପତ୍ରିକା - ୨୭ ତଳ ଚିତ୍ରକୁ ଦେଖି ଦୋକାନୀ କ'ଣ ଭାବୁଛି ଲେଖ :**



**କାର୍ଯ୍ୟପତ୍ରିକା - ୨୮ ଗପଟିକୁ ପଢ଼ି ପ୍ରଶ୍ନର ଉତ୍ତର ଦିଅ :**

ବଣରେ ଏକ ହାତୀ ଶୋଇଥିଲା । ଗୁଣ୍ଡୁଚିମୂଷାଟିଏ ବୁଲୁବୁଲୁ ହାତୀ ପିଠିରେ ଚଢ଼ିଗଲା । ହାତୀ ସେମିତି ଶୋଇ ରହିଥାଏ । ତାକୁ ଦେଖି ଠେକୁଆଟିଏ ବି ହାତୀ ପିଠିରେ ଚଢ଼ିଗଲା । ତା'ପରେ ଏକ ମାଙ୍କଡ଼ ଆସିଲା, ସେ ମଧ୍ୟ ହାତୀ ପିଠି ଉପରେ ଚଢ଼ିଗଲା । ତିନିହେଁ ହାତୀ ପିଠିରେ ଖେଳିବାକୁ ଲାଗିଲେ । ହଠାତ୍ ହାତୀର ନିଦ ଭାଙ୍ଗିଗଲା ଓ ସେ ଠିଆ ହୋଇଗଲା । ଗୁଣ୍ଡୁଚି ଓ ଠେକୁଆ ଡରରେ ଦୌଡ଼ି ପଳାଇଲେ । କିନ୍ତୁ ମାଙ୍କଡ଼ ତଳେ ପଡ଼ିଗଲା । ସେ ହାତୀକୁ ଦେଖି ଡରିଗଲା ଓ ଭାବିଲା ହାତୀ ତାକୁ ମାରିଦେବ । କିନ୍ତୁ ହାତୀ ମାଙ୍କଡ଼କୁ କହିଲା, ଡର ନାହିଁ, ମୋ ପିଠି ଉପରେ ବସ । ହାତୀ ମାଙ୍କଡ଼କୁ ପିଠି ଉପରେ ବସାଇ ଶୋଇଗଲା ।

ପ୍ରଶ୍ନ: ହାତୀ ପିଠି ଉପରେ କିଏକିଏ ଚଢ଼ିଥିଲେ ?

ଉତ୍ତର: ______________________________

______________________________

______________________________

______________________________

ପ୍ରଶ୍ନ: ମାଙ୍କଡ଼ କାହିଁକି ଡରିଗଲା ?

ଉତ୍ତର: ______________________________

______________________________

______________________________

______________________________

ପ୍ରଶ୍ନ: ହାତୀ ମାଙ୍କଡ଼କୁ କ'ଣ କହିଲା ?

ଉତ୍ତର: ______________________________

______________________________

______________________________

______________________________

କାର୍ଯ୍ୟପତ୍ରିକା - ୨୯ ତଳେ ଦିଆଯାଇଥିବା ଚିତ୍ରକୁ ଦେଖି ଚିତ୍ର ସମ୍ପର୍କରେ ଲେଖ :



**କାର୍ଯ୍ୟପତ୍ରିକା - ୩୦ ତଳେ ଦିଆଯାଇଥିବା କବିତାଟିକୁ ପଢ଼ :**

ଓଡ଼ିଶା ମୋହର ଜନମଭୂଇଁ
ଜଗତେ ତାହାର ତୁଳନା ନାହିଁ ।

ତାର ନଦନଦୀ ଗିରି କାନନ
ଆଖିରେ ଭରଇ ନୂଆ ସପନ ।

କୋଣାରକ ଗାଏ ତାଙ୍କରି ଗାଥା
ବାରଶ ବଢ଼େଇ ଧରମା କଥା ।

ତାହାର ବାଜିଆ ବାଳୁତ ପିଲା
ଜାତି ପାଇଁ ନିଜ ପରାଣ ଦେଲା ।

କୁନା କୁନି ସବୁ ଆଗେଇ ଆସ
ବଢ଼ାଇବା ଆମ ଜାତିର ଯଶ ।

**କାର୍ଯ୍ୟପତ୍ରିକା - ୩୧ ତଳେ ଦିଆଯାଇଥିବା ଚିତ୍ରକୁ ଦେଖି ଭାବିକରି ଲେଖ :**

ଏହି ଦୁଇଟି ପିଲା ଗ୍ରୀଷ୍ମଛୁଟି ପରେ ଭେଟ ହୋଇଛନ୍ତି । ଫେରିଲା ପରେ ଏମାନେ କ'ଣ କଥାବାର୍ତ୍ତା ହେଉଛନ୍ତି ଭାବି ଲେଖ ?



_______________________________________________

_______________________________________________

_______________________________________________


_______________________________________________

_______________________________________________

_______________________________________________

_______________________________________________

**କାର୍ଯ୍ୟପତ୍ରିକା - ୩୨** ତଳ ଚିତ୍ରକୁ ଦେଖି କାହାଣୀକୁ ଆଗେଇ ନେବା :



ରୀନା ବୋଲି ଝିଅଟିଏ ଥିଲା । ସେ ବିରାଡ଼ିଟିଏ ପାଳିଥିଲା । ତା'ର ନାମ ______________________________

______________________________

______________________________

______________________________

______________________________

______________________________

______________________________

______________________________

**କାର୍ଯ୍ୟପତ୍ରିକା - ୩୩ ତଳ ଅନୁଚ୍ଛେଦଟିକୁ ପଢ଼ ଏବଂ ନିମ୍ନରେ ଥିବା ପ୍ରଶ୍ନର ଉତ୍ତର ଦିଅ ?**

ଦଶହରା ନାମ ଶୁଣିଲେ ମନରେ ଏକ ପ୍ରକାର ଆନନ୍ଦଉଲ୍ଲାସ ଭରିଉଠେ । ପିଲାମାନେ ଏହି ପର୍ବରେ ମେଳା ଓ ନାନାରକମର ଦୋକାନକୁ ଅପେକ୍ଷା କରିଥାନ୍ତି । ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି କରିଥାନ୍ତି । କିଏ ନୂଆ ପୋଷାକ ତିଆରି କରନ୍ତି ତ ଆଉ କିଏ ବିଭିନ୍ନ ପ୍ରକାର ଖେଳନା କିଣିବାକୁ ତାଲିକା କରିଥାନ୍ତି । ଏହି ମେଳାରେ ଚକିରିଦୋଳି/ରାମଦୋଳିରେ ମଜ୍ଜି ଯାଇଥାନ୍ତି ।

ଏହି ପର୍ବରେ ରାମଲୀଳା ଏକ ନିଆରା ମଜା ଆଣିଦିଏ । ଏହି ଲୀଳାର ପ୍ରସ୍ତୁତି ପ୍ରଥମରୁ କରାଯାଇଥାଏ । ଏହା କିଛି ଦିନ ପର୍ଯ୍ୟନ୍ତ ଚାଲୁ ରହେ । ରାମାୟଣର ପ୍ରତ୍ୟେକ ଅଧ୍ୟାୟ ଭିନ୍ନଭିନ୍ନ ଦିନରେ ମଞ୍ଚସ୍ଥ କରାଯାଇଥାଏ ।

ପ୍ରାୟତଃ ପିଲାମାନେ ରାମଙ୍କର ଅଭିନୟ ଦେଖିବାକୁ ଭଲ ପାଇଥାନ୍ତି । ଏହି ମେଳାରେ ଛୋଟ ବଡ଼ ବହୁତ ଦୋକାନ ଲାଗିଥାଏ । ଯେଉଁଠାରେ ମିଠାଇ, ଚାଟ୍, ପକୁଡ଼ି, ଗୁପଚୁପ୍ ଏବଂ ବେଲୁନ୍ ବିକ୍ରି ହୋଇଥାଏ । ମାଟିପାତ୍ର ଓ ଅନ୍ୟାନ୍ୟ ଘରକରଣା ଜିନିଷ ବି ମିଳିଥାଏ । ସେଥିପାଇଁ ବର୍ଷସାରା ଏହି ମେଳାକୁ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଅପେକ୍ଷା କରିଥାନ୍ତି ।

ଦଶହରା ଦିନ ରାମଙ୍କଦ୍ୱାରା ରାବଣଙ୍କୁ ବଧ କରାଯାଏ । ଯାହାକି ଅସତ୍ୟ ଉପରେ ସତ୍ୟର ବିଜୟବାର୍ତ୍ତା ଦେଇଥାଏ । ଏହାପରେ ମେଳା ସମାପନ ହୁଏ ।

ପ୍ରଶ୍ନ: ଏହି ଅନୁଚ୍ଛେଦଟିରେ କେଉଁ ମେଳା ବିଷୟରେ ଲେଖାଯାଇଛି ?

ଉତ୍ତର: ________________________________________

________________________________________

________________________________________

________________________________________

ପ୍ରଶ୍ନ: ଦଶହରାରେ ମେଳା ପାଇଁ କ'ଣ କ'ଣ ପ୍ରସ୍ତୁତ କରାଯାଇଥାଏ ?

ଉତ୍ତର: ________________________________________

________________________________________

________________________________________

________________________________________

**କାର୍ଯ୍ୟପତ୍ରିକା - ୩୪ ତଳେ ଦିଆଯାଇଥିବା ଚିତ୍ରକୁ ଦେଖି ଭାବିକରି ଲେଖ :**

ସୋହନ ତା'ର ମେସିନ୍‌କୁ ସଜାଡ଼ିବାକୁ କାଲୁ ମିସ୍ତ୍ରୀର ଦୋକାନକୁ ଗଲା । ସେଦୁହିଁଙ୍କ ମଧ୍ୟରେ କିକି କଥାବାର୍ତ୍ତା ହେଲା, ନିଜ ଭାଷାରେ ଲେଖ ।



**କାର୍ଯ୍ୟପତ୍ରିକା - ୩୫ ଦିଆଯାଇଥିବା ଗପଟିକୁ ପଢ଼ି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :**

ଶୁଆବିକାଳି ଡାକୁଥିଲା, 'ଶୁଆ ନିଅ ଶୁଆ । ଶୁଆ ବଡ଼ ହୁସିଆର ପକ୍ଷୀ ଅଟେ । ନିଜେ କଥା ବି କହିପାରେ ।' ଜଣେ ରାଜା ସେହି ବାଟେ ଯାଉଥିଲେ । ଏହା ଦେଖି ଶୁଆକୁ ପଚାରିଲେ 'ତୁ କଥା ବି କହିପାରୁ' ? ଶୁଆ କହିଲା, 'ଏଥିରେ କ'ଣ ସନ୍ଦେହ ଅଛି' ? ରାଜା ଖୁସି ହୋଇ ଶୁଆକୁ କିଣିନେଇ ମହଲକୁ ନେଇଗଲେ ।

ଦିନେ ରାଜା ଶୁଆକୁ ପଚାରିଲେ, 'ମୁଁ କ'ଣ ଏକ ଭଲ ରାଜା' ! 'ଏଥିରେ କ'ଣ ସନ୍ଦେହ ଅଛି' ? ଶୁଆଟି ଉତ୍ତର ଦେଲା । ରାଜା ପଚାରିଲେ, 'ମୋର ପ୍ରଜାମାନେ ମୋତେ ଭଲ ପାଆନ୍ତି' ? ଶୁଆଟି ଉତ୍ତର ଦେଲା, 'ଏଥିରେ କ'ଣ ସନ୍ଦେହ ଅଛି' ? ରାଜା ପଚାରିଲେ, 'ମୋର କ'ଣ କେହି ଶତ୍ରୁ ଅଛନ୍ତି' ? ଶୁଆ କହିଲା, 'ଏଥିରେ କ'ଣ ସନ୍ଦେହ ଅଛି' ? ରାଜା କହିଲେ, 'ତୁ କ'ଣ ତାକୁ ଜାଣିଛୁ' ? ଶୁଆ କହିଲା, 'ଏଥିରେ କ'ଣ ସନ୍ଦେହ ଅଛି' ? ରାଜା କହିଲେ 'ତା'ର ନାଁ କହିପାରିବୁ' । ଶୁଆ କହିଲା, 'ଏଥିରେ କ'ଣ ସନ୍ଦେହ ଅଛି' ? ରାଜା କହିଲେ, "କହନା ସେ କିଏ' । ଶୁଆ କହିଲା 'ଏଥିରେ କ'ଣ ସନ୍ଦେହ ଅଛି' ? ରାଜା କହିଲେ, କହନା.... ଶୁଆ କହିଲା 'ଏଥିରେ କ'ଣ ସନ୍ଦେହ ଅଛି' ? ରାଜା କହିଲେ କ'ଣ ଗୋଟିଏ ଜିଦି ଧରିଛୁ । ଶୁଆ କହିଲା, 'ଏଥିରେ କ'ଣ ସନ୍ଦେହ ଅଛି' ? ରାଜା କହିଲେ, 'ତୁ କ'ଣ ବୋକା ନା କ'ଣ' ? ଶୁଆ କହିଲା, 'ଏଥିରେ କଣ ସନ୍ଦେହ ଅଛି' ? ରାଜା କହିଲେ, ତା'ହେଲେ ମୁଁ କ'ଣ ବୋକା ! ତୋତେ କିଣି କରି ମହଲକୁ ଆଣିଲି । ଶୁଆ କହିଲା, 'ଏଥିରେ କ'ଣ ସନ୍ଦେହ ଅଛି' ?

ପ୍ରଶ୍ନ: ରାଜା ଶୁଆକୁ କାହିଁକି କିଣିଥିଲେ ?

ଉତ୍ତର: ______________________________

______________________________

ପ୍ରଶ୍ନ: ରାଜା ଶୁଆଠାରୁ କ'ଣ ସବୁ ଜାଣିବାକୁ ଚାହୁଁଥିଲେ ?

ଉତ୍ତର: ______________________________

______________________________

ପ୍ରଶ୍ନ: ଶୁଆ ପ୍ରତ୍ୟେକ ଥର କ'ଣ କହୁଥିଲା ?

ଉତ୍ତର: ______________________________

______________________________

ପ୍ରଶ୍ନ: ଏହାପରେ ରାଜା ଶୁଆର କ'ଣ କରିଥିବେ ?

ଉତ୍ତର: ______________________________

______________________________

**କାର୍ଯ୍ୟପତ୍ରିକା - ୩୬** ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ନେଇ ଏକ କାହାଣୀ ଲେଖ :

ମାଙ୍କଡ଼, ଜଙ୍ଗଲ, ସିଂହ, ପୋଖରୀ, ପଶୁ, ସଭା, ମୂଷା -

ଜଙ୍ଗଲଟିଏ ଥିଲା ________________________________________________

________________________________________________

________________________________________________

________________________________________________

________________________________________________

________________________________________________


________________________________________________

________________________________________________

________________________________________________

________________________________________________

**କାର୍ଯ୍ୟପତ୍ରିକା - ୩୭** ନିମ୍ନରେ ଦିଆଯାଇଥିବା ଚିତ୍ରକୁ ଦେଖି ପର ପୃଷ୍ଠାରେ ଥିବା ଖାଲି ଜାଗାରେ ଏକ କାହାଣୀ ଲେଖ :



## ଆକଳନ

ପ୍ରଶ୍ନ-୧ ଅକ୍ଷରଗୁଡ଼ିକୁ ସଜାଇ ଶବ୍ଦ ଗଢ଼ ।

ଆ / ଲୁ / ସ / ମା / ଳ / ଟ

______________________________

ପ୍ରଶ୍ନ-୨ ଶବ୍ଦଗୁଡ଼ିକୁ ସଜାଇ ବାକ୍ୟଟିଏ ଲେଖ ।


ପଶିଗଲା / ଦେଖୁଦେଖୁ / ନେଉଳ / ଗାତ / ଭିତରେ

______________________________

ପ୍ରଶ୍ନ-୩ ଚିତ୍ରକୁ ଦେଖି ନାମ ଲେଖ ।

ମୂଷା - 

ବାଦଲ - 

ସାଇକେଲ - 

ପଦ୍ମ - 

ପ୍ରଶ୍ନ-୪ ତଳ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର ।

ଜଙ୍ଗଲ ______________________________

ବଜାର ______________________________

ଚପଲ ______________________________

ମେଳା ______________________________

ପ୍ରଶ୍ନ-୫ ଠିକ୍ ବନାନ ଥିବା ଶବ୍ଦକୁ ବାଛି ଲେଖ ।

(କ) ଜନନୀ, ଯନନୀ, ଯନନି, ଜନନି

(ଖ) ପୁରସ୍କାର, ପୁରଷ୍କାର, ପୂରଷ୍କାର, ପୂରସ୍କାର

(ଗ) ପରୀକ୍ଷା, ପରିକ୍ଷା, ପରିଖ୍ୟା, ପରୀଖ୍ୟା

(ଘ) ସାହାର୍ଯ୍ୟ, ସାହାଯ୍ୟ, ଶାହାର୍ଯ୍ୟ, ଷାହାଯ୍ୟ

ପ୍ରଶ୍ନ-୬ ଅନ୍ତର ଭରି ସରଳତାର
କପଟ ଛନ୍ଦ ନାହିଁ

ଏଠାରେ ଅନ୍ତର ଶବ୍ଦର ଅର୍ଥ କ'ଣ ? ________________

(ଦେହ, ହୃଦୟ, ଭାବ, ମନ)

ପ୍ରଶ୍ନ-୭ (କ) ସୋରିଷଫୁଲ ହଳଦିଆ । ଏଠାରେ ବିଶେଷ୍ୟପଦଟି ଚିହ୍ନାଅ । ________________

(ଖ) ବାଘ ମାଂସ ଖାଉଛି । ଏଠାରେ ବିଶେଷ୍ୟପଦଟି ଚିହ୍ନାଅ । ________________

ପ୍ରଶ୍ନ-୮ ଚିତ୍ରଟିକୁ ଦେଖି ଦୁଇଟି ବାକ୍ୟ ଲେଖ ।

.________________________________

..________________________________



ପ୍ରଶ୍ନ-୯ ତଳ ବାକ୍ୟଗୁଡ଼ିକରେ କାମକୁ ସୂଚାଉ ଥିବା ଶବ୍ଦ ତଳେ ଗାର ଦିଅ ।

(କ) ବାଳକମାନେ ନାଚୁଛନ୍ତି ।

(ଖ) ଛାତରୁ ପାଣି ଗଳୁଛି ।

(ଗ) ମମତା ଘରୁ ଆସୁଛି ।


ପ୍ରଶ୍ନ-୧୦ ଚିତ୍ର ଦେଖିଦେଖି ତଳେ ଥିବା ଖାଲି ଜାଗା ପୂରଣକର ।



ପିଲାଟି .................... ରେ ଭିଜୁଛି ।



ତୁମେ ...................... ଖାଅ ।



ଜଙ୍ଗଲକୁ ................... ଗଲା ।

ପ୍ରଶ୍ନ-୧୧ ଅକ୍ଷର ଓ ଫଳାକୁ ବ୍ୟବହାର କରି ଦୁଇଟି ଶବ୍ଦ ଗଢ଼ ।

ଦ, ଜ, ହ, ବ, ଷ, ପ, ି, ା, ୍, ୍ୟ

ପ୍ରଶ୍ନ-୧୨ ସିଂହ ଓ ଭାଲୁ ଦୁଇ ସଙ୍ଗାତ । ସାଙ୍ଗ ହୋଇ ଖୁସିରେ ରୁହନ୍ତି ।
କିଏ, କିପରି ଲଗାଇ ଉପର ବାକ୍ୟରୁ ଦୁଇଟି ପ୍ରଶ୍ନ ତିଆରି କର ।

ପ୍ରଶ୍ନ-୧୩ ତଳ ଶବ୍ଦକୁ ଠିକ୍ କରି ଲେଖ ।

ଗର୍ଜନ, ଦୀପାବଳୀ, ଶରଗ

ପ୍ରଶ୍ନ-୧୪ ତଳ ଅକ୍ଷର ଓ ମାତ୍ରାକୁ ନେଇ ଦୁଇଟି ଶବ୍ଦ ଲେଖ ।

ବ, ର, ତ, କ ା, ି, ୀ

ପ୍ରଶ୍ନ-୧୫ ତୁମକୁ ଭଲ ଲାଗୁଥିବା ଅର୍ଥପୂର୍ଣ୍ଣ ଶବ୍ଦ ଲଗାଇ ଖାଲିସ୍ଥାନ ପୂରଣ କର ।

କୁନାକୁନି ସବୁ ଆଗେଇ ଆସ

ବଢ଼ାଇବା ଆମ ଜାତିର ________________

## ପରିଚୟ


ଏହା ଛାତ୍ରଛାତ୍ରୀମାନଙ୍କ ପାଇଁ ଅଭ୍ୟାସ ପୁସ୍ତିକା ଅଟେ । ପୂର୍ବରୁ କରାଯାଇଥିବା କାର୍ଯ୍ୟକ୍ରମଗୁଡ଼ିକର ଗୁରୁତ୍ୱକୁ ଉପଲବ୍ଧି କରିବାରେ ଏହା ସାହାଯ୍ୟ କରିଥାଏ । ଏହା ଏପରି ଆଧାରରେ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଶିକ୍ଷକମାନେ ପ୍ରଥମେ ଦକ୍ଷତାଗୁଡ଼ିକୁ ଶିଖାଇବେ ଏବଂ ପରେ ଏହାର ଅଭ୍ୟାସ ନିମିତ୍ତ ସଂପର୍କିତ ପ୍ରଶ୍ନ ପିଲାମାନଙ୍କୁ ଦେବେ । ଏହି ପ୍ରଶ୍ନର ଉତ୍ତର ଦେବାରେ ଛାତ୍ରଛାତ୍ରୀମାନଙ୍କର ଦକ୍ଷତାର ପରିପ୍ରକାଶ ଘଟିବ ।

ଏହି ଅଭ୍ୟାସପୁସ୍ତିକାରେ ଏଭଳି ପ୍ରଶ୍ନମାନ ଦିଆଯାଇଛି, ଯାହାର ଉତ୍ତର ଦେବାପାଇଁ ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀଗୃହରେ ସ୍ୱପ୍ରସ୍ତୁତ ନିଜର ସହପାଠୀଙ୍କ ସହିତ ବିନିମୟ ଏବଂ ଶିକ୍ଷକମାନଙ୍କ ସହିତ କଥା ହେବାକୁ ମଧ୍ୟ ପଡ଼ିଥାଏ ।

ଏହି ଅଭ୍ୟାସପୁସ୍ତିକାରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକ ଶିକ୍ଷକଙ୍କଦ୍ୱାରା ଶିକ୍ଷା ଦିଆଯାଇଥିବା ଦକ୍ଷତାର ଅଭ୍ୟାସ କରିବା ପାଇଁ ପଡ଼ିଥାଏ । ଏହାଛଡ଼ା ଏଥିରେ ଏମିତି ବି ପ୍ରଶ୍ନ ଅଛି, ଯାହାକି ତା'ର ଶିଖିଥିବା ଦକ୍ଷତାର ଉପର ସ୍ତରରେ ବ୍ୟବହାର କରିବାକୁ ସୁଯୋଗ ଅଛି । ପୁନଶ୍ଚ ଏଭଳି ପ୍ରଶ୍ନ ମଧ୍ୟ ଅଛି ଯାହାଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଜ୍ଞାନର ବିକାଶ ତଥା ଦକ୍ଷତାର ବୃଦ୍ଧି ହୋଇପାରିବ ।

# ସହଯୋଗାତ୍ମକ ଶିକ୍ଷଣ ସୋପାନ






*ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଦକ୍ଷତାଗୁଡ଼ିକ NCERT ସ୍ଥିରୀକୃତ ଶିକ୍ଷଣ ଫଳାଫଳ ଆଧାରରୁ ଅଣାଯାଇ ୨୦୧୭-୨୦୧୮ ରେ ବିଦ୍ୟାର୍ଥୀମାନଙ୍କର ଆକଳନ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଷୟ ବିଶାରଦମାନଙ୍କର ମତାମତ ଅନୁସାରେ ଏହାର ପ୍ରାଥମିକତା ନିର୍ଦ୍ଧାରଣ କରାଯାଇଅଛି । ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ପାଖରୁ ଏହା ଆଶା କରାଯାଏ ଯେ ସେମାନେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତିରିକ୍ତ / ଅଧିକ ବିଷୟ / ଦକ୍ଷତା ପ୍ରସ୍ତୁତ କରିପାରିବେ ଯାହା SHB କିମ୍ବା THB ରେ ନାହିଁ ।

## କାର୍ଯ୍ୟପତ୍ରିକା : ୧

**ଶବ୍ଦ ଗଢ଼ିବା**

ତଳେ ଦିଆଯାଇଥିବା ଶବ୍ଦ ଗମ୍ବୁଜଟିକୁ ପଢ଼ । ଏଥିରେ କ୍ରମେକ୍ରମେ ଅକ୍ଷର ସଂଖ୍ୟା ବଢ଼ି ଶବ୍ଦମାନ ଲେଖାଯାଇଛି । ପ୍ରଥମ ଦୁଇଟି ତୁମ ପାଇଁ କରି ଦିଆଯାଇଛି । ଏହିପରି ଅକ୍ଷର ବଢ଼ାଇ ଶବ୍ଦ ଗଢ଼ିବା ।




**କାର୍ଯ୍ୟପତ୍ରିକା : ଶବ୍ଦ ଗଢ଼ିବା**

ପ୍ରଥମ ଅକ୍ଷର ସମାନ ଥାଇ ଶବ୍ଦ ଗଢ଼ିବା । ଗୋଟିଏ ତୁମ ପାଇଁ କରି ଦିଆଯାଇଛି । ଯେପରି, କଲମ - କମଳା, ସେହିପରି ଲେଖ :-

________________________________________

________________________________________

**କାର୍ଯ୍ୟପତ୍ରିକା : ଶବ୍ଦ ଗଢ଼ିବା**

ପ୍ରଥମ ଆଉ ଶେଷ ଅକ୍ଷରକୁ ନେଇ ଆସ ଶବ୍ଦ ଗଢ଼ି ଲେଖିବା
ଗୋଟିଏ ତୁମ ପାଇଁ କରି ଦିଆଯାଇଛି
ଯେପରି, ପରକାଶ - ପ = ପରଶ, ପବନ
ଶ = ଶରତ, ଶଗଡ଼

ସେହିପରି -

ଶୁଆ -

ପରିବା -

ସଫାସୁତୁରା -

ମିଳିମିଶି -

ଖାଲଢ଼ିପ -

ପ୍ରଶ୍ନ: ଆସ, ଗୋଟିଏ ଶବ୍ଦରୁ ଅନେକ ଶବ୍ଦ ଗଢ଼ିବା । ତୁମପାଇଁ ଉଦାହରଣ ଦିଆଯାଇଛି ।







## କାର୍ଯ୍ୟପତ୍ରିକା : ୨

**କବିତାଟିକୁ ପଢ଼ିବା ଓ ଉତ୍ତର ଲେଖିବା**

ଆସରେ ପିଲା ଦଉଡ଼ି ଆସ
ଉଠାଇ ଟିକି ପାଦ
ତାଳ ବଜାଇ ସ୍ୱର ମିଳାଇ
ଭୁଲି କଳହ ବାଦ ।

ରୁମାଲ ଚୋରି କବାଡ଼ି ଖେଳ
ବାଘ ଓ ଛେଳି ଖେଳ
ଖେଳ ଲୁଚକାଳି ବୋହୂଚୋରୀ
ନ ରଖି ମନେ ଛଳ ।

ହାତରେ ହାତ ମିଶାଇ ଦିଅ
କାନ୍ଧେ ମିଳାଇ କାନ୍ଧ
ଲୋଟିଯାଅରେ ମାଟିର କୋଳେ
ବାନ୍ଧି ସମତା ବନ୍ଧ ।

ପ୍ରଶ୍ନ :-
ତଳ ଶବ୍ଦଗୁଡ଼ିକୁ ଲେଖିବା :-

| ସ୍ୱର | ବୋହୂ | କାନ୍ଧ | ବନ୍ଧ | ରୁମାଲ |
|---|---|---|---|---|
| ______ | ______ | ______ | ______ | ______ |
| ______ | ______ | ______ | ______ | ______ |
| ______ | ______ | ______ | ______ | ______ |

ପ୍ରଶ୍ନ : ଏହି କବିତାଟିରେ ମୁଖ୍ୟତଃ କାହା ବିଷୟରେ କୁହାଯାଇଛି ?

_______________________________________________

ପ୍ରଶ୍ନ : ଏଥିରେ କେଉଁ ସବୁ ଖେଳ କଥା କୁହାଯାଇଛି ?

_______________________________________________

ପ୍ରଶ୍ନ : ତୁମେ ଏବେ ଆଉ କେଉଁସବୁ ଖେଳ ଖେଳୁଛ ?

_______________________________________________

ପ୍ରଶ୍ନ : ଏହି କବିତାଟିରୁ ଆମେ କ'ଣ ଶିକ୍ଷା ପାଇବା ?

_______________________________________________

ପ୍ରଶ୍ନ : ସମାନ ଧ୍ୱନି ଥିବା ଦୁଇଟି ପଦ ହେଉଛି - ପାଦ - ବାଦ । ସେହିପରି କବିତାଟିରେ ଥିବା ସମାନ ଧ୍ୱନି ଥିବା ଆଉ ନୂଆ ଶବ୍ଦଗୁଡ଼ିକୁ ବାଛି ଲେଖିବା ।

_______________________________________________

ପ୍ରଶ୍ନ : ନିମ୍ନ ଶବ୍ଦଗୁଡ଼ିକର ଗଦ୍ୟ ରୂପ ଲେଖିବା :
ଯେପରି ପଦ୍ୟରେ ଥିବା 'ଦଉଡ଼ି' ଗଦ୍ୟରୂପରେ ଦୌଡ଼ି ହୁଏ, ସେହିପରି ତଳ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖିବା ।

ସରଗ - ଗରବ -

ଜନମ - ଦରବ -

ମୁକତି -

ପ୍ରଶ୍ନ : ତଳ ପଦଟିକୁ ସଜାଇ ଲେଖିବା
ଛଳ, ନରଖି, ବୋହୂଚୋରୀ, ମନେ, ଲୁଚକାଳି ଖେଳ

ପ୍ରଶ୍ନ : ନିମ୍ନୋକ୍ତ ପଦ୍ୟାଂଶର ଖାଲିସ୍ଥାନ ପୂରଣ କରିବା ।

ରୁମାଲ ଚୋରି ____________________
ବାଘ ଓ ଛେଳି ଖେଳ ____________________
____________________ ଲୁଚକାଳି ବୋହୂଚୋରୀ
ନ ରଖି ____________________

ପ୍ରଶ୍ନ : 'ସମତା' ଶବ୍ଦଭଳି ତୁମେ ଜାଣିଥିବା ଆଉ କେତୋଟି ଶବ୍ଦ ଲେଖ ।

_______________________________________________

## କାର୍ଯ୍ୟପତ୍ରିକା : ୩

**ଅନୁଚ୍ଛେଦଟିକୁ ପଢ଼ ଓ ଉତ୍ତର ଲେଖ ।**

କନ୍ଧମାଳ ଜିଲ୍ଲାର ଗାଁଟିଏ । ନାଆଁ ତା'ର ଷଣ୍ଢପୁର । ପୁରନ୍ଦର ସେହି ଗ୍ରାମର ବାସିନ୍ଦା । ନିକଟସ୍ଥ ବଡ଼ବନ୍ଧ ପାଖରେ ତା'ର ଘର । ଜମିବାଡ଼ି, ଧନ ସମ୍ପତ୍ତି କିଛି ନାହିଁ । ଚୁଡ଼ା, ବଡ଼ି, ପାମ୍ପଡ଼ ବିକିବିକି ସେ କୁଟୁମ୍ବ ପୋଷେ । ପୁଅ ତା'ର ରତ୍ନାକର । ଗାଁ ବିଦ୍ୟାଳୟରେ ଅଷ୍ଟମଶ୍ରେଣୀରେ ପଢ଼େ । ଭଲ ପାଠ ପଢ଼ି ଡ଼ାକ୍ତର ହେବାକୁ ତା'ର ଇଚ୍ଛା । ସେଥିପାଇଁ ସେ ସ୍ୱପ୍ନ ଦେଖେ, ଉଦ୍ୟମ କରେ । ସାଇପଡ଼ିଶା, ଗାଁ ଦାଣ୍ଡ, ବିଦ୍ୟାଳୟ ସବୁଠି ସମସ୍ତଙ୍କର କାମ ଯିଏ ଯାହା କହିଲା କରିଦିଏ । ବାପାଙ୍କର ଅର୍ଥାଭାବ ସବୁବେଳେ । କିନ୍ତୁ ସେ ହୃଦୟଙ୍ଗମ କରିଛି ଈଶ୍ୱରବିଶ୍ୱାସ, ଆନ୍ତରିକ ଉଦ୍ୟମ, ଆଗ୍ରହ ଭରା କର୍ମ ପାଖରେ ସବୁ ବାଧାବିଘ୍ନ ହାରମାନେ । ଅର୍ଥ ସମସ୍ୟା ବି । ତେଣୁ ବାଲ୍ୟକାଳରୁ ସେ ତା'ର ଉଦ୍ୟମରେ ଲାଗିଥାଏ । ଦୁଃଖୀ, ରଙ୍କି, ରୋଗୀଙ୍କ ପ୍ରତି ଚିକିତ୍ସା କରିବାର ମନୋବୃତ୍ତିରୁ ସେ ଓହରିନଥାଏ । ଗାଁ ଲୋକଙ୍କ ଶୁଭକାମନା, ପ୍ରାର୍ଥନା ତାକୁ ଆଗକୁ ମାଡ଼ି ଯିବାର ଉତ୍ସାହ ଯୋଗାଇଥାଏ । ସେବା ଜୀବନର ଏକ ଅମୂଲ୍ୟ ସଂପଦ । ଏହା ମଣିଷକୁ ବଡ଼ କରେ । ଏ କଥା ସେ ପିଲା ବେଳରୁ ଜାଣିଥିଲା ।

ପ୍ରଶ୍ନ : ଆସ ଏବେ କଥାବାର୍ତ୍ତା ହେବା :-

(କ) ସିକନ୍ଦର କେଉଁଠି ରହୁଥିଲା ?

ଉତ୍ତର : ______________________________

(ଖ) ରତ୍ନାକର କ'ଣ ହୃଦୟଙ୍ଗମ କରିଥିଲା ?

ଉତ୍ତର : ______________________________

(ଗ) ଗାଁ ଲୋକ ତାକୁ କିପରି କାହାଯ୍ୟ କରୁଥିଲେ ?

ଉତ୍ତର : ______________________________

(ଘ) ସିକନ୍ଦର କ'ଣ କରୁଥିଲା ?

ଉତ୍ତର : ______________________________

ପ୍ରଶ୍ନ : ଅନୁଚ୍ଛେଦରେ ଥିବା ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦଗୁଡ଼ିକୁ ବାଛି ଲେଖ ।

ଯେପରି କନ୍ଧମାଳ ________ ________ ________ ________

________ ________ ________ ________ ________

ପ୍ରଶ୍ନ : 'ବିକିବିକି' ଭଳି ତୁମେ ଜାଣିଥିବା ଆଉ କେତେକ ଯୋଡ଼ାଶବ୍ଦ ଲେଖ :-

______________________________________________

______________________________________________

## କାର୍ଯ୍ୟପତ୍ରିକା : ୪

**ଆସ କବିତାଟିକୁ ଆବୃତ୍ତି କରିବା :-**

ଖାଇ ନ ଥିଲେ ମୁଁ ଖୁଆଇ ଦିଏ
ରାଗିଥିଲେ ବସି ବୁଝାଉଥାଏ
ଥଟ୍ଟାମଜ୍ଜା କହି ହଲାଉଥାଏ ।

କହେ ନାହିଁ ଜମା ମିଛ
ବଂଧୁପରି ବଂଧୁ ସିଏ ମୋ ପାଇଁ
ଆଉ ସବୁ ତା'ର ପଛ ।

ସାଙ୍ଗ ହୋଇ ଆମେ ସ୍କୁଲ ଯାଉ
ଖେଳ ଛୁଟିବେଳେ ଏକାଠି ଖାଉ
ମନକଥା ଖୋଲି ଆଗରେ କହୁ

ଦିଏ ନାହିଁ ଜମା ଗାଳି
ବିପଦଆପଦେ ପାଖେ ମୋର ଥାଏ
ସିଏ ମୋ ପରାଣୁ ବଳି ।

ପ୍ରଶ୍ନ : ଆସ, ଏବେ କଥା ହେବା ଓ ଲେଖିବା :-

(କ) ଖାଇ ନଥିଲେ ବଂଧୁ କ'ଣ କରେ ?

ଉତ୍ତର : ________________________________

(ଖ) ତୁମେ ରାଗିଲେ ବଂଧୁ କ'ଣ କରିଥାଏ ?

ଉତ୍ତର : ________________________________

(ଗ) କିଏ ମିଛ କହେ ନାହିଁ ?

ଉତ୍ତର : ________________________________

(ଘ) ବିପଦଆପଦରେ କିଏ ପାଖରେ ଥାଏ ?

ଉତ୍ତର : ________________________________

ପ୍ରଶ୍ନ : (କ) ଥଟ୍ଟାମଜ୍ଜା ପରି ଆଉ କେତୋଟି ଯୋଡ଼ିଶବ୍ଦ ଜାଣିଛ ଲେଖ ।

ଉତ୍ତର : ________ ________ ________ ________ ________

(ଖ) ବିପଦଆପଦ ପରି ଆଉ କେତୋଟି ଯୋଡ଼ିଶବ୍ଦ ଜାଣିଛ ଲେଖ ।

ଉତ୍ତର : ________ ________ ________ ________ ________

**କାର୍ଯ୍ୟପତ୍ରିକା : ୫**

## ହାତୀର ବିଚାର

ଜମିଦାରଙ୍କର ହାତୀଟିଏ ଥିଲା । ମାହୁନ୍ତ ତା'ର ଦେଖାଶୁଣା କରେ । ତା'ର ଯତ୍ନ ନିଏ ଓ ସେବା କରେ । ଗାଁକୁ ଗାଁ ବୁଲି ପଇସା ରୋଜଗାର କରେ । ଧୀରେଧୀରେ ମାହୁନ୍ତ ବଡ଼ ଲୋଭୀ ହୋଇଗଲା । ମଝିରେମଝିରେ ହାତୀକୁ କମ୍ ଖାଇବାକୁ ଦେଲା, ତା'ର ଆଉ ଭଲ ଦେଖାରଖା କଲାନାହିଁ । ହାତୀଟି ରାଗିଯାଇ ମାହୁନ୍ତକୁ ଶୁଣ୍ଢରେ କଚାଡ଼ି ଦେଲା । କଚାଡ଼ିହୋଇ ପଡ଼ି ମାହୁନ୍ତର ଜୀବନ ଗଲା । ମାହୁନ୍ତର ସ୍ତ୍ରୀ ଓ ତିନୋଟି ପିଲା ଅସହାୟ ହୋଇ ପଡିଲେ । ସେମାନେ ଯାଇ ହାତୀ ପାଖରେ ବସି ରହି କାନ୍ଦିଲେ । କହିଲେ "ଏବେ ଆମେ କ'ଣ କରିବୁ, କେମିତି ବଞ୍ଚିବୁ, ଆମର ତ କିଛି ଖାଇବାକୁ ନାହିଁ, ଆମେ ବେସାହାରା ହୋଇଗଲୁ, ତୁ ହିଁ ଆମର ସାହାଭରସା'' । ହାତୀଟି ଚୁପ୍‌ଚାପ୍ ସବୁ କଥା ଶୁଣୁଥାଏ । ସେ ଜୀବଟିଏ ହେଲେ ବି ନିଷ୍ଠୁର ନଥିଲା । ସେ ଭାବିଲା ଏମାନେ ତ ତା'ର କିଛି ଦୋଷ କରି ନାହାଁନ୍ତି । ତା' ମନ ଭିତରେ ଦୟା ଭାବ ଆସିଲା, ସେମାନଙ୍କର ଦେଖାଶୁଣା କଲା । ସବୁଦିନେ ପିଲାମାନଙ୍କୁ ପିଠିରେ ବସାଇ ବୁଲାଇଲା, ଖେଳାଇଲା, ଫଳମୂଳ ଆଣି ଖାଇବାକୁ ଦେଲା । ହାତୀଟିଏ ହେଲେ ବି ତା'ର ମଣିଷପଣିଆ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା । ସେ ସାରାଜୀବନ ସେମାନଙ୍କର ସେବକ ହୋଇ ରହିଲା । ତା'ର ବିଚାରପଣିଆ ସମସ୍ତେ ଜାଣିଲେ । ଆମେ ମଧ୍ୟ ଏହିପରି ଅନ୍ୟମାନଙ୍କୁ ଦୟା ଦେଖାଇବା ଦରକାର ।

ଆସ, ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା :-

୧. ହାତୀଟି ମାହୁନ୍ତକୁ କାହିଁକି ମାରିଦେଲା ?

________________________________________

୨. ମାହୁନ୍ତର ସ୍ତ୍ରୀ ଓ ପିଲାମାନେ ହାତୀ ପାଖକୁ କାହିଁକି ଗଲେ ?

________________________________________

୩. ହାତୀଟି ସାରାଜୀବନ ସେମାନଙ୍କ ପାଖରେ କିପରି ରହିଲା ?

________________________________________

୪. ଆସ, ତଳ ଲେଖାରେ ଉପଯୁକ୍ତ ବିରାମ ଚିହ୍ନ ଦେବା :-

ଏବେ ଆମେ କଣ କରିବୁ କେମିତି ବଞ୍ଚିବୁ ଆମର ତ କିଛି ଖାଇବାକୁ ନାହିଁ ଆମେ ବେସାହାରା ହୋଇଗଲୁ ତୁହିଁ ଆମର ସାହା ଭରସା ।

୫. ଆସ, ଅନୁଚ୍ଛେଦଟିରେ ଥିବା ଯୋଡ଼ିଶବ୍ଦକୁ ଖୋଜି ବାହାର କରି ଲେଖିବା ।

________________________________________

________________________________________

୬.	ଯେପରି 'ବୁଲିବା'ରୁ 'ବୁଲାଇଲା' ହୁଏ ସେହିପରି :-

ନାଚିବା – ______________________________

ଖାଇବା – ______________________________

ଶୋଇବା– ______________________________

ଶୁଣିବା – ______________________________

ପିଇବା – ______________________________

୭.	'ଧୀରେ ଧୀରେ' ଏହିଭଳି ଆଉ କେଉଁ ଯୋଡ଼ିଶବ୍ଦ ତୁମେ ଜାଣିଛ ଲେଖ ।

______________________________

______________________________

୮.	କିଏ, କ'ଣ ଓ କେଉଁଠାରେ ଆଦି ଶବ୍ଦକୁ ଲଗାଇ ଅନୁଚ୍ଛେଦଟିରୁ ତିନୋଟି ପ୍ରଶ୍ନ ତିଆରି କରି ଲେଖ ।

______________________________

______________________________

______________________________

______________________________

୯.	'ହାତୀ' ଶବ୍ଦଟି 'ହସ୍ତୀ'ରୁ ଆସିଛି । 'ଘିଅ' ଶବ୍ଦଟି 'ଘୃତ'ରୁ ଆସିଛି, ସେହିପରି ତୁମେ ପଢ଼ିଥିବା ଆଉ କେତୋଟି 'ତତ୍‌ସମ ଶବ୍ଦ' ଓ 'ତତ୍‌ଭବ' ଶବ୍ଦ ଲେଖ ।

______________________________

______________________________

______________________________

______________________________

ବି.ଦ୍ର.: ଶିକ୍ଷକ/ଶିକ୍ଷୟିତ୍ରୀ ଶ୍ରେଣୀରେ ଏହି କାର୍ଯ୍ୟଗୁଡ଼ିକର ଅଭ୍ୟାସ ସମୟରେ ଦେଶଜ, ବୈଦେଶିକ ଶବ୍ଦକୁ ମଧ୍ୟ ଆଲୋଚନା କରିବେ ।

## କାର୍ଯ୍ୟପତ୍ରିକା : ୬

### ଅନୁଚ୍ଛେଦଟିକୁ ପଢ଼

ଗଙ୍ଗାନଦୀ ହିମାଳୟ ପର୍ବତରୁ ବାହାରି ବଙ୍ଗୋପସାଗରରେ ପଡ଼ିଛି । ଏଥିରେ ବର୍ଷସାରା ପାଣି ବହୁଥାଏ । ବିଭିନ୍ନ ଔଷଧୀୟ ବୃକ୍ଷଲତା ଖଣିଜ ପଦାର୍ଥ ସଂସ୍ପର୍ଶରେ ବହି ଆସୁଥିବାରୁ ଏହାର ପାଣି ଔଷଧ ପରି କାମ କରେ । ଏହାର ପାଣିରେ ଅନେକ ରୋଗ ଭଲ ହୋଇଥାଏ । ଏଥିରେ ଗାଧୋଇବା ପାଇଁ ବିଭିନ୍ନ ରାଜ୍ୟରୁ ପ୍ରତିବର୍ଷ ଲକ୍ଷଲକ୍ଷ ଲୋକ ଆସନ୍ତି । ଏଲ୍‌ହାବାଦ ବା ପ୍ରୟାଗଠାରେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନସ୍ଥାନକୁ ତ୍ରିବେଣୀସଙ୍ଗମ କୁହାଯାଏ । ହିନ୍ଦୁମାନେ ଏଠାରେ ମୃତ ପିତାମାତା ବା ସଂପର୍କୀୟଙ୍କର ଅସ୍ଥି ପକାନ୍ତି ଓ ପିଣ୍ଡଦାନ କରନ୍ତି । ଏହା ଭାରତର ବୃହତ୍ତମ ନଦୀ । ହିନ୍ଦୁମାନେ ଏହାକୁ 'ଗଙ୍ଗାମାତା' କହନ୍ତି ଓ ପୂଜା କରନ୍ତି ।

ଆସ, ଅନୁଚ୍ଛେଦଟିକୁ ନେଇ ତିନୋଟି ପ୍ରଶ୍ନ ତିଆରି କରିବା, ଯାହାର ଉତ୍ତର ଅନୁଚ୍ଛେଦଟିରେ ଥିବ ।
ଯେପରି ଗଙ୍ଗାନଦୀ କେଉଁଠାରୁ ବାହାରିଛି ?

________________________________________

________________________________________

________________________________________

________________________________________

________________________________________

ପ୍ରଶ୍ନ : ଯେପରି ସବୁଠାରୁ ବଡ ବୃହତ୍ତମ, ସେହିପରି :-

ସବୁଠାରୁ ସାନ ____________________

ସବୁଠାରୁ ସୁନ୍ଦର ____________________

ସବୁଠାରୁ ଦୀର୍ଘ ____________________

ସବୁଠାରୁ ମହତ୍ ____________________

ସବୁଠାରୁ ଜଟିଳ ____________________

ପ୍ରଶ୍ନ : ନିମ୍ନ ଶବ୍ଦକୁ ନେଇ ବାକ୍ୟ ଗଢ଼ିବା :-

ବୃକ୍ଷ –

ଖଣିଜ –

ଔଷଧ –

## କାର୍ଯ୍ୟପତ୍ରିକା : ୭

**ଗପଟିକୁ ପଢ଼ ଓ ପ୍ରଶ୍ନର ଉତ୍ତର ଦିଅ**

ଗୌରବ ଓ ସୌରଭ ଦୁଇ ଭାଇ । ପୁଷ୍ପାଞ୍ଜଳି ସେମାନଙ୍କର ସାନଭଉଣୀ । ରଜ ଦିନ ତା'ର ଜନ୍ମ । ତେଣୁ ରଜବେଳେ ପ୍ରତିବର୍ଷ ତା'ର ଜନ୍ମଦିନ ଧୁମ୍‌ଧାମ୍‌ରେ ପାଳିତ ହୁଏ । ଏ ବର୍ଷ ଦୁଇଭାଇ ଚିନ୍ତାକଲେ ପୁଷ୍ପାକୁ ତା'ର ଜନ୍ମ ଦିନରେ କ'ଣ ପ୍ରୀତି ଉପହାର ଦେବେ । ଗୌରବ କହିଲା, "ମୁଁ ଯେଉଁ ପଇସା ସଞ୍ଚୟ କରି ରଖିଛି, ସେଥିରେ ଜଗନ୍ନାଥ ମୂର୍ତ୍ତିଟିଏ ଆଉ ଗ୍ଲୋବଟିଏ ଦେବି । କାରଣ ସେ ଜଗତର ନାଥଙ୍କୁ ପୂଜା କରିବ ଆଉ ଗ୍ଲୋବ୍ ସାହାଯ୍ୟରେ ଭୂଗୋଳ ପଢ଼ିବ ।'' ସୌରଭ କହିଲା,'' ଭାଇ ମୁଁ ତାକୁ ଦୁଇଟି ଗଛ ଦେବି । ଆମ ଘର ତିଆରିବେଳେ ବାପା ବଗିଚାର ଗଛଗୁଡ଼ିକ କଟାଇ ଦେଇଥିଲେ । ସେଦିନ ସେ ବହୁତ ମନଦୁଃଖ କରିଥିଲା । ତେଣୁ ମୁଁ ତାକୁ ଗଛ ଦେଇ, ବଞ୍ଚେଇ ରଖିବାର ଦାୟିତ୍ୱ ଦେବି । ଗଛ ବଡ଼ ହେବ । ଫୁଲଫଳ ହେବ । ପରିବେଶ ସଫା ରହିବ । ଆଉ ସେ ମଧ୍ୟ ତା'ର ସାଙ୍ଗମାନଙ୍କ ଜନ୍ମ ଉତ୍ସବରେ ଗଛ ଉପହାର ଦେବାର ଅଭ୍ୟାସ କରିବ ।'' ଏତିକି କଥାରେ ଗୌରବ କହି ଉଠିଲା, "ଆରେ ବାଃ ! ଏଇ ଅଭ୍ୟାସ ଜାରି ରହିଲେ । ଆମ ପରିବେଶ ବହୁତ ବଦଳିଯିବ । ପରିବେଶ ବି ସବୁଜ ସୁନ୍ଦର ହୋଇପାରିବ ।''

ଏବେ ଆସ, ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବା । ଆଗ କହିବା ଓ ପରେ ଲେଖିବା :-

ପ୍ରଶ୍ନ : କ'ଣ କଲେ ଆମ ପରିବେଶ ସବୁଜ ସୁନ୍ଦର ହେବ ?

ଉତ୍ତର : ________________________________

ପ୍ରଶ୍ନ : ଗୌରବ ତା'ର ଭଉଣୀକୁ ଜନ୍ମ ଦିନରେ କ'ଣକ'ଣ ଉପହାର ଦେବାକୁ ସ୍ଥିର କଲା ?

ଉତ୍ତର : ________________________________

ପ୍ରଶ୍ନ : ଏହି ଗପଟିର ନାମଟିଏ ଦିଅ ।

ଉତ୍ତର : ________________________________

ଆସ, ଶବ୍ଦଗୁଡ଼ିକୁ ଭାଙ୍ଗି ଲେଖିବା ।

ଯେପରି - ପୁଷ୍ପାଞ୍ଜଳି = ପୁଷ୍ପ + ଅଞ୍ଜଳି

ସେପରି - ଜନ୍ମୋତ୍ସବ = __________ + __________

ଜଗନ୍ନାଥ = __________ + __________

ରଜୋତ୍ସବ = __________ + __________

ଆସ, ଏହାକୁ ସରଳ କରି ଲେଖିବା :-

ଯେପରି ଗୌରବ = ଗଉରବ

ସେହିପରି ସୌରଭ =

ଜନ୍ମ =

## କାର୍ଯ୍ୟପତ୍ରିକା : ୮

**ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ ।**

ଶକ୍ତିମାନ, ତାଡ଼କା, ଅଗାଡ଼ି ସମ୍ବଳ, କୁଶ, ପ୍ରେରଣା, ଆବଦ୍ଧ, ଅଜର, ଅବତାର, ଅନ୍ଧ, ନଦୀ, ବଲୁଆ, କ୍ଷଣିକ, ଆରିସା, ଇଞ୍ଜିନ୍, ହୁସିଆର, ଚଷମା, ହାକୁଟି, ଛାଞ୍ଚୁଣି

ପ୍ରଶ୍ନ-୧ ଆସ, ଏଗୁଡ଼ିକୁ ଓଡ଼ିଆ ଅଭିଧାନର ନିୟମ କ୍ରମରେ ସଜାଇ ଲେଖିବା :-

______________________________

______________________________

______________________________

ପ୍ରଶ୍ନ-୨ ଏହି ଶବ୍ଦଗୁଡ଼ିକରୁ ବିଶେଷ୍ୟପଦକୁ ବାଛି ଲେଖିବା :-

______________________________

______________________________

ପ୍ରଶ୍ନ-୩ ଏହି ଶବ୍ଦଗୁଡ଼ିକରୁ ବିଶେଷଣପଦକୁ ବାଛି ଲେଖିବା :-

______________________________

______________________________

ପ୍ରଶ୍ନ-୪ ଉପରେଥିବା ଶବ୍ଦଗୁଡ଼ିକରୁ ଦେଶଜ ଶବ୍ଦଗୁଡ଼ିକୁ ବାଛି ଲେଖିବା :-

______________________________

______________________________

ପ୍ରଶ୍ନ-୫ ଉପରେଥିବା ଶବ୍ଦଗୁଡ଼ିକରୁ ବୈଦେଶିକ ଶବ୍ଦଗୁଡ଼ିକୁ ବାଛି ଲେଖିବା :-

______________________________

______________________________

## କାର୍ଯ୍ୟପତ୍ରିକା : ୯

**ପ୍ରଶ୍ନଗୁଡ଼ିକ ପଢ଼ି ଉତ୍ତର ଲେଖ :-**

ଆସ, ଆମେ କଥାବାର୍ତ୍ତା ହେବା ।

ପ୍ରଶ୍ନ-୧ ଓଡ଼ିଶାର ବଡ଼ ଠାକୁର କିଏ ?

ଉତ୍ତର: ______________________________

ପ୍ରଶ୍ନ-୨ ତାଙ୍କ ମନ୍ଦିର କେଉଁଠି ରହିଅଛି ?

ଉତ୍ତର: ______________________________

ପ୍ରଶ୍ନ-୩ ତାଙ୍କ ସାଙ୍ଗରେ ଆଉ କିଏ ରୁହନ୍ତି ?

ଉତ୍ତର: ______________________________

ପ୍ରଶ୍ନ-୪ ତାଙ୍କର କେତୋଟି ପର୍ବର ନାମ କୁହ ? ତା' ମଧ୍ୟରୁ ବଡ଼ ପର୍ବଟି କ'ଣ ?

ଉତ୍ତର: ______________________________

ପ୍ରଶ୍ନ-୫ ଏହି ପର୍ବଟି କେବେ ପଡ଼େ ?

ଉତ୍ତର: ______________________________

ପ୍ରଶ୍ନ-୬ ଏହି ପର୍ବରେ କ'ଣ ସବୁ କାର୍ଯ୍ୟ କରାଯାଏ ?

ଉତ୍ତର: ______________________________

ପ୍ରଶ୍ନ-୭ ସେମାନେ କେଉଁଠୁ କେଉଁଠାକୁ ଯାଆନ୍ତି ?

ଉତ୍ତର: ______________________________

ପ୍ରଶ୍ନ-୮ ସେମାନେ ସେଠାକୁ କିପରି ଯାଆନ୍ତି ?

ଉତ୍ତର: ______________________________

ପ୍ରଶ୍ନ-୯ ସେଠି କେତେ ଦିନ ରୁହନ୍ତି ?

ଉତ୍ତର: ______________________________________________

ପ୍ରଶ୍ନ-୧୦ ଏହି ପର୍ବଟିର କାର୍ଯ୍ୟକୁ ତୁମେ କେମିତି ଦେଖୁଛ ?

ଉତ୍ତର: ______________________________________________

ପ୍ରଶ୍ନ-୧୧ ତୁମ ସାଇପଡ଼ିଶା ଓ ଅନ୍ୟ ଲୋକମାନେ ମଧ୍ୟ ଏହାକୁ କେମିତି ଦେଖନ୍ତି ?

ଉତ୍ତର: ______________________________________________

ପ୍ରଶ୍ନ-୧୨ ଏହି ଯାତ୍ରା ଦେଖିବାକୁ କେଉଁଠାରୁ ଲୋକମାନେ ଆସନ୍ତି ?

ଉତ୍ତର: ______________________________________________

ପ୍ରଶ୍ନ-୧୩ ଏହି ଯାତ୍ରାଟି କ'ଣ ବାର୍ତ୍ତା ଦେଇଥାଏ ?

ଉତ୍ତର: ______________________________________________

ଉପରେ ଲେଖାଥିବା ଉତ୍ତରଗୁଡ଼ିକୁ ଏକାଠି କରି ଅନୁଚ୍ଛେଦଟିଏ ଲେଖ ଓ ତା'ର ନାମ ଦିଅ ।

## କାର୍ଯ୍ୟପତ୍ରିକା : ୧୦

**ବନ୍ଧନୀ ଭିତରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ?**
**ପଢ଼ିବା ଓ ସୂଚନା ଅନୁସାରେ ଠିକ୍ ଶବ୍ଦ ଲେଖିବା :-**

୧. ମୁଁ ତାଙ୍କ କଥାକୁ ଅନୁସରଣ ______________ ।
(କରିବ, କଲି, କଲା, କରୁଛ)

୨. ସୌରଭ, ତୁମେ କିପରି ______________ ?
(ଅଛ, ଅଛି, ଅଛୁ, ଅଛନ୍ତି)

୩. ଶିକ୍ଷକ ଗତକାଲି ଆମକୁ ଜ୍ୟାମିତି ______________ ।
(ପଢ଼ାଇବେ, ପଢ଼ାନ୍ତି, ପଢ଼ିଛନ୍ତି, ପଢ଼ାଇଥିଲେ)

୪. ଶେଷ ଜୀବନରେ ଶିବାଜୀଙ୍କୁ ରାଜଦଣ୍ଡ ଭୋଗିବାକୁ ______________ ।
(ପୁଡୁଥିଲେ, ପଡ଼ିଥିଲେ, ପଡ଼ିଥିଲା, ପଡ଼ିଲେ)

୫. ଆସନ୍ତା କାଲି ଆମ ଗାଁରେ ସଭା ______________ ।
(ହୋଇଥିଲା, ହୋଇଥିବ, ହେଲା, ହେବ)

## କାର୍ଯ୍ୟପତ୍ରିକା : ୧୧

**ଆସ, ପଢ଼ିବା ଓ ବନ୍ଧନୀ ଭିତରୁ ଠିକ୍ ଶବ୍ଦ ବାଛି ଖାଲି ଜାଗାରେ ଲେଖିବା :-**

୧. ସେ ଜାହାଜରେ ବସି କୋଲକତାରେ ପହଞ୍ଚିଥିଲେ । ବାକ୍ୟରେ ______________ ପଦଟି କ୍ରିୟାପଦ ।
(ଜାହାଜ, ବସି, କୋଲକତା, ପହଞ୍ଚିଲେ)

୨. ଶିକ୍ଷକ ଛାତ୍ରଦ୍ୱାରା ବହି ଅଣାଇଲେ । ଏଠାରେ ______________ କର୍ତ୍ତାପଦ ।
(ଶିକ୍ଷକ, ଛାତ୍ର, ବହି, ଅଣାଇଲେ)

୩. ଜୋର ଯା'ର ମୂଲକ ତା'ର । ଏଠାରେ ______________ ସର୍ବନାମ ପଦ ଅଟେ ।
(ଜୋର, ଯା'ର, ମୂଲକ, ତା'ର)

୪. ଭୁବନେଶ୍ୱର ଆମ ରାଜ୍ୟର ରାଜଧାନୀ । ଏଠାରେ ଭୁବନେଶ୍ୱର ଶବ୍ଦଟି ______________ ପଦ ।
(ବିଶେଷ୍ୟ, ସର୍ବନାମ, ବିଶେଷଣ, କ୍ରିୟା)

୫. ସେ ଭାରି ଭଲ ପିଲା । ଏଠାରେ ଭଲ ଶବ୍ଦଟି ______________ ପଦ ।
(ବିଶେଷ୍ୟ, ସର୍ବନାମ, ବିଶେଷଣ, କ୍ରିୟା)

## କାର୍ଯ୍ୟପତ୍ରିକା : ୧୨

**ନିମ୍ନରେ ଥିବା ଶବ୍ଦଗୁଡ଼ିକୁ ନେଇ ଗୋଟିଏ ଅନୁଚ୍ଛେଦ ଲେଖ ଓ ତା'ର ନାମକରଣ କର ।**

ପଥର, ଗଛ, ଖରାବେଳ, ଜାଲ, ତୀର, ମୁଣି, ବାଣୁଆ, ଧନୁ, ଚଢ଼େଇ, ବଣ, ଖାଦ୍ୟ ।

## କାର୍ଯ୍ୟପତ୍ରିକା : ୧୩

**ପଢ଼ିବା ଓ ଠିକ୍ ଉତ୍ତର ବାଛି ଲେଖିବା :-**

୧. ଆମେ ପ୍ରତିଦିନ ______________________ ରହିବା ଉଚିତ୍ ।
(ପରିଷ୍କାର, ପରିସ୍କାର, ପରୀଷ୍କାର, ପରିଶ୍କାର)

୨. ପ୍ରଧାନବାବୁ ସମସ୍ତଙ୍କ ନିକଟରେ ଅତି ______________________ ।
(ବିଶ୍ୱସ୍ତ, ବୀଶ୍ୱସ୍ତ, ବିଶୃସ୍ଥ, ବିସ୍ୱସ୍ଥ)

୩. ଜଣ୍ଡିସ୍ ରୋଗ ବ୍ୟାପିବାରୁ ସମ୍ବଲପୁରବାସୀ ଉଚ୍ଚ ______________________ ଙ୍କୁ ଜଣାଇଲେ ।
(କର୍ତ୍ତୁପକ୍ଷ, କର୍ତ୍ତୂପକ୍ଷ, କର୍ତ୍ତୃପକ୍ଷ, କ୍ରର୍ତ୍ତୃପକ୍ଷ)

୪. ରବୀନ୍ଦ୍ର ମଣ୍ଡପରେ ______________________ କାର୍ଯ୍ୟକ୍ରମ ଦେଖି ଦର୍ଶକ ଖୁସି ହେଲେ ।
(ସାଂସ୍କୃତିକ, ଶାଂସ୍କୃତିକ, ସାଂସ୍କୃତିକ, ସାଂସ୍କ୍ରୁତିକ)

୫. ଜାତୀୟକବି ବୀରକିଶୋରଙ୍କ ଲେଖାରେ ଦେଶଭକ୍ତିର ______________________ ରହିଛି ।
(ବିଷେଷତ୍ୱ, ବିଶେଷତ୍ୱ, ବିସେଷତ୍ୱ, ବିଶେସତ୍ୱ)

## କାର୍ଯ୍ୟପତ୍ରିକା : ୧୪

**ପଢ଼ିବା ଓ ସୂଚନା ଅନୁସାରେ ଲେଖିବା :-**

**ରଜପର୍ବ ଏକ ସାମାଜିକ ପର୍ବ ।**
ଏଠାରେ ସାମାଜିକ ଶବ୍ଦଟି ସମାଜ + ଇକ ମିଶି ଗଠିତ ହୋଇଛି ।
ଆସ, ସେହିପରି ତଳ ଶବ୍ଦଗୁଡ଼ିକୁ ଲେଖିବା ଓ ବାକ୍ୟ ଗଢ଼ିବା ।

ବ୍ୟାବହାରିକ -

ସାମୟିକ -

ମାନସିକ -

ବ୍ୟବସାୟିକ -

ପ୍ରାଦେଶିକ -

ଦୈନିକ -

## କାର୍ଯ୍ୟପତ୍ରିକା : ୧୫

**ଅନୁଚ୍ଛେଦଟିକୁ ପଢ଼ :-**

ଜାତୀୟକବି ବୀରକିଶୋର ଆମ ରାଜ୍ୟର । ଗୋରା ସରକାର ବିରୋଧରେ ସେ ଗୀତ ରଚନା କରୁଥିଲେ । ତାଙ୍କ ଲେଖାରେ ଏତେ ଶକ୍ତି ଥିଲା ଯେ ସାଧାରଣ ଲୋକ ଶୁଣି ତାତି ଉଠୁଥିଲେ । ଗୁଳିଗୋଳାକୁ ଖାତିର ନ କରି ସଭିଁଏ ଗୋରା ସରକାରଙ୍କୁ ତଡ଼ିବାକୁ ଆଗେଇ ଆସିଲେ । ପିଲାମାନେ ମଧ୍ୟ ଏଥିରୁ ବାଦ୍ ଯାଉ ନଥିଲେ । ସେମାନେ ବାନରସେନା ସାଜି ପତାକା ଧରି ମାତି ଉଠୁଥିଲେ । ତାଙ୍କ କବିତାର ଶକ୍ତି ଗୁଳିଠାରୁ ଅଧିକ ଥିଲା । ଶେଷରେ ଗୋରାଶାସକ ଆଉ ରହିପାରିଲେ ନାହିଁ । ଆମ ଦେଶ ଛାଡ଼ି ଚାଲିଗଲେ । ଆମ ଦେଶର ଶାସନରେ ଆଜି ଆମେ ସବୁ ଭାଗୀଦାର । ଆମେ ଆଜି ସ୍ୱାଧୀନ । ଆମରି ହାତରେ ଆମ ଶାସନର ଡୋରୀ ।

ଆସ, ତଳ ପ୍ରଶ୍ନର ଉତ୍ତର ଲେଖିବା :-

ପ୍ରଶ୍ନ: ଜାତୀୟକବି ବୀରକିଶୋର କେଉଁ ରାଜ୍ୟର ?

ଉତ୍ତର: ଜାତୀୟକବି ବୀରକିଶୋର ଆମ ରାଜ୍ୟର ଅଟନ୍ତି ।

ଏହିଭଳି ଆଉ କେତେ ଗୁଡ଼ିଏ ପ୍ରଶ୍ନ ଅନୁଚ୍ଛେଦରୁ ତିଆରି କରିବା, ଯାହାର ଉତ୍ତର ଅନୁଚ୍ଛେଦଟିରେ ଥିବ ।

____________________

____________________

____________________

____________________

____________________

ପ୍ରଶ୍ନ: ଯେପରି 'ସ୍ୱାଧୀନ' ର ବିପରୀତ ଅର୍ଥ ସୂଚାଉଥିବା ଶବ୍ଦ 'ପରାଧୀନ', ସେହିପରି ନିମ୍ନ ଶବ୍ଦଗୁଡ଼ିକର ବିପରୀତ ଅର୍ଥ ସୂଚାଉଥିବା ଶବ୍ଦ ଲେଖ ।

ଆଗେଇ -

ମିତ୍ର -

ଖାତିର -

ଜାତୀୟ -

ଶେଷ -

## କାର୍ଯ୍ୟପତ୍ରିକା : ୧୬

**ଆସ ପଢ଼ିବା, ସୂଚନା ଅନୁସାରେ ବନ୍ଧନୀ ଭିତରୁ ଶବ୍ଦ ବାଛି ଲେଖିବା :-**

୧. ମୋ ସାଙ୍ଗଟି ଆସିଲା _______________ ମୋତେ ଦେଖାକଲା ନାହିଁ ।
(ତଥାପି, କିମ୍ବା, ଏଣୁ, ଏବଂ, କିନ୍ତୁ)

୨. ତୁମେ ହାରିଗଲ, _______________ ତୁମେ ସର୍ତ୍ତ ମାନିବାକୁ ବାଧ୍ୟ ।
(କାରଣ, ପୁଣି, ଏଣୁ କିମ୍ବା)

୩. ତୁମେ ଆସିବ _______________ ତୁମ ଭାଇକୁ ପଠାଇବ ।
(କିନ୍ତୁ, କିମ୍ବା, ତେଣୁ, ତଥାପି)

୪. ସୀତା _______________ ଗୀତା ନାଚୁଛନ୍ତି ।
(କିନ୍ତୁ, ତେଣୁ, ତଥାପି, ଏବଂ)

୫. ସେ ଭଲ ଗୀତ ଗାଇଲା _______________ ପୁରସ୍କାର ପାଇଲା ନାହିଁ ।
(ପୁଣି, ଓ, ତଥାପି, କିମ୍ବା)

## କାର୍ଯ୍ୟପତ୍ରିକା : ୧୭

**ଆସ, ପଢ଼ିବା, ବନ୍ଧନୀ ଭିତରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କରିବା :-**

୧. ଯିଏ ଦେଖିପାରେ ନାହିଁ ସେ _______________ ।
(କାଲ, ବଧିର, ଛୋଟା, ଅନ୍ଧ)

୨. ଯାହାର ଓଜନ ବେଶୀ ସେ _______________ ।
(ହାଲକା, ନରମ, ତରଳ, ଓଜନିଆ)

୩. ଯାହା ପାଖରେ ଧନ ଅଛି ସେ _______________ ।
(ଧନଶୂନ୍ୟ, ଧନୀ, ଧନହୀନ, ଗରିବ)

୪. ଯିଏ ଶଙ୍ଖା ବିକେ ସେ _______________ ।
(ଶଙ୍ଖୁଆ, ଶଙ୍ଖାରି, ଶଙ୍ଖ, ଶଙ୍ଖାଳି)

## କାର୍ଯ୍ୟପତ୍ରିକା : ୧୮

**ତଳେ ଦିଆଯାଇଥିବା କବିତାଟି ଆବୃତ୍ତି କରିବା :-**

ସଇନିକଟିଏ ହେବିରେ ମୁହିଁ
ଦେଶକୁ ସୁରକ୍ଷା ଦେବାର ପାଇଁ ।
ରହିଥିବି ସଦା ଜାଗରତ
ବଇରି କରିବି ନିତି ହତ ।

ହାତ ଠାରି ଡାକେ ମାଟିମାଆ
ତା' ଦୁଃଖରେ ନିତି ହେବି ଠିଆ
ତା' ଲାଗି ଜୀବନ ଦେବାପାଇଁ
ଜନମ ଲଭିବି ସଦା ମୁହିଁ ।

ପ୍ରଶ୍ନ: 'ସଇନିକ' ଶବ୍ଦକୁ ଆମେ ଗଦ୍ୟରେ 'ସୈନିକ' ବୋଲି ଲେଖିପାରିବା । ସେହିପରି ତଳ ଶବ୍ଦଗୁଡ଼ିକ ଲେଖିବା ।

ଦଇନିକ ______________________

ନଇତିକ ______________________

ବଇଠକ ______________________

ପ୍ରଶ୍ନ: ଆସ, କଥା ହେବା ଓ ଲେଖିବା ।

(କ) ମୁଁ ସୈନିକ ହେଲେ କ'ଣ କରିବି ?

______________________________________________

(ଖ) କେଉଁ କାମରେ ସୈନିକ ପଛଘୁଞ୍ଚା ଦିଏ ନାହିଁ ?

______________________________________________

ପ୍ରଶ୍ନ: ପଦ ପୂରଣ କରି ଲେଖିବା ।

(କ) ରହିଥିବି ମୁଁ ______________________

______________________ କରିବି ନିତି ହତ ।

(ଖ) ତା' ଲାଗି ଜୀବନ ଦେବାପାଇଁ

______________________________

## କାର୍ଯ୍ୟପତ୍ରିକା : ୧୯

**ଆସ, ପଢ଼ିବା ଓ ତଳ ଶବ୍ଦ ପରି ଶବ୍ଦ ଗଢ଼ିବା :-**

ଯେମିତି ଆମେ 'ଗଲେ' କ୍ରିୟାପଦକୁ 'ଗମନକଲେ' ବୋଲି ମଧ୍ୟ ଲେଖିଥାଉ, ସେହିପରି ନିମ୍ନରେ ଥିବା କ୍ରିୟାପଦଗୁଡ଼ିକୁ ଆସ ଲେଖିବା -

ଶୁଣିଲେ -

ପଢୁଛି -

କାଟିବା -

ରଖିବା -

କାନ୍ଦୁଛି -

## କାର୍ଯ୍ୟପତ୍ରିକା : ୨୦

**ଅନୁଚ୍ଛେଦଟିକୁ ପଢ଼ିବା ଓ ତଳ ପ୍ରଶ୍ନର ଉତ୍ତର ଲେଖିବା :-**

ଜଙ୍ଗଲିଆ ସ୍ଥାନ । ପାଖରେ ବହି ଯାଉଥାଏ ନଈଟିଏ । ନଈକୂଳର ଜମିରେ ଲୋକମାନେ ପନିପରିବା ଚାଷ କରନ୍ତି । ଦିନକର କଥା । ବୁଢ଼ୀଟିଏ ନିଜ କ୍ଷେତରୁ ପନିପରିବା ତୋଳି ଅଖାରେ ରଖିଲା । କ୍ଷେତଠାରୁ ବୁଢ଼ୀର ଘର ଟିକିଏ ଦୂରରେ । ସଂଜ ହୋଇ ଆସୁଥାଏ । ଘରକୁ ଫେରିବାକୁ ସେ ତରତର । ପରିବା ଅଖାଟି ଓଜନିଆ ହୋଇଥିବାରୁ ସେ ଏକା ମୁଣ୍ଡ ଉପରକୁ ଉଠାଇ ପାରୁନଥାଏ । କିଏ ଜଣେ ଆସିଲେ ଟିକିଏ ମୁଣ୍ଡ ଉପରକୁ ଟେକି ଦିଅନ୍ତା, ଏହି କଥା ଭାବୁଥାଏ । ଅନେକ ଲୋକ ସେହି ବାଟ ଦେଇ ଯାଉଥିଲେ ବି ବୁଢ଼ୀ କଥା କେହି ଶୁଣନ୍ତି ନାହିଁ କି ତା' ଆଡ଼କୁ ଅନାନ୍ତି ନାହିଁ । ବହୁ ସମୟ ପରେ ମଟର ସାଇକେଲରେ ଯାଉଥିବା ବାବୁ ଜଣେ ଆସିଲେ । ବୁଢ଼ୀ ହାତ ଦେଖାଇ ରହିବାକୁ କହିଲା । ବାବୁ ଜଣଙ୍କ ଅଟକି ଯାଇ ବୁଢ଼ୀ କଥା ଶୁଣିଲେ ଓ ତା' ମୁଣ୍ଡ ଉପରକୁ ଅଖାଟିକୁ ଟେକି ଦେଲେ । ବୁଢ଼ୀର ଖୁସି କିଏ ବା ଦେଖେ । ବୁଢ଼ୀଟି ବାବୁଙ୍କୁ ଅନେକ କଲ୍ୟାଣ କରି ଧୀରେଧୀରେ ଘରକୁ ଫେରିଲା ।

ପ୍ରଶ୍ନ: ଧୀରେଧୀରେ, ତରତର ପରି ତୁମେ ଜାଣିଥିବା ଆଉ କେତୋଟି ଯୋଡ଼ିଶବ୍ଦ ଲେଖ ।

ଉତ୍ତର: ______________________________

ପ୍ରଶ୍ନ: ଆସ, କଥା ହେବା ଓ ଲେଖିବା :-

(କ) ଲୋକମାନେ କେଉଁଠାରେ ପନିପରିବା ଚାଷ କରନ୍ତି ?

ଉତ୍ତର: ______________________________

(ଖ) ବୁଢ଼ୀ ପରିବା ଅଖାଟି କାହିଁକି ମୁଣ୍ଡକୁ ଟେକି ପାରୁନଥାଏ ?

ଉତ୍ତର: ____________________________________________

(ଗ) ବୁଢ଼ୀ କେତେବେଳେ ଖୁସୀ ହୋଇ ଉଠିଲା ?

ଉତ୍ତର: ____________________________________________

(ଘ) ବୁଢ଼ୀ ବାବୁଙ୍କୁ କଲ୍ୟାଣ କଲା କାହିଁକି ?

ଉତ୍ତର: ____________________________________________

## କାର୍ଯ୍ୟପତ୍ରିକା : ୨୧

**ପଢ଼ିବା ଓ ସୂଚନା ଅନୁସାରେ କାମ କରିବା :-**

୧. ଆଗେ କଏଦୀମାନଙ୍କୁ 'କଳାପାଣି' ପାର କରାଯାଇଥିଲା । ବାକ୍ୟରେ କଳାପାଣି ଶବ୍ଦକୁ କେଉଁ ଚିହ୍ନଦ୍ୱାରା ଚିହ୍ନାଯାଇଛି ?

______________________________

(କମା, ପ୍ରଶ୍ନବାଚକ, ଉଦ୍ଧୃତଚିହ୍ନ, ପୂର୍ଣ୍ଣଚ୍ଛେଦ)

୨. ଡ଼ାକ୍ତରବାବୁ (,) ମୋତେ ବଞ୍ଚାନ୍ତୁ । ବନ୍ଧନୀ ଭିତରେ ଥିବା ଚିହ୍ନଟି ______________________________
(ପ୍ରଶ୍ନବାଚକ, ବିନ୍ଦୁ, କମା, ଉଦ୍ଧୃତ ଚିହ୍ନ)

୩. କର୍ତ୍ତବ୍ୟପରାୟଣତା ଏକ ଭଲଗୁଣ (ବାକ୍ୟ ଶେଷରେ କେଉଁ ଚିହ୍ନ ଲାଗିବ ?
( ?, ;, , ।)

୪. ତୁମର ନାମ କ'ଣ ? (ବାକ୍ୟ ଶେଷରେ ଦିଆଯାଇଥିବା ଚିହ୍ନଟି କେଉଁ ଚିହ୍ନ ______________________________ ।
(ପୂର୍ଣ୍ଣଚ୍ଛେଦ, ପ୍ରଶ୍ନବାଚକ, କମା, ସେମିକଲୋନ)

୫. କଥାରେ ଅଛି "ସତ୍ୟର ଜୟ" । ସତ୍ୟର ଜୟକୁ କେଉଁ ଚିହ୍ନରେ ଦେଖାଇ ଦିଆଯାଇଛି । ______________________________
(କମା, ସେମିକଲୋନ, ପୂର୍ଣ୍ଣଚ୍ଛେଦ, ଉଦ୍ଧୃତଚିହ୍ନ)

## କାର୍ଯ୍ୟପତ୍ରିକା : ୨୨

**ପଢ଼ିବା ଓ ଠିକ୍ ଶବ୍ଦଟିକୁ ବାଛି ଲେଖିବା :-**

୧. ରୀତା ତା' ____________________ ଗେହ୍ଲା ଝିଅ ।

(ବାପା, ବାପାଙ୍କୁ, ବାପାଙ୍କର, ବାପାଙ୍କଠାରୁ)

୨. ଭାତ ____________________ ପ୍ରଧାନ ଖାଦ୍ୟ ଅଟେ ।

(ଆମପାଇଁ, ଆମକୁ, ଆମଠାରେ, ଆମର)

୩. ____________________ ରଙ୍ଗ ନୀଳ ।

(ଆକାଶର, ଆକାଶକୁ, ଆକାଶରୁ, ଆକାଶଠାରେ)

୪. ଶିକ୍ଷକ ମିତାକୁ ପଚାରିଲେ ____________________ କି ଅସୁବିଧା ହେଲା ?

(ତୁମଦ୍ୱାରା, ତୁମର, ତୁମକୁ, ତୁମଠାରେ)

୫. ରାସ୍ତାରେ ଥିବା କାରଟି ____________________ ।

(ରାମବାବୁ, ରାମବାବୁଙ୍କର, ରାମବାବୁଙ୍କଠାରେ, ରାମବାବୁଙ୍କଦ୍ୱାରା)

## କାର୍ଯ୍ୟପତ୍ରିକା : ୨୩

**ତଳେ ଦିଆଯାଇଥିବା କବିତାଟିକୁ ପଢ଼ :-**

ମୁନି କହୁଥିଲା ମୁନା ଆଗେ ଦିନେ
ଦୁନିଆରେ ବଡ଼ କିଏ ?
ବୁଝାଇ କହଇ ମୁନି ଆଗେ ମୁନା
ଜାଣିନୁ କି ବୋକୀଟାଏ !

ଆଜିଯାଏ ଯେତେ ଦେଖିଲେଣି ଆମେ
ମାଆ ପରି କିଏ ହେବ,
ଅଳି ଅରଦଳି ରାଗରୋଷ ସବୁ
ତା'ପରି କିଏ ସହିବ ?

ନାହିଁ ତା' ମନରେ ହିଂସା, ରାଗ, ସ୍ୱାର୍ଥ
ନାହିଁ ପାତର ଅନ୍ତର,
ତ୍ୟାଗ ବଦଳରେ କିଛି ଚାହେଁ ନାହିଁ
ତା' ମନ ଅତି ସରଳ ।

ପ୍ରଶ୍ନ: ଅଳି ଅରଦଳି ପରି କବିତାଟିରେ ଆଉ କିକି ଶବ୍ଦ ଅଛି, ବାଛି ଲେଖ ।

ଉତ୍ତର: ______________________________

ପ୍ରଶ୍ନ: ଆସ, କଥା ହେବା ଓ ଲେଖିବା :-

(କ) ମା' କ'ଣ ସବୁ ସହିଯାଏ ?

ଉତ୍ତର: ______________________________

(ଖ) ମା' ମନରେ କେଉଁ କଥା ସବୁ ସ୍ଥାନ ପାଇନଥାଏ ?

ଉତ୍ତର: ______________________________

## କାର୍ଯ୍ୟପତ୍ରିକା : ୨୪

**ଆସ ଠିକ୍ ବନାନରେ ଥିବା ଶବ୍ଦଟିକୁ ବନ୍ଧନୀ ଭିତରୁ ବାଛି ଲେଖିବା :-**

୧. ବର୍ଷାଦିନେ ମେଘ ରଡ଼ି ଶୁଣି ______________ ଗର୍ଜନ୍ତି ।

(ମଣ୍ଡୂକ, ମଣ୍ଡୁକ, ମଣ୍ଡୁକ, ମଣ୍ଡୂକ)

୨. ପଦ୍ମ ଆମର ______________ ଫୁଲ ଅଟେ ।

(ଜାତୀୟ, ଜାତିୟ, ଯାତୀୟ, ଯାତିୟ)

୩. ବର୍ତ୍ତମାନ ଆମେ ______________ ସଭ୍ୟତାଦ୍ୱାରା ପ୍ରଭାବିତ ।

(ପଶ୍ଚ୍ୟତ୍ୟ, ପାଶ୍ଚାତ, ପାଶ୍ଚ୍ୟାତ, ପାଶ୍ଚାତ୍ୟ)

୪. ସମାଜରେ ______________ ଏକ ବ୍ୟାଧି ଅଟେ ।

(ଅସ୍ପୃଶ୍ୟତା, ଅଶ୍ପୃଶ୍ୟତା, ଅସ୍ପୃସ୍ୟତା, ଅସ୍ପୃଷ୍ୟତା)

୫. ଉପକାରୀର ନିନ୍ଦା ______________ ବ୍ୟକ୍ତି କରେ ।

(କୃତଘ୍ନ, କୃର୍ତଘ୍ନ, କୁର୍ତଘ୍ନ, କ୍ରୁତଘ୍ନ)

## କାର୍ଯ୍ୟପତ୍ରିକା : ୨୫

**ଠିକ୍ ଶବ୍ଦଟିକୁ ବାଛି ଲେଖିବା :-**

୧. ଅଦାଲତରେ ଲୋକ ______________________ ଭରପୂର ହୋଇ ରହିଥାନ୍ତି ।

(ଗୁଡ଼ିକ, ମାନେ, ଗଣ, ସମୂହ)

୨. ଗୋପାଳ ପିଲା ______________________ ବଂଶୀ ବଜାଉଛି ।

(ଅନେକ, ଗୁଡ଼ାଏ, ମାନେ, ଟିଏ)

୩. ଲୋକ ______________________ ମାଟି ଚକଟୁଛି ।

(ଦଳ, ଗୁଡ଼ିକ, ଟି, ପଲ)

୪. ଆମେ ______________________ ତାକୁ ସାହାଯ୍ୟ କରିବୁ ।

(ଗୁଡ଼ାକ, ଦଳେ, ମାନେ, ଟିଏ)

୫. ଏବେ ଖେଳରେ ______________________ ସଂଖ୍ୟାରେ ମହିଳା ଯୋଗ ଦେଉଛନ୍ତି ।

(ଗୁଡ଼ିଏ, ବହୁ, ଏକ, ଜଣ)

## କାର୍ଯ୍ୟପତ୍ରିକା : ୨୬

**ପଦ୍ୟଟିକୁ ପଢ଼ିବା ଓ ପ୍ରଶ୍ନ ଉତ୍ତର ସୂଚନା ଅନୁସାରେ କରିବା :-**

"ନଈର ଏକ କୂଳେ
ଶେଫାଳି ଫୁଲ ଆକୁଳ କରି
ଫୁଟିଚି ଯାଇ ଦୂରେ ।
ମଧୁର ତା'ର ମହକ ରାଶି
ପବନ ସାଥେ ଆସୁଚି ଭାସି
ଆବେଶ-ଭୋଳ
ଚିତ୍ତ ମୋର
ତାହାରି ସାଥେ ଘୂରେ ।"

ପ୍ରଶ୍ନ-୧ ଗାର ଦିଆଯାଇଥିବା ଶବ୍ଦକୁ ବଦଳାଇ ବନ୍ଧନୀ ମଧ୍ୟରୁ ସମାନ ଅର୍ଥବୋଧକ ଶବ୍ଦକୁ ପ୍ରୟୋଗ କର ।
(ସମୀର, ତୀରେ, ବିକଳ, ମନ୍ଦ, ସୁବାସ, କୁସୁମ)

ପ୍ରଶ୍ନ-୨ ଆସ, ଏହି ପଦ୍ୟରେ ଥିବା ଅସମାପିକାକ୍ରିୟାକୁ ଚିହ୍ନିବା ଓ ଲେଖିବା ଯେପରି - କରି

ସେପରି : ______________________________________________

ପ୍ରଶ୍ନ-୩ ଆଉ କିଛି ଅସମାପିକାକ୍ରିୟା ମନରୁ ଭାବି ଲେଖିବା ।

ଉତ୍ତର: ________________________________________________

________________________________________________

ପ୍ରଶ୍ନ-୪ ଯେପରି 'କର' ଅସମାପିକାକ୍ରିୟାକୁ ସମାପିକାକ୍ରିୟାରେ ପରିଣତ କଲେ - 'କରିବା' ହେବ
ସେପରି ତୁମେ ଲେଖିଥିବା ଅସମାପିକାର ସମାପିକାକ୍ରିୟାର ରୂପ ଲେଖ ।

ଉତ୍ତର: ________________________________________________

________________________________________________

## କାର୍ଯ୍ୟପତ୍ରିକା : ୨୭

**ଆସ ପଢ଼ିବା ଓ ଲେଖିବା :-**

୧. ପୂର୍ବେ ସାଧୁମାନେ ଗହନ କାନନରେ ରହୁଥିଲେ । ଗାର ଦିଆଯାଇଥିବା ଶବ୍ଦକୁ ବଦଳାଇ ଲେଖିବା ।
(ଗଛ, ପାହାଡ଼, ବନ, ଲତା)

୨. ଚାକରଟିକୁ ମାଲିକ ଘରୁ ବହିଷ୍କାର କଲେ । ଆସ 'ବହିଷ୍କାର' ଶବ୍ଦକୁ ବଦଳାଇ ଲେଖିବା ।

ବାହାରକୁ ଆଣିଲେ

ବାହାରେ କଥା ହେଲେ

ବାହାର କରିଦେଲେ

ବାହାରେ ରଖି କଥା ହେଲେ

୩. ଭୁଞ୍ଜିବା ନିମନ୍ତେ ଖାଦ୍ୟ ଦିଆଗଲା । 'ଭୁଞ୍ଜିବା' ଶବ୍ଦର ଅର୍ଥ ଖୋଜି ଲେଖିବା ।

ଭୋଗ କରିବା

ଭାଗ କରିବା

ଭୋଜନ କରିବା

ଭରଣା କରିବା

୪. ‘କଣ୍ଟାବାଡ଼ରେ ଲୁଗା ପକାଇବା’ ଆସ, ଏହି ଉକ୍ତିର ଅର୍ଥ ଖୋଜି ଲେଖିବା ।

କଣ୍ଟାବାଡ଼ରେ ଲୁଗା ଶୁଖାଇବା

କଣ୍ଟାରେ ଲୁଗା ଗୁଡ଼େଇବା

ଅକାରଣରେ କଳି କରିବା

ଲୁଗାରେ କଣ୍ଟା ପକାଇବା

୫. ରାମବାବୁ ବିଦେଶରୁ ପ୍ରତ୍ୟାବର୍ତ୍ତନ କଲେ । ଆସ ‘ପ୍ରତ୍ୟାବର୍ତ୍ତନ ଶବ୍ଦକୁ ବଦଳାଇ ଲେଖିବା ।

ବୁଲି ପଡ଼ିବା

ଆଗକୁ ଯିବା

ଫେରିବା

ଆଗଭର ହେବା

୬. ଠିକ୍ ଶବ୍ଦ ବନ୍ଧନୀ ଭିତରୁ ବାଛି ଲେଖିବା :-

ବିରାଡ଼ି ______________ ଶିକା ଛିଡ଼ିଲା

(କପାଳରେ, କପାଳକୁ, କପାଳ ଉପରେ, କପାଳ ଭିତରେ)

______________ ଧୂଆଁ ଦିଅ ।

(ମାଶା ଉପରେ, ମଶା ଭିତରେ, ମଶାକୁ, ମଶା ପାଖରେ)

ତୁମ କଥା ମୋ ______________ ପାଇଲା ।

(ମନରେ, ମନ ଭିତରେ, ମନକୁ, ମନ ଉପରେ)

ରମେଶ ______________ ପଟୁ ।

(ଗଣିତକୁ, ଗଣିତଦ୍ୱାରା, ଗଣିତରେ, ଗଣିତ ଉପରେ)

ଲୋକଟି ______________ ପଡ଼ିଗଲା ।

(ଘୋଡ଼ା ଉପରେ, ଘୋଡ଼ା ପାଖରେ, ଘୋଡ଼ା କଡ଼ରେ, ଘୋଡ଼ାରୁ)

## କାର୍ଯ୍ୟପତ୍ରିକା : ୨୮

**ଅନୁଚ୍ଛେଦଟିକୁ ପଢ଼ :-**

ମହୁମାଛିମାନେ ଖୁବ୍ ପରିଶ୍ରମୀ । ଗୁଣୁଗୁଣୁ ହୋଇ ଗୀତ ଗାଇ ଫୁଲରୁ ଫୁଲକୁ ଉଡ଼ି ମହୁ ସଂଗ୍ରହ କରନ୍ତି । ମହୁଫେଣା ଗଢ଼ି ମହୁ ରଖନ୍ତି । ସେମାନଙ୍କ ପରିଶ୍ରମର ଫଳ ଆମେ ଭୋଗ କରୁ । ମହୁ ଶରୀରପାଇଁ ଏକ ଦରକାରୀ ପଦାର୍ଥ । ପ୍ରତିଦିନ ମହୁ ଖାଇଲେ ଦେହ ସୁସ୍ଥ ରହେ । ଅନେକ ରୋଗର ଔଷଧ ରୂପେ ମହୁକୁ ବ୍ୟବହାର କରାଯାଏ । ମହୁମାଛିଙ୍କଠାରୁ ଅନେକ ଶିଖିବାର ଗୁଣ ରହିଛି । ଠିକ୍ ସମୟରେ କାମ କରିବା, ପରିଶ୍ରମୀ ହେବା, ସଞ୍ଚୟ କରିବା, ଶୃଙ୍ଖଳିତ ହେବା, ଦାୟିତ୍ୱ ତୁଲାଇବା, ଦଳପତିକୁ ମାନିବା ଆଦି ଭଲ ଗୁଣ ଜୀବନ ପାଇଁ ଦରକାର । ଏ ସବୁକୁ କାମରେ ଲଗାଇଲେ ଆମେ ସୁଖରେ ରହିପାରିବା ।

ଆସ, ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା :-

୧. କେଉଁମାନେ ଖୁବ୍ ପରିଶ୍ରମୀ ?

ଉତ୍ତର______________________________

୨. ସେମାନେ କେଉଁଠାରେ ମହୁ ରଖନ୍ତି ?

ଉତ୍ତର______________________________

୩. ମହୁମାଛିଙ୍କଠାରେ କେଉଁ କେଉଁ ଗୁଣ ରହିଛି ?

ଉତ୍ତର______________________________

୪. ଆମେ ସେମାନଙ୍କଠାରୁ କ'ଣ ଶିଖିବା ଦରକାର ?

ଉତ୍ତର______________________________

୫. କାହାକୁ ଔଷଧ ରୂପେ ବ୍ୟବହାର କରାଯାଏ ?

ଉତ୍ତର______________________________

ପ୍ରଶ୍ନ : ଉପରେ ଥିବା ଭଲ ଗୁଣ ପରି ତୁମ ପାଖରେ କେଉଁକେଉଁ ଭଲ ଗୁଣ ଅଛି ଲେଖ ।

ଉତ୍ତର______________________________

ପ୍ରଶ୍ନ : ଯେପରି 'ଗୁଣୁଗୁଣୁ' ପାଖରେ 'ଗୀତ' ସେହିପରି ଲେଖାଯାଏ ।

ଭୁରୁଭୁରୁ -

ଶିରିଶିରି -

ଖିଲିଖିଲି -

ସାଇଁସାଇଁ -

ନାଲିନାଲି -

## କାର୍ଯ୍ୟପତ୍ରିକା : ୨୯

**ଆସ, ତଳ ପ୍ରଶ୍ନଗୁଡ଼ିକର ଉତ୍ତର କରିବା**

୧. ଆଜି ଆମେ ନନ୍ଦନକାନନରେ ଅନେକ ଜୀବଜନ୍ତୁ ________________ ।

(ଦେଖିବେ, ଦେଖୁଛନ୍ତି, ଦେଖିଲା, ଦେଖିଲୁ)

୨. ପିଲାଟି ଗୁଡ଼ି ________________ ।

(ଉଡ଼ାଉଛନ୍ତି, ଉଡ଼ାନ୍ତି, ଉଡ଼ାଉଛି, ଉଡ଼ାଇବେ)

୩. ମୁଁ ବଗିଚାରେ ପିଜୁଳିଗଛଟିଏ ________________ ।

(ଲଗାଇଲି, ଲାଗିଲା, ଲାଗିଥିଲା, ଲାଗୁଥିଲା)

୪. ବାଘ ହରିଣକୁ ଧରି ________________ ।

(ଖାଇଲା, ଗାଇଲା, ଉଡ଼ିଲା, ପାଇଲା)

୫. ହରି ଆସନ୍ତାବର୍ଷ ଷଷ୍ଠଶ୍ରେଣୀରେ ________________ ।

(ପଢ଼େ, ପଢ଼ିବ, ପଢ଼ିଲା, ପଢୁଥିଲା)

୬. ରାମ ଘରୁ ________________ ବିଦ୍ୟାଳୟରେ ପହଞ୍ଚିଲା ।

(ଆସିବ, ଆସିଲା, ଆସି, ଆସୁଛି)

୭. ଲୀନା ବାଟରେ ________________ ଗୋଟେ ବଡ଼ ସାପ ଦେଖିଲା ।

(ବସୁବସୁ, ଯାଉଯାଉ, ଦେଖୁଦେଖୁ, ଯାଇଯାଇ)

## କାର୍ଯ୍ୟପତ୍ରିକା : ୩୦

**ଆସ, ଶବ୍ଦକୁ ବଦଳାଇ ଲେଖିବା ।**

୧. 'ମାଆ' ବଦଳରେ କେଉଁ ଶବ୍ଦ ଲେଖିବା ? ____________________
(ଜନନୀ, ଭଗିନୀ, ମାନିନୀ, କାମିନୀ)

୨. 'ବିହଙ୍ଗ' ପରିବର୍ତ୍ତେ କେଉଁ ଶବ୍ଦ ଲେଖିବା ? ____________________
(ପକ୍ଷୀ, ପଶୁ, ସାପ, ବାଦୁଡ଼ି)

୩. 'ସୂର୍ଯ୍ୟ' ଶବ୍ଦ ବଦଳରେ କେଉଁ ଶବ୍ଦ ଲଗାଇବା ? ____________________
(ନିଶାକର, ସୁନାକର, ଦିବାକର, ରତ୍ନାକର)

୪. 'ପୃଥିବୀ' ଶବ୍ଦ ବଦଳରେ କେଉଁ ଶବ୍ଦ ଆମେ ଲଗାଇବା ? ____________________
(ମହି, ମାଟି, ପାଣି, ପବନ)

୫. 'କୁସୁମ' ଶବ୍ଦକୁ ବଦଳେଇ ଆମେ ଆଉ କେଉଁ ଶବ୍ଦ ଲେଖିବା ? ____________________
(ପତ୍ର, ଫୁଲ, ଫଳ, କେଶର)

## କାର୍ଯ୍ୟପତ୍ରିକା : ୩୧

**ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ିବା**

### ଅଂଶୁପା

ମହାନଦୀର ଉତ୍ତରଦିଗରେ ଏକ ବକ୍ର ଅଂଶ ବିଚ୍ଛିନ୍ନ ହୋଇ ହ୍ରଦଟିଏ ସୃଷ୍ଟି ହୋଇଛି । ଏହା ଘୋଡ଼ାର ଟାପୁପରି ଦିଶୁଥିଲା । ଏଣୁ ଏହାକୁ ଅଶ୍ୱ ଖୁରାକୃତି ହ୍ରଦ କୁହାଯାଏ । ଏହାର ପଶ୍ଚିମରେ ସରଣ୍ଡା ପାହାଡ଼ ଓ ପୂର୍ବରେ କୁଞ୍ଜର ପାହାଡ଼ ଅବସ୍ଥିତ । ଏହାର ଜଳ ମଧୁର । କଟକ ଜିଲ୍ଲାର ଏଇ ହ୍ରଦରୁ ପ୍ରଚୁର ମାଛ ଧରାଯାଏ । ଓଡ଼ିଶା ସରକାର ଏହାକୁ ଏକ ପର୍ଯ୍ୟଟନକେନ୍ଦ୍ରର ମାନ୍ୟତା ଦେଇଛନ୍ତି ।

ଆସ, ଆଉ ଥରେ ତଳ ଶବ୍ଦଗୁଡ଼ିକୁ ଲେଖିବା

ବିଚ୍ଛିନ୍ନ = ________________ , ________________

ସୃଷ୍ଟି = ________________ , ________________

ଅଶ୍ୱଖୁରାକୃତି ହ୍ରଦ = ________________ , ________________

ପଶ୍ଚିମ = ________________ , ________________

କୁଞ୍ଜର = ________________ , ________________

ପର୍ଯ୍ୟଟନ = ________________ , ________________

ସରଣ୍ଡା = ________________ , ________________

**ପୂର୍ବ ପୃଷ୍ଠାର ଅନୁଚ୍ଛେଦ ଆଧାରରେ ଖାଲିସ୍ଥାନ ପୂରଣ କରି ଲେଖିବା ।**

ମହାନଦୀର __________ ଦିଗରେ ଏକ __________ ଅଂଶ __________ ହୋଇ ହ୍ରଦଟିଏ __________ ହୋଇଛି । ଏହା ଏକ __________ ହ୍ରଦ । ଏହାର ପୂର୍ବରେ __________ ପାହାଡ଼ ଓ ପଶ୍ଚିମରେ __________ ପାହାଡ଼ ରହିଅଛି । ଏଥିରୁ ପ୍ରଚୁର __________ ମାଛ ଧରାଯାଏ । ଓଡ଼ିଶା ସରକାର ଏହାକୁ ଏକ __________ ର ମାନ୍ୟତା ଦେଇଛନ୍ତି ।

## କାର୍ଯ୍ୟପତ୍ରିକା : ୩୨

**ଆସ, ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦଟିକୁ ନେଇ ଶୂନ୍ୟସ୍ଥାନ ପୂରଣ କରିବା ।**

୧. ଗୀତା ଭଲ ଗୀତ ଗାଏ, __________ ମଧ୍ୟ ଭଲ ନାଚେ ।
(ମୁଁ, ସେ, ତୁମେ, ସେମାନେ)

୨. ମାଆ ରମାକୁ କାହାଣୀଟିଏ କହିବାକୁ ଆରମ୍ଭ କଲେ । __________ କାହାଣୀଟିକୁ ଶୁଣିବାକୁ କହିଲେ ।
(ତୁମକୁ, ଆପଣଙ୍କୁ, ତାକୁ, ଆମ୍ଭକୁ)

୩. କାରିଗରମାନେ ଧରମାକୁ ଚିହ୍ନିପାରିଲେ । __________ ତାକୁ ଦେଉଳର ମୁଣ୍ଡି ମାରିବାକୁ କହିଲେ ।
(ଆମ୍ଭେମାନେ, ତୁମେମାନେ, ସେମାନେ, କେଉଁମାନେ)

## କାର୍ଯ୍ୟପତ୍ରିକା : ୩୩

**ଆସ, ଠିକ୍ ବନାନ ଥିବା ଶବ୍ଦଟିକୁ ଲେଖିବା ।**

୧. ତରକାରୀରେ __________ ବ୍ୟବହାର କରାଯାଏ ।
(ଶୋରିଷ, ସୋରିଷ, ଶୋରିସ, ଷୋରିଶ)

୨. ମୁଁ ପଞ୍ଚମଶ୍ରେଣୀ __________ ଦେଇଛି ।
(ପରିକ୍ଷା, ପରୀକ୍ଷା, ପରୀଖ୍ୟା, ପରିଖ୍ୟା)

୩. କାର୍ଯ୍ୟ କରିବା ପୂର୍ବରୁ __________ କରାଯାଏ ।
(ଯୋଜନା, ଜୋଯନା, ଯୋଯନା, ଜୋଜନା)

୪. ପିଲାଟିର __________ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ ।
(ଶାହସ, ସାହାସ, ସାହସ, ସାହଷ)

୫. ଦେହକୁ ସୁସ୍ଥ ରଖିବା ପାଇଁ __________ ପରିଶ୍ରମ ଦରକାର ।
(ଶାରିରୀକ, ଶାରୀରିକ, ସାରିରିକ, ସାରୀରିକ)

## କାର୍ଯ୍ୟପତ୍ରିକା : ୩୪

**ଗପଟିକୁ ପଢ଼ିବା ଓ ସୂଚନା ଆଧାରରେ ଲେଖିବା –**

"ଆରେ ବାପ୍‌ରେ ! ତମକୁ ଏ କଦଳୀ କାନ୍ଦି କିଏ ଦେଇଛି ? ଉପର ଦୁଇ ଫେଣାଯାକ ଏକାଥରେ ପାଚିଲାଣି । ତମେ ଖାଇବ କେମିତି ? ସାବଧାନ ଠାକୁର, ସବୁ ଏକାଥରେ ଖାଇବ ନାହିଁଟି । ଦିହ ଖରାପ ହେବ । ଏକ, ଦୁଇ, ତିନି, ଚାରି, ପାଞ୍ଚ... ଚବିଶ୍‌ଟା ପାଚିଛି । ତୁମେ ଦୈନିକ ଦୁଇଟା । ଆଚ୍ଛା ହେଲା ଚାରିଟା କରି ଖାଇବ । ହେଲା ? ତାହା ହେଲେ ଚବିଶ୍‌ଟା ଖାଇବାକୁ ଚାରି ଦିନ, ନା ପାଞ୍ଚ ଦିନ – ଏଇ ହେଲା ମୁସ୍କିଲ, ଠାକୁର ! ମୋତେ ଅଙ୍କ ମୋତେ ଆସୁନାହିଁ । ହଁ କଥାଟାଏ କହୁଥିଲି – ତୁମେ ଗୋଟାଏ ଯାଦୁ କରନ୍ତ ନାହିଁ? ଦିନେ ରାତିରେ ସଭିଏଁ ଶୋଇଥାନ୍ତେ, ସେତିକିବେଳେ ତୁମେ ଗୋଟାଏ କିଛି କରିଦିଅନ୍ତ, ସକାଳେ ଉଠିବା ବେଳକୁ ସମସ୍ତେ ଅଙ୍କ ଭୁଲି ଯାଇଥାନ୍ତେ । ମାନେ, ଅଙ୍କ ଖାଲି କଷିବାକୁ ଭୁଲିଯାନ୍ତେ ବୋଲି ମୁଁ କହୁନାହିଁ, ଅଙ୍କ ବୋଲି ଗୋଟାଏ ବିଷୟ ଅଛି, ପୂରା ସେ କଥାଟା ହିଁ ସଭିଏଁ ଭୁଲିଯାଆନ୍ତେ ।

"ନା, ନା, ତମେ ହଠାତ୍ ବର ଦେଇ ବସିବ ନାହିଁ, ଠାକୁର ! ହୁଏ ତ ଅଙ୍କର କିଛି ଭଲ ଗୁଣ ଥିବ, ସେ କଥା ବୁଝିବାର ବୟସ ମୋର ହୋଇନାହିଁ, ନୁହେଁ ?

"ହଁ, ବର ଯଦି ଦେବ ଠାକୁର, ତେବେ ଏଇ ବର ଦିଅ, ଲୋକେ ଯିମିତି ଧୀର ଭାବରେ ତୁମକୁ ଭକ୍ତି ଜଣାଇବେ । ସେଦିନ ଶେଷ ରାତିରେ ତୁମେ ସ୍ୱପ୍ନରେ କ'ଣ କହୁଥିଲ, ସେତିକିବେଳେ ମୋ' ନିଦଭାଙ୍ଗିଗଲା । କାରଣ ତମ ମନ୍ଦିରରୁ କଳଗାଉଣାରେ ସ୍ତବ ବାଜିଲା । କଳଗାଉଣା ଭଲ; କିନ୍ତୁ ଏଇ ଯେଉଁ ଯନ୍ତ୍ରଚୁଙ୍ଗା ଲଗାଇ ଏଡ଼େ ହଲ୍ଲା କରି ଗୀତ ବୋଲୁଛନ୍ତି, ସେଇଟା କ'ଣ ଭଲ, ଠାକୁର ? ଆମ ଘର ପଛ ପଟେ ଆଉ ଗୋଟାଏ କୋଠା ଅଛି । ସେଇଟାକୁ ଅନ୍ୟ ଗୋଟିଏ ଧର୍ମର ଲୋକେ ଯାଆନ୍ତି । ସେଠାରେ ଚୁଙ୍ଗା ଲଗାଇ ସେମାନେ ଭଗବାନଙ୍କୁ ଡାକନ୍ତି । ଆଚ୍ଛା, ଏଡ଼େ ଗର୍ଜନ କରି ତୁମ ପ୍ରାର୍ଥନା ନ ବୋଲିଲେ ତୁମେ କ'ଣ ଶୁଣିପାର ନାହିଁ? ମୁଁ ସେଦିନ ବୋଉକୁ ପଚାରିଲି, କହିଲୁ ବୋଉ, ଧ୍ରୁବ, ପ୍ରହ୍ଲାଦକ'ଣ ଯନ୍ତ୍ର ଚୁଙ୍ଗା ଲଗାଇ ଭଗବାନଙ୍କ ସ୍ତବ ଗାଉଥିଲେ ? ବୋଉ ଭାବି ଚିନ୍ତି ନାହିଁ କଲା । ବୋଉ ତ ସବୁବେଳେ ଠିକ୍ କଥା କହେ, ନୁହେଁ ? ତା'ଛଡ଼ା ମୁଁ ତ ଏଡ଼େ ଆସ୍ତେ କଥା କହୁଛି – ଅଥଚ ତୁମେ ବେଶ୍ ଶୁଣିପାରୁଛ, ଦେଖୁଛି । ତେବେ ?

**ଉତ୍ତର ଲେଖିବା :**

ପ୍ରଶ୍ନ : ପୂର୍ବକାଳରେ କିଏ ଭଗବାନଙ୍କର ସ୍ତବ ଗାଉଥିଲେ ?

ଉତ୍ତର ________________________________________

ପ୍ରଶ୍ନ : ଝିଅଟି ଠାକୁରଙ୍କୁ କେଉଁ ବର ମାଗୁଥିଲା ?

ଉତ୍ତର ________________________________________

ପ୍ରଶ୍ନ : କଳଗାଉଣାରେ ଶୁଭୁଥିବା ସ୍ତବ ଝିଅକୁ ଭଲଲାଗିଲା ନାହିଁ କାହିଁକି ?

ଉତ୍ତର ________________________________________

ପ୍ରଶ୍ନ : ଝିଅଟି ଠାକୁରଙ୍କୁ କ'ଣ କହି ସାବଧାନ କରାଉଥିଲା ?

ଉତ୍ତର ________________________________________

ପ୍ରଶ୍ନ : ଠାକୁର କି ଯାଦୁକରିବେ ବୋଲି ଝିଅଟି କାମନା କରୁଥିଲା ?

ଉତ୍ତର ________________________________________

ପ୍ରଶ୍ନ : ନିମ୍ନୋକ୍ତ ଶବ୍ଦଗୁଡ଼ିକର ସମାନ ଅର୍ଥ ସୂଚାଉଥିବା ଶବ୍ଦକୁ ମନରୁ ଲେଖିବା ।

ସକାଳ - ____________________

ରାତି - ____________________

ଭଗବାନ - ____________________

ପ୍ରଶ୍ନ : 'ଗର୍ଜ୍ଜନ' ସହିତ 'ଭୀଷଣ' ଲଗାଇଲେ 'ଭୀଷଣ ଗର୍ଜ୍ଜନ' ହେବ । ସେହିପରି 'ଭୀଷଣ' ଶବ୍ଦ ପୂର୍ବରେ ଥାଇ ଆଉ କେତୋଟି ନୂଆ ଶବ୍ଦ ଲେଖିବା ।

____________________________________________________________

____________________________________________________________

ପ୍ରଶ୍ନ : ଗଳ୍ପଟିକୁ ପଢ଼ି, ଏଥିରୁ ନିମ୍ନ ଶବ୍ଦଗୁଡ଼ିକର ଅର୍ଥ ଲେଖ ।
ଅଙ୍କ, ବର, ଯାଦୁ, ସ୍ତବ

____________________________________________________________

____________________________________________________________

## କାର୍ଯ୍ୟପତ୍ରିକା : ୩୫

**ନିମ୍ନ ଅନୁଚ୍ଛେଦଟିକୁ ପଢ଼ିବା ଓ ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖିବା ।**

ଏତିକିବେଳେ - 'ମାଆ, ଦୁଃଖିଆ ମାଆ ଦୁଆରେ ଛିଡ଼ା ହୋଇଛି, ତା' ପୁଅକୁ ଦୁଧ ଖୁଆଇବ, ଟିକିଏ ଚିନି ମାଗୁଛି' କହି ଚାକର ରମୁ ସାଆନ୍ତାଣୀଙ୍କର ଆଦେଶ ଅପେକ୍ଷାରେ ରହିଲା । କଥା କହିଲାବେଳେ ସୁନନ୍ଦାକୁ କିଏ ବାଧା ଦେଲେ ସେ ବିରକ୍ତ ହୁଅନ୍ତି । ସାଙ୍ଗେସାଙ୍ଗେ ଆଦେଶ ମିଳିଲା - 'ନା ଚିନି ନାହିଁ ।' ମୁଁ ପଚାରିଲି, 'ରମୁ, ତା'ର ପିଲାଟି କେଡ଼େ ?' ରମୁ ସନ୍ତର୍ପଣରେ ଟିକିଏ ମାଆକୁ ଅନେଇ କହିଲା, 'ଏଇ ମାସକର ହେବ । ବଡ଼ ଦୁଃଖ ବାବୁ ତା'ର; ଦୁଧ ଟିକିଏ ମିଳେ ନାଇଁ ଯେ ଖାଲି ପାଣିରେ ଚିନି ଦେଇ ସେ କଅଁଳା ଛୁଆଟିକୁ ହାପୁଡ଼େଇ ଦିଏ । ଆପଣ ଥିଲେ ବୋଲି ଲାଜ ମାଡ଼ିଲା ତାକୁ, ସେଥିପାଇଁ ମିଛରେ କହିଲା ଦୁଧ । ମୁଁ ଜାଣେ ଛୁଆଟା ଖାଲି ପାଣି ପିଏ ।'

ପ୍ରଶ୍ନ-୧ ଆସ ଏହି ଅନୁଚ୍ଛେଦରେ ଦିଆଯାଇଥିବା ରେଖାଙ୍କିତ ପଦଟିକୁ ଆଉ ଥରେ ପଢ଼ିବା ଓ ସେହିପରି ଆଉ କିଛି ମାତ୍ରା/ଫଳାଯୁକ୍ତ ପଦ ଲେଖିବା

____________ ____________ ____________

____________ ____________ ____________

ପ୍ରଶ୍ନ-୨ 'ଖାଇବା' କ୍ରିୟାରୁ 'ଖୁଆଇବା' ହେଲାପରି ଆଉ କିଛି ନୂଆ କ୍ରିୟାପଦ ଲେଖିବା ଓ ଉଦାହରଣରେ ଦିଆଯାଇଥିବା ଭଳି ତାକୁ ପରିବର୍ତ୍ତନ କରି ଲେଖିବା ।

____________ ____________ ____________

____________ ____________ ____________

## କାର୍ଯ୍ୟପତ୍ରିକା : ୩୬

**ଆସ, ପଢ଼ିବା ଓ ପ୍ରଶ୍ନର ଉତ୍ତର ଦେବା**

ମୟୂରଭଞ୍ଜ ଜିଲ୍ଲାର ଆନନ୍ଦପୁର ଗାଆଁଟିଏ । ଗୋବିନ୍ଦବଲ୍ଲଭ ସେଇ ଗାଆଁରେ ରୁହେ । ସେ କୁକୁର, ବିଲେଇ, ମାଙ୍କଡ଼ ଓ ଗାଇଟିଏ ପାଳିଥାଏ । ସେମାନଙ୍କୁ ପୁଅ ପରି ଦେଖେ । ଥରେ ଗୋବିନ୍ଦବଲ୍ଲଭ ଭୋଜିଟିଏ କରୁଥିଲା । ସେ ବିଲେଇକୁ ମାଛମାଂସ, ମାଙ୍କଡ଼କୁ ମିଠାପିଠା, ଆଉ ଗାଈକୁ ପନିପରିବା ଜଗିବା ପାଇଁ କହିଥିଲା । କୁକୁରକୁ ଭୋଜିଭାତ ତଦାରଖର ଦାୟିତ୍ୱ ଦିଆଯାଇଥିଲା । କୁକୁର ବୁଲୁବୁଲୁ ଦେଖିଲା ମାଙ୍କଡ଼ ଟାକୁଟାକୁ କରି ପିଠାତକ ଖାଇ ଚାଲିଛି । ସେ ତା' ପାଖକୁ ଆସିଲା । ଦେଖିଲା ଆଉ ପିଠା ନାହିଁ । କୁକୁର ତାକୁ ପଚାରିଲା, "ମାଙ୍କଡ଼ଭାଇ, ତୁମେ ଏ କ'ଣ କଲ ?'' ମାଙ୍କଡ଼ ଚମକି ପଡିଲା । କାନ ଧରି କହିଲା, "ଭାଇ ଚାଖୁଚାଖୁ ସବୁ ଖାଇଦେଲି । ଏବେ କ'ଣ କରିବା ?'' କୁକୁର କହିଲା, "ତୁ ତ ମୁନୀବକୁ ଜାଣିଛୁ । ସେ ତୋତେ ମାରୁମାରୁ ମାରିଦେବ । ତୁ ଏଠୁ ପଳା ।'' ମାଙ୍କଡ଼ ସେଠୁ ଡିଆଁମାରି ବଣକୁ ପଳାଇଲା । ଗଲାବେଳେ କହିଲା, "ଭାଇ ମୁଁ ଆଉ ବିଲ୍‌କୁଲ୍ ଏଠାକୁ ଫେରିବି ନାହିଁ ।"

ପ୍ରଶ୍ନ-୧ ଆସ, ଏଥିରୁ କେତୋଟି ଶବ୍ଦ ଜାଣିବା ଓ ଲେଖିବା ।
ଯେପରି - ବୁଲୁବୁଲୁ
ସେହିପରି ଆଉ କ'ଣ ହେବ ଲେଖ ______________________

ପ୍ରଶ୍ନ-୨ ଦୁଇଜଣଙ୍କ କଥାବାର୍ତ୍ତାକୁ ସଂଳାପ କ୍ରମରେ ଲେଖିବା ।
କୁକୁର - ମାଙ୍କଡ଼ ଭାଇ, ତୁମେ କ'ଣ କଲ ?

ମାଙ୍କଡ - ______________________________________________

କୁକୁର - ______________________________________________

ମାଙ୍କଡ଼ - ______________________________________________

## କାର୍ଯ୍ୟପତ୍ରିକା : ୩୭

**ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ :-**

କରମ, ପରାଣରେ, ଜନମି, ସ୍ୱପନେ, ସ୍ମୁରୁତି ପଥେ, ପଉଷ, ସେନେହ, ଗିରିଷମ, ସଇନ, ଶଇଳ

ପ୍ରଶ୍ନ-୧ ଆସ, ଉପରେ ଥିବା ଶବ୍ଦଗୁଡ଼ିକର ଗଦ୍ୟରୂପରେ ଯାହା ହେବ ଲେଖିବା ।

______________________________________________

______________________________________________

ପ୍ରଶ୍ନ-୨ ଏହି ପଦ୍ୟରୂପଗୁଡ଼ିକ ତୁମ ପଢ଼ାବହିର ଯେଉଁ ପଦ୍ୟରୁ ମିଳୁଛି, ସେହି ପଦ୍ୟର ନାମ ଲେଖିବା ।

______________________________________________

______________________________________________

## କାର୍ଯ୍ୟପତ୍ରିକା : ୩୮

**ତଳେ ଦିଆଯାଇଥିବା ଗପଟିକୁ ପଢ଼ ।**

ରାମ ଓ ଦାମ ଦୁଇସାଙ୍ଗ । ସେମାନେ ବଡ଼ସାନ ସମସ୍ତଙ୍କୁ ସମ୍ମାନ ଦିଅନ୍ତି । ଦିନେ ଦୁହେଁ ନିକଟସ୍ଥ ବଜାରକୁ ଗଲେ । ବଜାରରେ କିଣାବିକା ସାରି ଜଙ୍ଗଲ ବାଟ ଦେଇ ଘରକୁ ଫେରୁଥିଲେ । ସୁଖଦୁଃଖ ହୋଇ ଫେରିବା ବାଟରେ ହଠାତ୍ ବିରାଟ ସାପଟିଏ ଫଣାଟେକି ରାସ୍ତା ଉପରେ ଛିଡ଼ା ହୋଇଗଲା । ରାମ ଓ ଦାମ ସାପଟିକୁ ଦେଖି ଚୋଟ ମାରିବ ବୋଲି ଭାବିଲେ । ସେମାନେ ଭଲମନ୍ଦ ବିଚାର ନକରି ଦୌଡ଼ିବା ଆରମ୍ଭ କଲେ । ରାସ୍ତାରେ ଖାଲଢ଼ିପ ନମାନି ଦୌଡ଼ିଦୌଡ଼ି ଘରକୁ ଆସିଲେ । ତା'ପର ଦିନ ସାଙ୍ଗମାନଙ୍କ ନିକଟରେ କହିଲେ । ସାଙ୍ଗମାନେ ଦୁହିଁଙ୍କ କଥାକୁ ବିଶ୍ୱାସ ନକରି ସତମିଛ ଭାବି ହସରେ ଉଡ଼ାଇଦେଲେ । ରାମ ଓ ଦାମ ଦିନରାତି ସେହି ସାପ କଥା ଭାବି ଭୟଭୀତ ଥିଲେ ।

ପ୍ରଶ୍ନ-୧ ଆସ, ଏଥିରୁ ବିପରୀତ ଅର୍ଥ ସୂଚାଉଥିବା ଯୋଡ଼ିଶବ୍ଦକୁ ବାଛି ତଳେ ଲେଖିବା ।

________________________________________

________________________________________

ପ୍ରଶ୍ନ-୨ ଏଥିରୁ ଅସମାପିକାକ୍ରିୟାଗୁଡ଼ିକୁ ବାଛି ତଳେ ଲେଖିବା । ଯେପରି :- ଦେଇ
ସେପରି :

________________________________________

________________________________________

## କାର୍ଯ୍ୟପତ୍ରିକା : ୩୯

**ତଳ ଲିଖିତ ପଦଗୁଡ଼ିକ ପଢ଼ି ରେଖାଙ୍କିତ ଶବ୍ଦଗୁଡ଼ିକର ଅର୍ଥ ବୁଝିବା ।**

<u>ରଘୁକୁଳେ</u> ରାମ ହେଲେ ଜନମ
ନଦୀ<u>କୂଳେ</u> ବହେ ଧୀର ପବନ ।
<u>ଦିନ</u>ବେଳେ ରବିକିରଣ ପଡ଼େ
<u>ଦୀନ</u>ଜନ ନେତ୍ରୁ ଲୋତକ ଝରେ ।

ମଧୁର ଲାଗଇ ପିକ <u>କୂଜନ</u>
ଦୂରେଇ ରହିବ ଦେଖି <u>କୁଜନ</u> ।
ଯୋଦ୍ଧା ଲଢ଼େ ଧରି ହାତରେ <u>ଅସି</u>
ନବେଠାରୁ ବଡ଼ ନୁହଇ <u>ଅଶୀ</u> ।
କଲମ <u>କାଳିରେ</u> ହୁଅଇ ଲେଖା ।
<u>କାଳୀ</u>ମାତା ଆମ ଜୀବନଶିଖା ।

**କାର୍ଯ୍ୟପତ୍ରିକା-**

**ପୂର୍ବ ପୃଷ୍ଠାରେ ଥିବା ପଦଗୁଡ଼ିକୁ ବୁଝି, ତଳ ଲିଖିତ ଶବ୍ଦଗୁଡିକର ଅର୍ଥ ବନ୍ଧନୀ ମଧ୍ୟରୁ ଖୋଜି ଲେଖ ।**

କୁଳ - କୋଳ, ବଂଶ, ଅଞ୍ଚଳ

କୂଳ = ଶର, ତୀର, ପାଖ

ଦିନ = ଦିବସ, ସକାଳ, ସୂର୍ଯ୍ୟ

ଦୀନ = ଗରିବ, ଧନୀ, ବଡ଼ଲୋକ

କୂଜନ = ପୁଚ୍ଛ, ସ୍ୱର, ଗୀତ

କୁଜନ = ବଡ଼ଲୋକ, ଦୁଷ୍ଟଲୋକ, ରାଜା

ଅସି = ବାଡ଼ି, ଗଦା, ଖଣ୍ଡା

ଅଶୀ = ଟଙ୍କା, ଧନ, ସଂଖ୍ୟା

କାଳି = କଳାରଙ୍ଗ, ରଙ୍ଗ, ସ୍ୟାହି

କାଳୀ = କଳାନାଗ, କାଳିଆ, କାଳୀଠାକୁରାଣୀ

## କାର୍ଯ୍ୟପତ୍ରିକା : ୪୦

**ନିମ୍ନ ଅନୁଚ୍ଛେଦଟିକୁ ପଢ଼ ।**

ରାଜା ଶିବିର ବାହାରେ ପଦଚାରଣା କରୁଥିଲେ । ହଠାତ୍ ନିକଟବର୍ତ୍ତୀ ପର୍ବତ ଉପରେ ସେ ଏକ ଆଲୋକ ଦେଖିପାରିଲେ । ତାଙ୍କ ହୃଦୟ ଆନନ୍ଦରେ ଭରିଗଲା । ସେ ଜନହୀନ ବଣ ମଧ୍ୟରେ ଯିବାକୁ ଆରମ୍ଭ କଲେ । ଯିବା ବାଟରେ ରାଜା ଜଣେ ଋଷିଙ୍କୁ ଦେଖିବାକୁ ପାଇଲେ । ତାଙ୍କୁ ସେ ପ୍ରଣାମ କରି ନିଜର ମନ କଥା ଜଣାଇଲେ । ରାଜା ମଧ୍ୟ ତାଙ୍କୁ ରାଜପ୍ରସାଦକୁ ଯିବାପାଇଁ ନିମନ୍ତ୍ରଣ କଲେ ।

(ନମସ୍କାର, ସନ୍ନ୍ୟାସୀ, ଶୈଳ, ନଅର, ନୃପ, ସହସା, ପୂର୍ଣ୍ଣହେଲା, ଅରଣ୍ୟ, ପଥ)

ପ୍ରଶ୍ନ : ଉପର ଲିଖିତ ଅନୁଚ୍ଛେଦରେ ଦିଆଯାଇଥିବା ରେଖାଙ୍କିତ ପଦଗୁଡ଼ିକ ବଦଳରେ ଆଉ ଗୋଟିଏ ସମାନ ଅର୍ଥ ବୁଝାଉଥିବା ଶବ୍ଦକୁ ବନ୍ଧନୀ ମଧ୍ୟରୁ ବାଛି ତା' ସ୍ଥାନରେ ଲେଖିବା ।

______________________________

______________________________

## କାର୍ଯ୍ୟପତ୍ରିକା : ୪୧

<u>ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼</u> ।

(i) ଗୀତା ଓ ରୀତା ଦୁଇ ଭଉଣୀ ।

(ii) ସେ ନିୟମିତ ଔଷଧ ଖାଉଛି ତଥାପି ଦେହ ଭଲ ରହୁନାହିଁ ।

(iii) ତୁମପରି ଛୋଟ ପିଲାଟିଏ । ଗାଁ ଚାହାଳୀର ଚାଟ ସିଏ ।

(iv) ସେ କାଳେ ଡରିବ ତେଣୁ ଗଲା ନାହିଁ ।

(v) ବାରମ୍ବାର କହି କାହାକୁ ବିରକ୍ତ କରିବ ନାହିଁ ।

(vi) ସେ ମିଛ କହିଲା ତେଣୁ ଦଣ୍ଡ ପାଇଲା ।

(vii) ଛି ! ଏମିତି ଖରାପ କଥା କୁହ ନାହିଁ ।

(viii) ତୁମେ କହିଥିଲ, ଅଥଚ ଆସିଲ ନାହିଁ ।

ପ୍ରଶ୍ନ-୧ ଆସ, ଏହିସବୁ ବାକ୍ୟରୁ ଅବ୍ୟୟ ପଦଗୁଡ଼ିକୁ ଚିହ୍ନିବା ।

ପ୍ରଶ୍ନ-୨ ସେହି ଅବ୍ୟୟପଦଗୁଡ଼ିକୁ ଆଉ ଥରେ ଲେଖିବା ।

________________________________________

________________________________________

ପ୍ରଶ୍ନ-୩ ଏହି ଅବ୍ୟୟ ପଦକୁ ବ୍ୟବହାର କରି ମନରୁ ଭାବି ଆଉ ଗୋଟିଏଗୋଟିଏ ନୂଆ ବାକ୍ୟ ଗଢ଼ି ଲେଖିବା ।

________________________________________

________________________________________

________________________________________

________________________________________

________________________________________

## କାର୍ଯ୍ୟପତ୍ରିକା : ୪୨

**ତଳ ଗପଟିକୁ ପଢ଼ ଓ ପ୍ରଶ୍ନର ଉତ୍ତର ଦିଅ ।**

### ଶାବକ ହୋଇଲା ଖୁସି

ଅପ୍ରେଲ ମାସ । ସକାଳୁଆ ସ୍କୁଲ୍ । ଚନ୍ଦ୍ରକାନ୍ତ ଷଷ୍ଠଶ୍ରେଣୀର ଛାତ୍ରଟିଏ । ଦିନେ ଚାଲିଚାଲି ବିଦ୍ୟାଳୟ ଆସୁଥିଲା । ହଠାତ୍ ବରମୁଣ୍ଡା ଛକରେ ଠିଆ ହୋଇଗଲା । ରାସ୍ତା ସେପଟୁ ହାତୀ ଛୁଆଟି ରାସ୍ତା ପାରି ହେବାକୁ ଚେଷ୍ଟା କରୁଥିଲା । ତା' ମନରେ କୌତୂହଳ ବଢ଼ିଲା । ହାତୀ ଛୁଆଟି ବି ସେଇଠି ଠିଆ ହୋଇଗଲା । କିଛି ସମୟ ପରେ ସାହସ ସଞ୍ଚୟ କରି ଚନ୍ଦ୍ରକାନ୍ତ କହିଲା, "ହାତୀଭାଇ, ନମସ୍କାର ।'' ହାତୀ ଛୁଆଟି ବି ତା'କୁ ମୁଣ୍ଡ ଟେକି ପ୍ରତି ନମସ୍କାର ଜଣାଇଲା । ଚନ୍ଦ୍ରକାନ୍ତ ପଚାରିଲା, "ଭାଇ ସକାଳୁସକାଳୁ କୁଆଡ଼େ ଯାଉଛ ?'' ହାତୀଛୁଆ କହିଲା, "ଭାଇ, କାଲି ରାତିରେ ମୁଁ ଓ ମୋ ବାପାମାଆ ହାତୀପଲ ସହ ତୁମ ଗାଁକୁ ଆସିଥିଲୁ । କାରଣ ଆମ ଜଙ୍ଗଲରେ ଆଉ ଖାଦ୍ୟ ନାହିଁ । ବଡ଼ି ଭୋରରୁ ସେମାନେ ଚାଲିଗଲେ । ମୁଁ ଛୁଆଟେ ଯାଇ ପାରିଲି ନାହିଁ ।'' ଚନ୍ଦ୍ରକାନ୍ତ କହିଲା "ତୁମେ ତୁମ ଚନ୍ଦକା ଜଙ୍ଗଲ ଛାଡ଼ି ଆମ ଗାଁକୁ କାହିଁକି ଆସିଥିଲ ?'' ଛୁଆଟି ଉତ୍ତର ଦେଲା, "ଭାଇ ତୁମ ମଣିଷମାନେ ଆମ ଜଙ୍ଗଲ କାଟି ସଫା କରିଦେଲେଣି । ଆଉ ଆମେ ଖାଇବୁ କ'ଣ ? ଖାଦ୍ୟ ଅନ୍ୱେଷଣରେ ତୁମ ତୋଟା ଓ ଗହୀରକୁ ଆସିଥିଲୁ । ଆଉ ଏ ଅବସ୍ଥା ।'' ଚନ୍ଦ୍ରକାନ୍ତ ମନରେ ଦୁଃଖ ଆସିଲା । କିଛି ସମୟ ଚିନ୍ତା କଲା । କହିଲା, "ଭାଇ ବଡ଼ ହେଲେ ମୁଁ ଓ ମୋ ସାଙ୍ଗସାଥୀ କେହି ଗଛ କାଟିବୁ ନାହିଁ । ଗଛ ଲଗାଇବୁ । ତୁମ ଜଙ୍ଗଲକୁ ପୁଣି ଥରେ ସବୁଜ କରିଦେବୁ ।" ଚନ୍ଦ୍ରକାନ୍ତ କଥା ଶୁଣି ହାତୀ ଶାବକଟି ମନ ଖୁସିରେ ଗଦ୍‌ଗଦ୍ ହୋଇଗଲା । ଶୁଣ୍ଢଟି ହଲାଇହଲାଇ ରାସ୍ତା ପାରି ହୋଇ ଜଙ୍ଗଲକୁ ଚାଲିଗଲା ।

ପ୍ରଶ୍ନ-୧ ଚନ୍ଦ୍ରକାନ୍ତ ହାତୀ ଛୁଆକୁ କେଉଁଠି ଭେଟିଲା ?

ଉତ୍ତର: ______________________________

ପ୍ରଶ୍ନ-୨ ହାତୀଛୁଆ କୁଆଡ଼େ ଆସିଥିଲା ?

ଉତ୍ତର: ______________________________

ପ୍ରଶ୍ନ-୩ ବଡ଼ ହେଲେ କ'ଣ କରିବ ବୋଲି ଚନ୍ଦ୍ରକାନ୍ତ ହାତୀ ଛୁଆଟିକୁ କହିଲା ?

ଉତ୍ତର: ______________________________

ପ୍ରଶ୍ନ-୪ ହାତୀପଲ କାହିଁକି ଗାଁକୁ ଆସିଥିଲେ ?

ଉତ୍ତର: ______________________________

ପ୍ରଶ୍ନ-୫ ଚନ୍ଦ୍ରକାନ୍ତ ମନରେ କାହିଁକି ଦୁଃଖ ଆସିଲା ?

ଉତ୍ତର: ______________________________

ପ୍ରଶ୍ନ-୬ ହାତୀଛୁଆଟି କ'ଣ ପାଇଁ ଖୁସି ହୋଇଗଲା ?

ଉତ୍ତର: ______________________________

**ଅନୁଚ୍ଛେଦ ଦେଖି ତଳ ଲିଖିତ ଧାଡ଼ିରେ ବିରାମ ଚିହ୍ନ ଦେଇ ଆଉ ଥରେ ଲେଖିବା ।**

ହାତୀ ଭାଇ ନମସ୍କାର, ସକାଳୁ ସକାଳୁ କୁଆଡ଼େ ଯାଉଛ ?

ଉତ୍ତର: ______________________________

ପ୍ରଶ୍ନ : ଅନୁଚ୍ଛେଦଟିରେ ଗାର ଦିଆଯାଇଥିବା ଶବ୍ଦକୁ ଉଠାଇ ତଳୁ ଶବ୍ଦ ନେଇ ଲେଖିବା ।
(ମାନବ, ଶାବକ, ଉଦ୍ୟମ, କାର୍ଯ୍ୟ)

ପ୍ରଶ୍ନ : ଏଠାରେ 'ସଫାକରିବା' କଥାଟିର ଅର୍ଥ କ'ଣ ?

- ସାବୁନରେ ଧୋଇଦେବା
- ଗଛମୂଳ ସଫା କରିବା
- ଗଛ କାଟି ପଦା କରିଦେବା

## କାର୍ଯ୍ୟପତ୍ରିକା : ୪୩

**ନିମ୍ନରେ ଦିଆଯାଇଥିବା ବାକ୍ୟକୁ ପଢ଼ ।**

ରାମ ଫଳ ବିକୁଛି ।
ରାମ ଫଳ ବିକ୍ରି କରୁଅଛି ।

ସୀତା ବଣକୁ ଗଲେ ।
ସୀତା ବଣକୁ ଗମନ କଲେ ।

ହରି ସାହିତ୍ୟ ପଢୁଛି
ହରି ସାହିତ୍ୟ ପଠନ କରୁଛି ।

ଲୀନା ଜୋର୍‌ରେ କାନ୍ଦୁଛି ।
ଲୀନା ଜୋର୍‌ରେ କ୍ରନ୍ଦନ କରୁଛି ।

ପ୍ରଶ୍ନ-୧ ଏହି ରେଖାଙ୍କିତ କ୍ରିୟାଗୁଡ଼ିକୁ ଆଉ ଥରେ ଲେଖିବା ।

______________________________

______________________________

ପ୍ରଶ୍ନ-୨ ଏହି କ୍ରିୟାଗୁଡ଼ିକୁ ବ୍ୟବହାର କରି ଆଉ କିଛି ନୂଆ ବାକ୍ୟ ଗଢ଼ିବା ।

_______________________________________________

_______________________________________________

## କାର୍ଯ୍ୟପତ୍ରିକା : ୪୪

ତଳେ ଦିଆଯାଇଥିବା କବିତାଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକର ।

ଜୀବନଟା ହସଖୁସି, ସୁଖଦୁଃଖ ଭରା
ଆନନ୍ଦ ଓ ବିଷାଦର ଛୋଟିଆ ପସରା ।

ଜନମରୁ ମୃତ୍ୟୁଯାଏ ଯାର ପରିସୀମା
କେତେ ସ୍ମୃତିବିସ୍ମୃତିର ମଧୁର ଝରଣା ।

ବହୁଥାଏ ଦିନରାତି କୁଳୁକୁଳୁ ଛନ୍ଦେ
ଧର୍ମ ଅଧର୍ମର ବାଆ ସୁଲୁସୁଲୁ ଗନ୍ଧେ ।

ପୁଲକିତ ହୁଏ ପ୍ରାଣ ପାଇ ଯା' ପରଶ
ଧନ୍ୟ ହେ ଈଶ୍ୱର, ତୁମ ସର୍ଜନା ସରସ ।

କବିତାଟିରେ କେତୋଟି ବିପରୀତ ଅର୍ଥବୋଧକ ଶବ୍ଦ ରହିଅଛି । ସେଗୁଡ଼ିକ ଚିହ୍ନଟ କର । ତଳେ ସେଗୁଡ଼ିକ ଲେଖିବା ।
ଉଦାହରଣ - ହସଖୁସି

ଉତ୍ତର : ____________ ____________ ____________

____________ ____________ ____________

ତୁମେ ଜାଣିଥିବା ଆଉ ୪ଟି ଏହିପରି ଶବ୍ଦ ଲେଖ ____________ ____________ ____________

କବିତାରେ ଦୁଇଟି ଧ୍ୱନ୍ୟାତ୍ମକ ଶବ୍ଦ ରହିଛି । ତାକୁ ଚିହ୍ନାଇ ଲେଖ ।

ଯେପରି - ସାଇଁସାଇଁ

ସେହିପରି ____________ ____________

ଆସ, ତୁମେ ଜାଣିଥିବା ଏହିପରି ଆଉ ପାଞ୍ଚୋଟି ଶବ୍ଦ ଲେଖିବା ।

__________ __________ __________ __________ __________

__________ __________ __________ __________ __________

କବିତାଟିରେ ଥିବା ପଦ୍ୟରୂପକୁ ଚିହ୍ନାଅ ଓ ତାକୁ ଗଦ୍ୟ ରୂପରେ ପ୍ରକାଶ କର ।

________ = ________     ________ = ________

କବିତାରେ ଗଦ୍ୟରୂପକୁ ଚିହ୍ନାଅ ଓ ତାକୁ ପଦ୍ୟ ରୂପରେ ପ୍ରକାଶ କର ।

________ = ________     ________ = ________

________ = ________     ________ = ________

## କାର୍ଯ୍ୟପତ୍ରିକା : ୪୫

**ତଳେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ।**

କାଜି ପଚାରିଲେ, "ଏ କାର୍ଯ୍ୟ କିଏ କରିଛି କୁହ ।" ଜାନକୀ କହିଲା, "ଆପଣ ଯଦି ଦୋଷୀକୁ ଦଣ୍ଡ ଦେଇପାରିବେ ବୋଲି ସତ୍ୟ କରି କହିବେ, ତେବେ ମୁଁ ତା'ର ନାମ ପ୍ରକାଶ କରିବି ।"

କାଜି ଅନୁମାନ କରିପାରିଲେ ଯେ ତାଙ୍କ ନ୍ୟାୟବିଚାର ପ୍ରତି ସ୍ତ୍ରୀ ଲୋକଟିର ମନରେ ସନ୍ଦେହ ଜାତ ହୋଇଛି । ସେ ତେଣୁ ଦୃଢ଼ସ୍ୱରରେ କହିଲେ, "ନିଶ୍ଚିନ୍ତ ହୁଅ ମା' ! ଦୋଷୀ ଯେତେ ବଡ଼ ଲୋକ ହେଉ ନା କାହିଁକି, ମୁଁ ନିଶ୍ଚେ ତାକୁ ଉଚିତ୍ ଦଣ୍ଡ ଦେବି । କୁହ, କିଏ ସେହି ଅପରାଧୀ ?"

ପ୍ରଶ୍ନ-୧ ତଳ ଲେଖାରେ ଉପଯୁକ୍ତ ବିରାମ ଚିହ୍ନ ଦିଅ ।

କାଜି ପଚାରିଲେ ଏ କାର୍ଯ୍ୟ କିଏ କରିଛି କୁହ

ସେ ତେଣୁ ଦୃଢ଼ସ୍ୱରରେ କହିଲେ ନିଶ୍ଚିନ୍ତ ହୁଅ ମା

କୁହ କିଏ ସେହି ଅପରାଧୀ

ପ୍ରଶ୍ନ-୨ ଆସ, କଥା ହୋଇ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦେବା ।

ଜାନକୀ କାଜିକୁ କ'ଣ କହିଲା ?

________________________________________

କାଜି କ'ଣ ଅନୁମାନ କଲେ ?

________________________________________

# କାର୍ଯ୍ୟପତ୍ରିକା : ୪୬

**ତଳ ସମୟ ସାରଣୀକୁ ପଢ଼ :-**

**ବେତନଟୀ ପ୍ରାଥମିକ ବିଦ୍ୟାଳୟ, ମୟୂରଭଞ୍ଜ** **ଶ୍ରେଣୀ-ପଞ୍ଚମ** **ବର୍ଷ- ୨୦୨୦-୨୦୨୧**

| ବାରର ନାମ | | | ୧ମ ପିରିୟଡ଼ | ୨ୟ ପିରିୟଡ଼ | ୩ୟ ପିରିୟଡ଼ | ୪ର୍ଥ ପିରିୟଡ଼ | | ୫ମ ପିରିୟଡ | ୬ଷ୍ଠ ପିରିୟଡ | ୭ମ ପିରିୟଡ |
|---|---|---|---|---|---|---|---|---|---|---|
| | ୧୦ ଘ. | ୧୦ ଘ. ରୁ ୧୦.୩୦ ମି. ପର୍ଯ୍ୟନ୍ତ | ୧୦.୩୦ ମି. ରୁ ୧୧.୧୫ ମି. ପର୍ଯ୍ୟନ୍ତ | ୧୧.୧୫ ମି. ରୁ ୧୨ ଘ. | ୧୨ ଘ. ରୁ ୧୨.୪୫ ମି. | ୧୨.୪୫ ମି. ରୁ ୧.୩୦ ମି. | ୧.୩୦ ମି. ରୁ ୨ ଘ. | ୨ ଘ. ରୁ ୨.୪୦ ମି. | ୨.୪୦ ମି. ରୁ ୩.୨୦ ମି. | ୩.୨୦ ମି. ରୁ ୪. ଘ. |
| ସୋମବାର | ବିଦ୍ୟାଳୟ କାର୍ଯ୍ୟକ୍ରମ ଆରମ୍ଭ | ସାମୂହିକ ସଫେଇ ଓ ପ୍ରାର୍ଥନା | ଭାଷା | ଗଣିତ | ସାମାଜିକ ପାଠ | ଇଂରାଜୀ | ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ | ଭାଷା | ଗଣିତ | ବଗିଚା କାମ |
| ମଙ୍ଗଳବାର | | | ଭାଷା | ଗଣିତ | ବିଜ୍ଞାନ | ସାମାଜିକ ପାଠ | | ଗଣିତ | ଭାଷା | ଖେଳ |
| ବୁଧବାର | | | ଭାଷା | ଗଣିତ | ସାମାଜିକ ପାଠ | ଇଂରାଜୀ | | ଭାଷା | ଗଣିତ | ଚିତ୍ରାଙ୍କନ |
| ଗୁରୁବାର | | | ଭାଷା | ଗଣିତ | ବିଜ୍ଞାନ | ଇଂରାଜୀ | | ଗଣିତ | ଭାଷା | ଖେଳ |
| ଶୁକ୍ରବାର | | | ଭାଷା | ଗଣିତ | ସାମାଜିକ ପାଠ | ବିଜ୍ଞାନ | | ଭାଷା | ଗଣିତ | ହସ୍ତକର୍ମ |
| ଶନିବାର | | | ଡ୍ରିଲ୍ | ଗଣିତ | ବିଜ୍ଞାନ | ଇଂରାଜୀ | | ବାଳସଭା କାର୍ଯ୍ୟକ୍ରମ | | |

ଆସ ତଳେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର କରିବା :-

୧. ଉପର ସମୟ ସାରଣୀଟି କେଉଁ ବର୍ଷର ସୂଚନା ଦେଇଛି ?

______________________________

୨. କେଉଁ ବିଦ୍ୟାଳୟ ସମୟନିର୍ଘଣ୍ଟ ଏଠାରେ ଦିଆଯାଇଛି ?

______________________________

୩. ବିଦ୍ୟାଳୟ କାର୍ଯ୍ୟକ୍ରମ କେତେବେଳେ ଆରମ୍ଭ ହୁଏ ?

______________________________

୪. ଏଥିରେ ଏକ ଘଣ୍ଟା ତିରିଶ ମିନିଟ୍‌ରୁ ଦୁଇଘଣ୍ଟା ପର୍ଯ୍ୟନ୍ତ ସମୟ କେଉଁ କାମ ପାଇଁ ରଖାଯାଇଛି ?

______________________________

୫. ସପ୍ତାହର କେଉଁ ବାରରେ ଇଂରାଜୀ ପଢ଼ାହୁଏ ନାହିଁ ?

_______________________________________________

୬. ସମୟ ନିର୍ଘଣ୍ଟରେ କେଉଁ ବାରର ନାମ ନାହିଁ ?

_______________________________________________

୭. ସମୟ ନିର୍ଘଣ୍ଟର ସବୁଦିନ କେଉଁ ବିଷୟ ପଢ଼ାଯାଏ ?

_______________________________________________

୮. ସପ୍ତାହର କେଉଁକେଉଁ ଦିନ ଖେଳ ପିରିୟଡ଼ ରହିଛି ?

_______________________________________________

୯. ସମୟ ନିର୍ଘଣ୍ଟରେ କେତେ ବାରର କଥା କୁହାଯାଇଛି ?

_______________________________________________

୧୦. ସମୟ ନିର୍ଘଣ୍ଟରେ କେଉଁ ବିଷୟର ପିରିୟଡ଼ ଅଧିକ ?

_______________________________________________

୧୧. ସମୟ ନିର୍ଘଣ୍ଟରେ କେଉଁ ବିଷୟର ପିରିୟଡ଼ କମ୍ ?

_______________________________________________

୧୨. ଦିଆଯାଇଥିବା ସମୟସାରଣୀରେ କେଉଁକେଉଁ ବିଷୟ ପଢ଼ାଯିବାର ବ୍ୟବସ୍ଥା ରଖାଯାଇଛି ?

_______________________________________________

୧୩. ବାଳସଭା କାର୍ଯ୍ୟକ୍ରମ ସମୟ ନିର୍ଘଣ୍ଟର କେଉଁ ସମୟରେ ରଖାଯାଇଛି ?

_______________________________________________

## କାର୍ଯ୍ୟପତ୍ରିକା : ୪୭

**ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ।**

ପ୍ୟାରୀମୋହନଙ୍କ ଜୀବନ ଥିଲା ଏକ ତପସ୍ୱୀର ଜୀବନ । ସେହି ବ୍ୟକ୍ତି ଜୀବନରେ ସିଦ୍ଧି ଲାଭ କରେ, ଯିଏ କର୍ମକୁ ତପସ୍ୟା ଭାବରେ ଗ୍ରହଣ କରି ନେଇଥାଏ । ପ୍ୟାରୀମୋହନ ସେହିପରି ଥିଲେ ଜଣେ କର୍ମସିଦ୍ଧ ବ୍ୟକ୍ତି । ସେତେବେଳେ କଟକରୁ 'ଉତ୍କଳଦୀପିକା' ଓ ବାଲେଶ୍ୱରରୁ 'ସମ୍ବାଦବାହିକା' ନାମରେ କେବଳ ଦୁଇଟି ମାତ୍ର ସମ୍ବାଦପତ୍ର ପ୍ରକାଶ ପାଉଥିଲା । ସେ ଅନୁଭବ କଲେ ଯେ ଏହା ଯଥେଷ୍ଟ ନୁହେଁ । ଏଥିପାଇଁ ସେ ନିଜ ଚେଷ୍ଟାରେ ୧୮୭୧ ମସିହାରେ 'ଉତ୍କଳପୁତ୍ର' ନାମରେ କଟକରୁ ଏକ ପତ୍ରିକା ପ୍ରକାଶ କଲେ । ଓଡ଼ିଶାର ବିଭିନ୍ନ ସମସ୍ୟା ଓ ଅସୁବିଧାକୁ ଠିକ୍ ଭାବରେ ଉପସ୍ଥାପନ କରି ସେ ଉକ୍ତ ପତ୍ରିକାଟିକୁ ପରିଚାଳନା କଲେ । ଏହି ପତ୍ରିକାର ସେ ଥିଲେ ଜଣେ ସୁଦକ୍ଷ ସମ୍ପାଦକ । ଏହା ହେଉଛି ତାଙ୍କ ଛାତ୍ର ଜୀବନର ଏକ ଉଲ୍ଲେଖଯୋଗ୍ୟ କୃତି । 'ଦରଖାସ୍ତ ଜୁତିଆନ୍' ଲେଖାଟି ଏହି ପତ୍ରିକାରେ ସେ ପ୍ରକାଶ କରିଥିଲେ । ପ୍ରଥମେ ଏହା ଥିଲା ହସ୍ତଲିଖିତ । ଏହି ହସ୍ତଲିଖିତ 'ଉତ୍କଳପୁତ୍ର' ର ସୁନାମ, ପ୍ରଭାବ ଓ ପ୍ରତିଷ୍ଠାରେ ମୁଗ୍ଧ ହୋଇ କର୍ମବୀର ଗୌରୀଶଙ୍କର ନିଜ ପ୍ରେସ୍‌ରେ ତାହାକୁ ଛାପିବାର ବ୍ୟବସ୍ଥା କରି ଦେଇଥିଲେ । ଫଳରେ ସେହିଦିନ ଠାରୁ 'ଉତ୍କଳ-ପୁତ୍ର' ଛାପା ଅକ୍ଷରରେ ଆତ୍ମପ୍ରକାଶ କଲା । ଏଥିରେ ତରୁଣ ପ୍ୟାରୀମୋହନ ବ୍ରିଟିଶ୍ ଶାସନର ଅନ୍ୟାୟ, ଅବିଚାର ଏବଂ ସେତେବେଳର ସାମାଜିକ କୁସଂସ୍କାର ବିରୋଧରେ ନିର୍ଭୀକ ଭାବରେ ଲେଖାମାନ ଲେଖୁଥିଲେ ।

ପ୍ରଶ୍ନ-୧ ଆସ, ଏହି ଅନୁଚ୍ଛେଦରୁ କିଛି ପ୍ରଶ୍ନ ପ୍ରସ୍ତୁତ କରିବା ।

______________________________

______________________________

______________________________

______________________________

ପ୍ରଶ୍ନ-୨ ଏହି ଅନୁଚ୍ଛେଦରେ ଥିବା ସର୍ବନାମ ପଦଗୁଡ଼ିକୁ ବାଛି ଲେଖିବା :-

______________________________

______________________________

ପ୍ରଶ୍ନ-୩ ଯେପରି 'ନାମ' ଶବ୍ଦ ପୂର୍ବରୁ 'ସୁ' ଲାଗିଲେ 'ସୁନାମ' ଶବ୍ଦ ହେଉଛି; ସେହିପରି 'ସୁ' ପୂର୍ବରେ ଯୋଡ଼ି ଆଉ କିଛି ନୂଆ ଶବ୍ଦ ତିଆରି କରିବା ।

______________________________

______________________________

______________________________

ପ୍ରଶ୍ନ-୪ ନିମ୍ନ ଶବ୍ଦଗୁଡ଼ିକର ବିପରୀତ ଅର୍ଥ ସୂଚାଉଥିବା ଶବ୍ଦଗୁଡ଼ିକୁ ଲେଖିବା :-

ଗ୍ରହଣ -

ଲାଭ -

ଅନ୍ୟାୟ -

ଅସୁବିଧା -


ଯଥେଷ୍ଟ -

ସୁନାମ -

## କାର୍ଯ୍ୟପତ୍ରିକା : ୪୮

**ଦିଆଯାଇଥିବା ଚିତ୍ରକୁ ପଢ଼ ଓ ଠିକ୍ କ୍ରମ ଅନୁସାରେ ସଜାଇ କାମଗୁଡ଼ିକ ବିଷୟରେ ପ୍ରତି ଚିତ୍ରକୁ ଆଧାର କରି ପରପୃଷ୍ଠାରେ ଲେଖ ।**











ଆସ ଲେଖିବା :-

ପ୍ରଶ୍ନ : ଉପର ଲେଖାରେ ଥିବା କ୍ରିୟାପଦଗୁଡ଼ିକୁ ବାଛି ତା' ଚାରିପଟେ ଗୋଲ ବୁଲାଇବା ଓ ସେଗୁଡ଼ିକୁ ତଳେ ଲେଖିବା :-

## କାର୍ଯ୍ୟପତ୍ରିକା : ୪୯

**ତଳେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ।**

ରମେଶ ଓ ମହେଶ୍ୱର ଭୁବନେଶ୍ୱରରେ ରହନ୍ତି । ଦୁହେଁ ପାଖ ବିଦ୍ୟାଳୟରେ ପଢ଼ନ୍ତି । ଏ ବର୍ଷ ଗଣେଶପୂଜାବେଳେ ସେଦୁହେଁ ଜଗନ୍ନାଥଦର୍ଶନ କରିବାକୁ ପୁରୀ ଗଲେ । ସେଠାରେ ରବୀନ୍ଦ୍ରକୁ ଭେଟିଲେ । ସେ ଜଣେ ଭଲ ଗାୟକ । ସେ ଏହିବର୍ଷ ଷଷ୍ଠଶ୍ରେଣୀ ବାର୍ଷିକ ପରୀକ୍ଷା ଦେବ, ପରୀକ୍ଷାରେ ଭଲ କଲେ ସେ ନିଶ୍ଚୟ ପୁରସ୍କାର ପାଇବ ।

ପ୍ରଶ୍ନ-୧ ଆସ, ଏହି ଅନୁଚ୍ଛେଦରେ ଥିବା ସନ୍ଧିଯୁକ୍ତ ଶବ୍ଦଗୁଡ଼ିକୁ ବାଛିବା ।

________________________________________

________________________________________

________________________________________

ପ୍ରଶ୍ନ-୨ ସେହି ସନ୍ଧିଶବ୍ଦଗୁଡ଼ିକର ସନ୍ଧି ବିଚ୍ଛେଦ କରିବା ।

ଯେପରି : ବିଦ୍ୟାଳୟ = ବିଦ୍ୟା + ଆଳୟ

ସେପରି : ____________________________________

________________________________________

________________________________________

## କାର୍ଯ୍ୟପତ୍ରିକା : ୫୦

**ତଳ ଲିଖିତ ପଦଗୁଡ଼ିକୁ ମନ ଦେଇ ପଢ଼ିବା ଓ ରେଖାଙ୍କିତ ଶବ୍ଦ ଗୁଡ଼ିକର ଅର୍ଥ ବୁଝିବା ।**

ଶରତର ଶୋଭା ନୀଳ ଅମ୍ବର
ବୀଣାପାଣି ପିନ୍ଧେ ଶ୍ୱେତ ଅମ୍ବର ।

ଆମ ଉତ୍ତରରେ ବରଫଗିରି
ଉତ୍ତର ଦେବାକୁ ଯାଅନା ଡ଼ରି ।

ଦୁଷ୍ଟ ରାବଣର କୋଡ଼ିଏ ପାଣି
ଖରାଦିନେ ଲୋଡ଼ା ମଧୁରପାଣି ।

ଗଙ୍ଗାତୀର ଏବେ ଭାରି ମଇଳା
ରାମ ତୀର ଟାଣ, ରାବଣ ମଲା ।

ଅଜାଙ୍କ ଅଙ୍କରେ ବସିଛି ନାତି
ରମା ଅଙ୍କ କଷେ ସକାଳୁ ନିତି ।

**ଉପର ଲିଖିତ ପଦଗୁଡ଼ିକୁ ବୁଝି ତଳ ଲିଖିତ ଶବ୍ଦ ଗୁଡ଼ିକର ଅର୍ଥ ବନ୍ଧନୀରୁ ଖୋଜି ଗୋଲ ବୁଲାଅ ।**

ଅମ୍ବର = (ଆକାଶ, ମେଘ, ଚଢ଼େଇ)

ଅମ୍ବର = (ଅଳଙ୍କାର, ରଙ୍ଗ, ଲୁଗା)

ଉତ୍ତର = (ଦିଗ, ଉପର, ପାଖ)

ଉତ୍ତର = (ପ୍ରଶ୍ନ, ପ୍ରଶ୍ନର ଉତ୍ତର, କହିବା)

ପାଣି = (ମୁଣ୍ଡ, ହାତ, ଆଖି)

ପାଣି = (ଆକାଶ, ଜଳ, ମିଠା)

ତୀର = (କୂଳ, ଶର, ପାଖ)

ତୀର = (ଶର, ଧନୁ, ବାଣ)

ଅଙ୍କ = (ଲୁଗା, କୋଳ, କାନ୍ଧ)

ଅଙ୍କ = (ବିଜ୍ଞାନ, ଗଣିତ, ହିସାବ)

## କାର୍ଯ୍ୟପତ୍ରିକା : ୫୧

**ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ ।**

ମୁଣ୍ଡଫଟା ଖରା, ଅସହ୍ୟ ଗରମ, ମାଟି ଶୁଖିବା, ଝାଞ୍ଜିପବନ, କାଳବୈଶାଖୀ, ଜଳାଭାବ, ଅଂଶୁଘାତ ।

ପ୍ରଶ୍ନ-୧ ଆସ ଏହି ଶବ୍ଦଗୁଡ଼ିକୁ ବ୍ୟବହାର କରି ଗୋଟିଏ ଅନୁଚ୍ଛେଦ ଲେଖିବା ।

ପ୍ରଶ୍ନ-୨ ଏହି ଅନୁଚ୍ଛେଦଟିର ଶିରୋନାମା କ'ଣ ହେବ ଲେଖିବା :-

## କାର୍ଯ୍ୟପତ୍ରିକା : ୫୨

**ତଳେ ଲେଖାଯାଇଥିବା ଶବ୍ଦଗୁଡ଼ିକୁ ପଢ଼ । ପ୍ରତି ଧାଡ଼ିରେ ଅଲଗା ଲାଗୁଥିବା ଶବ୍ଦଟିକୁ ବାଛି ତା' ଚାରିପଟେ ଗୋଲ ବୁଲାଅ ।**

(କ) ଗଗନ, ଅମ୍ବର, ପତଙ୍ଗ, ଆକାଶ

(ଖ) ଅବନୀ, ଧରଣୀ, ବସୁନ୍ଧରା, ଭୂଧର

(ଗ) ଆଳୟ, ତରୁ, ପାଦପ, ବିଟପୀ

(ଘ) ନରେଶ, ନରପତି, ଇନ୍ଦ୍ର, ଭୂପତି

(ଙ) ପିତା, ପିୟର, ଜନକ, ସ୍ୱାମୀ

(ଚ) ରବି, ଶଶୀ, ସବିତା, ତପନ

(ଛ) ଅରୁଣ, ବରୁଣ, ସିନ୍ଧୁ, ରତ୍ନାକର

(ଜ) ଇନ୍ଦିରା, କମଳ, ରାଜୀବ, ପଙ୍କଜ

(ଝ) ମାରୁତ, ମାରୁତୀ, ବାତ, ସମୀରଣ

(ଞ) ସରିତ, ସରିତା, ଝରଣା, ତଟିନୀ

## କାର୍ଯ୍ୟପତ୍ରିକା : ୫୩

**ନିମ୍ନ ଅନୁଚ୍ଛେଦଟିକୁ ପଢ଼ :-**

ସଭରକର ଅଠରବର୍ଷ ବୟସରେ ଗୋଟିଏ ବିପ୍ଳବୀଦଳ ଗଢ଼ିଥିଲେ । ତା'ର ନାମ 'ମିତ୍ରମେଳା' । ବିଲାତର ରାଣୀଙ୍କ ମୃତ୍ୟୁରେ ମିତ୍ରମେଳାର ସଦସ୍ୟମାନେ ଶୋକ ପାଳିଲେ ନାହିଁ । ସଭରକର ଗୋଟିଏ ବୈଠକ ଡାକି ସେଥିରେ ସାରଗର୍ଭକ ଭାଷଣ ଦେଉଥିଲେ । ସେ କହିଲେ, "ବିଲାତର ରାଣୀ ଆମ ଶତ୍ରୁଦେଶର ରାଣୀ ଅଟନ୍ତି । ଆମେ ତାଙ୍କ ବିୟୋଗରେ କାହିଁକି ଶୋକ ପାଳିବା ?"

ପ୍ରଶ୍ନ-୧ ନିମ୍ନ ପ୍ରଶ୍ନର ଉତ୍ତର ଲେଖିବା ।

(କ) ସଭରକର କେଉଁ ଦଳ ଗଢ଼ିଥିଲେ ?

ଉତ୍ତର: ______________________________

(ଖ) ସଭରକର ବୈଠକରେ କ'ଣ କହିଥିଲେ ?

ଉତ୍ତର: ______________________________

______________________________

ପ୍ରଶ୍ନ-୨ ପୂର୍ବ ପୃଷ୍ଠାରେ ଥିବା ଅନୁଚ୍ଛେଦଟିରୁ ସର୍ବନାମପଦଗୁଡ଼ିକୁ ବାଛି ଲେଖିବା ।

________________________________________

________________________________________

ପ୍ରଶ୍ନ-୩ ସେ କହିଲେ ବିଲାତର ରାଣୀ ଆମ ଶତ୍ରୁ ଦେଶର ରାଣୀ ଅଟନ୍ତି । ଆମେ ତାଙ୍କ ବିୟୋଗରେ କାହିଁକି ଶୋକ ପାଳିବା ।
ଏହି ବାକ୍ୟଗୁଡ଼ିକରେ ଉପଯୁକ୍ତ ବିରାମ ଚିହ୍ନ ଦିଅ ।

## କାର୍ଯ୍ୟପତ୍ରିକା : ୫୪

**ନିମ୍ନଲିଖିତ ଶବ୍ଦଗୁଡ଼ିକୁ ପଢ଼ ।**

ପ୍ରଦାନ, ପ୍ରତ୍ୟାଗମନ, ଆରକ୍ତ, ଅନୁରୂପ, ପରାସ୍ତ, ସନ୍ତାନ, ନିବୃତ୍ତ, ଅଧିଷ୍ଠାନ, ଦୁର୍ଜନ, ବିତୃଷ୍ଣା, ଅପକାର, ଅଧିବାସୀ, ସୁନାମ, ନିର୍ମଳ, ଉନ୍ନତ, ଅତୀତ, ପରିଣତ, ପ୍ରତିକୂଳ, ଅବତରଣ, ଅଭିଧାନ, ଉପକାର ।

ପ୍ରଶ୍ନ-୧ ଆସ, ଏହି ଶବ୍ଦଗୁଡ଼ିକୁ ଆଉ ଥରେ ଦେଖିଦେଖି ଲେଖିବା ।

________________________________________

________________________________________

________________________________________

ପ୍ରଶ୍ନ-୨ ଏହି ଶବ୍ଦର ପୂର୍ବରେ ଲାଗିଥିବା ପ୍ରତ୍ୟୟଗୁଡ଼ିକ ଅଲଗା କରି ଲେଖିବା । ଯେପରି ପ୍ରଦାନ - ପ୍ର + ଦାନ
ସେପରି :

________________________________________

________________________________________

## କାର୍ଯ୍ୟପତ୍ରିକା : ୫୫

**ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ଉତ୍ତର ଲେଖିବା ।**

ଦରିଦ୍ର କୁଟୀରର ବଡ଼ ନିଧି ହେଉଛି ପିଲା । ବୟସରେ ମୋ'ଠାରୁ ଦଶବର୍ଷ ସାନ ମୋର ଗୋଟିଏ ଭଉଣୀ ଥିଲା । ସମାଜରେ ପୁଅ ଓ ଝିଅ ଉଭୟଙ୍କର ଆବଶ୍ୟକତା ସମାନ ହେଲେ ସୁଦ୍ଧା ପୁଅମାନେ ଝିଅଙ୍କ ତୁଳନାରେ ଅଧିକ ଆଦର ପାଆନ୍ତି । ବର୍ତ୍ତମାନ ନାରୀଜାତି ନିଜ ଦାବି ପ୍ରତିଷ୍ଠିତ କରିବାକୁ ବସୁଛି । ତା'ର ଫଳାଫଳ ଯଥା ସମୟରେ ଜଣାଯିବ; କିନ୍ତୁ ବିଧାତା ନାରୀମୁଣ୍ଡରେ ଯେଉଁ କଠୋର କର୍ତ୍ତବ୍ୟ ଲଦିଛି, ତାକୁ ବହନକରି ସେ ଯେ ଖୁବ୍ ଉଚ୍ଚକୁ ଉଠିପାରିବ, ସେ ବାଟ ଏବେ ପ୍ରାଞ୍ଜଳ ଦିଶିନାହିଁ । ସେହି କର୍ତ୍ତବ୍ୟପାଳନ ହିଁ ନାରୀ ପକ୍ଷେ ଗର୍ବର ହେତୁ; ତାହାରି ଯୋଗେ ନାରୀର ମହତ୍ତ୍ୱ ଏତେ ବଢ଼ିଛି । ନାରୀଜାତିର ମହୀୟସୀ ପ୍ରତିନିଧି ରୂପେ ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ ପୂଜା ପାଉଛନ୍ତି; ଶକ୍ତି ସୃଷ୍ଟି ସର୍ଜନା କରୁଛି । ପରିବାର ମଧ୍ୟରେ ଜୀବିକା ଅର୍ଜନ ଭାର ପଡ଼ିଛି ପୁରୁଷ କାନ୍ଧରେ । ଗ୍ରୀନ୍‌ଲାଣ୍ଡ, ସୁଇଜରଲାଣ୍ଡ ପ୍ରଭୃତି କେତେକ ସ୍ଥାନରେ ନାରୀମାନେ ପୁରୁଷଙ୍କୁ ଘରେ ରଖାଇ ନିଜେ ବାହାରର ସକଳ କାର୍ଯ୍ୟ ନିର୍ବାହ କରନ୍ତି, ଏପରିକି ଜୀବିକା ଅର୍ଜନ କରି ମଧ୍ୟ ଆଣନ୍ତି, ପୁରୁଷମାନେ ଘରଧନ୍ଦା ବୁଝନ୍ତି, ସନ୍ତାନର ଲାଳନପାଳନ ଭାର ମୁଣ୍ଡାନ୍ତି । ବର୍ମା ଦେଶର ନାରୀ ପୁରୁଷ ଅପେକ୍ଷା ପ୍ରବଳ । ତଥାପି ମାନବସମାଜରେ ସଚରାଚର କୁଟୁମ୍ବ ପୋଷିବା କାମ ପୁରୁଷର, ନାରୀର ନୁହେଁ । ସେହି କାରଣରୁ ବିବାହିତ ପୁଅର ନାମ ଭର୍ତ୍ତା ଓ ବିବାହିତା ଝିଅ ହେଉଛି ଭାର୍ଯ୍ୟା ।

ପ୍ରଶ୍ନ-୧ ଏହି ଅନୁଚ୍ଛେଦରୁ ରେଖାଙ୍କିତ ପଦଗୁଡ଼ିକୁ ଆଉ ଥରେ ତଳେ ଲେଖିବା ।

______________ ______________ ______________

______________ ______________ ______________

______________ ______________ ______________

ପ୍ରଶ୍ନ-୨ ଏହି ଅନୁଚ୍ଛେଦରୁ ବିଶେଷ୍ୟ ଓ ବିଶେଷଣପଦକୁ ବାଛି ଲେଖିବା ।

______________ ______________ ______________

______________ ______________ ______________

ପ୍ରଶ୍ନ-୩ 'ଲାଳନାପାଳନ' ଶବ୍ଦ ପରି ଆଉ କିଛି ଯୋଡ଼ି ଶବ୍ଦ ମନରୁ ଭାବି ଲେଖିବା ।

______________ ______________ ______________

ପ୍ରଶ୍ନ-୪ ପୁଅ, ଭଉଣୀ, ନାରୀ, ବିବାହିତା, ବିଧାତା - ଏଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କରି ଲେଖିବା ।

__________________________________________

__________________________________________

## କାର୍ଯ୍ୟପତ୍ରିକା : ୫୬

**ତଳ ଲିଖିତ ପଦଗୁଡ଼ିକୁ ପଢ଼ ।**

ଅଜାଆଇ ଆମ ହାଟକୁ ଗଲେ ।
ବୁଢ଼ାବୁଢ଼ୀ ବସି ଟିଭି ଦେଖିଲେ ॥
ରାଜାରାଣୀ ସାଙ୍ଗ ହୋଇ ଆସିଲେ ।
ପୁଅଝିଅ ଦେଖି ତାଳି ମାରିଲେ ॥

ପିତାମାତା ଆମ ଅତି ଆପଣା ।
ବେଙ୍ଗବେଙ୍ଗୁଲୀ କଥା ସେମାନଙ୍କୁ ଜଣା ॥
ଗୌରଗୌରୀ ବଗବଗୁଲୀ ।
ତରୁଣତରୁଣୀ ହଂସହଂସୁଲୀ ॥

ପ୍ରଶ୍ନ-୧ ରେଖାଙ୍କିତ ପଦଗୁଡ଼ିକୁ ଆଉ ଥରେ ଲେଖ ।

________ ________ ________ ________

________ ________ ________ ________

________ ________ ________ ________

ପ୍ରଶ୍ନ-୨ ତଳେ ଦିଆଯାଇଥିବା ଶବ୍ଦର ଲିଙ୍ଗ (ବନ୍ଧନୀରୁ ବାଛି) ପରିବର୍ତ୍ତନ କରି ଖାଲିସ୍ଥାନ ପୂରଣ କର ।

ବାଳକ ________ (ବାଳିକା, ବାଳକେ, ବାଳକ)

ନର ________ (ନରା, ନାରୀ, ନାରି)

ଶିବ ________ (ଶିବା, ଶିବାନୀ, ଶିବ)

ବର ________ (କନ୍ୟା, ବରା, ବରୁଣୀ)

ସମୁଦି ________ (ସମୁଦୀ, ସମୁଦୁଣୀ, ସୁମୁଦୁଣୀ)

ପୁରୁଷ ________ (ସ୍ତ୍ରୀ, ନାରୀ, ମାଉସୀ)

## କାର୍ଯ୍ୟପତ୍ରିକା : ୫୭

**ଆସ, ତଳେ ଥିବା ତାପମାତ୍ରା ସାରଣୀଟିକୁ ପଢ଼ିବା ଓ ସୂଚନା ଆଧାରରେ ଉତ୍ତର ଲେଖିବା ।**

**(ସେଲସିୟସରେ ତାପମାତ୍ରା)**

| କ୍ରମିକ ନମ୍ବର | ପ୍ରମୁଖ ସ୍ଥାନର ନାମ | ରବିବାର | | ସୋମବାର | | ମଙ୍ଗଳବାର | | ବୁଧବାର | | ଗୁରୁବାର | | ଶୁକ୍ରବାର | | ଶନିବାର | |
|---|---|---|---|---|---|---|---|---|---|---|---|---|---|---|---|
| | | ସର୍ବୋଚ୍ଚ | ସର୍ବନିମ୍ନ | ସର୍ବୋଚ୍ଚ | ସର୍ବନିମ୍ନ | ସର୍ବୋଚ୍ଚ | ସର୍ବନିମ୍ନ | ସର୍ବୋଚ୍ଚ | ସର୍ବନିମ୍ନ | ସର୍ବୋଚ୍ଚ | ସର୍ବନିମ୍ନ | ସର୍ବୋଚ୍ଚ | ସର୍ବନିମ୍ନ | ସର୍ବୋଚ୍ଚ | ସର୍ବନିମ୍ନ |
| ୧. | ଭୁବନେଶ୍ୱର | ୩୯.୪ | ୨୭.୮ | ୩୯.୦ | ୨୬.୫ | ୪୦.୬ | ୨୭.୧ | ୩୮.୪ | ୨୫.୦ | ୩୭.୦ | ୨୪.୪ | ୩୧.୨ | ୨୬.୭ | ୩୮.୦ | ୨୩.୦ |
| ୨. | କଟକ | ୩୮.୪ | ୨୬.୨ | ୩୭.୦ | ୨୬.୫ | ୩୯.୨ | ୨୫.୪ | ୩୭.୦ | ୨୭.୦ | ୩୮.୩ | ୨୬.୪ | ୩୮.୫ | ୨୫.୬ | ୩୭.୦ | ୨୦.୨ |
| ୩. | ବାଲେଶ୍ୱର | ୩୫.୧ | ୨୪.୬ | ୩୪.୪ | ୨୪.୮ | ୩୭.୪ | ୨୫.୧ | ୩୨.୫ | ୨୩.୦ | ୩୪.୬ | ୧୯.୨ | ୩୬.୬ | ୨୫.୭ | ୩୬.୦ | ୨୧.୪ |
| ୪. | ଗୋପାଳପୁର | ୩୨.୦ | ୨୬.୩ | ୩୧.୩ | ୨୬.୩ | ୩୨.୨ | ୨୬.୩ | ୩୪.୦ | ୨୫.୮ | ୩୨.୬ | ୨୬.୩ | ୩୨.୦ | ୨୬.୬ | ୩୧.୦ | ୨୧.୭ |
| ୫. | ପୁରୀ | ୩୩.୬ | ୨୭.୬ | ୩୨.୬ | ୨୭.୦ | ୩୪.୨ | ୨୭.୨ | ୩୩.୮ | ୨୬.୦ | ୩୩.୫ | ୨୭.୬ | ୩୩.୦ | ୨୭.୦ | ୩୩.୪ | ୨୨.୯ |
| ୬. | ବାରିପଦା | ୩୫.୬ | ୨୨.୦ | ୩୬.୬ | ୨୫.୫ | ୩୮.୦ | ୨୪.୦ | ୩୭.୦ | ୨୩.୦ | ୩୨.୦ | ୨୩.୫ | ୩୭.୦ | ୨୫.୫ | ୩୬.୦ | ୨୦.୫ |
| ୭. | କେଉଁଝର | ୩୬.୦ | ୨୫.୦ | ୩୫.୦ | ୨୨.୯ | ୩୮.୦ | ୨୪.୦ | ୩୭.୧ | ୨୩.୦ | ୩୬.୩ | ୨୪.୫ | ୩୯.୦ | ୨୦.୫ | ୩୬.୧ | ୨୧.୫ |
| ୮. | କୋରାପୁଟ | ୩୫.୫ | ୨୨.୦ | ୩୪.୦ | ୨୧.୮ | ୩୪.୫ | ୨୦.୦ | ୩୪.୦ | ୧୯.୨ | ୩୪.୦ | ୧୯.୫ | ୩୪.୦ | ୨୨.୦ | ୩୪.୫ | ୨୨.୨ |
| ୯. | ସମ୍ବଲପୁର | ୪୨.୦ | ୨୫.୦ | ୪୧.୦ | ୨୫.୮ | ୪୧.୪ | ୨୪.୦ | ୪୦.୭ | ୨୩.୦ | ୪୦.୭ | ୨୫.୩ | ୪୨.୦ | ୨୩.୬ | ୪୦.୪ | ୨୪.୮ |
| ୧୦. | ପାରାଦ୍ୱୀପ | ୩୨.୦ | ୭୭.୮ | ୩୧.୯ | ୨୭.୬ | ୩୨.୨ | ୨୭.୭ | ୩୧.୯ | ୨୩.୫ | ୩୧.୮ | ୨୮.୦ | ୩୧.୭ | ୨୮.୦ | ୩୪.୩ | ୨୩.୧ |

ଆସ ପ୍ରଶ୍ନଗୁଡ଼ିକର ଉତ୍ତର କରିବା :-

ପ୍ରଶ୍ନ-୧ ସାରଣୀଟିରେ କ'ଣ ପ୍ରଦର୍ଶିତ କରାଯାଇଛି ?

________________________________________________

ପ୍ରଶ୍ନ-୨ ତାପମାତ୍ରା କେଉଁଥିରେ ପ୍ରକାଶିତ ହୋଇଛି ?

________________________________________________

ପ୍ରଶ୍ନ-୩ ସାରଣୀରେ କେଉଁ ସବୁ ସୂଚନା ଦିଆଯାଇଛି ?

________________________________________________

ପ୍ରଶ୍ନ-୪ ରବିବାର ଦିନ ଭୁବନେଶ୍ୱର ଓ କୋରାପୁଟର ତାପମାତ୍ରାରେ କ'ଣ ଦେଖୁଛ ?

________________________________________________

ପ୍ରଶ୍ନ-୫ ମଙ୍ଗଳବାର ଦିନ ପାରାଦ୍ୱୀପ ଓ ପୁରୀ ସହରର ତାପମାତ୍ରାରେ କ'ଣ ପାର୍ଥକ୍ୟ ରହିଛି ?

________________________________________________

ପ୍ରଶ୍ନ-୬ ଗୁରୁବାର ଦିନ କେଉଁ ସହରର ସର୍ବନିମ୍ନ ତାପମାତ୍ରାରେ ସମନତା ରହିଛି ?

______________________________

ପ୍ରଶ୍ନ-୭ ମଙ୍ଗଳବାର ଦିନ ସମସ୍ତ ସହର ତାପମାତ୍ରାରେ କ'ଣ ସବୁ ଦେଖୁଛ ?

______________________________

ପ୍ରଶ୍ନ-୮ ବାରିପଦା ସହରର ସପ୍ତାହକ ତାପମାତ୍ରାରେ କ'ଣ ଦେଖୁଛ ?

______________________________

ପ୍ରଶ୍ନ-୯ କଟକ ଓ ଭୁବନେଶ୍ୱର ସହର ତାପମାତ୍ରାରେ କ'ଣ ପାର୍ଥକ୍ୟ ଦେଖୁଛ ?

______________________________

ପ୍ରଶ୍ନ-୧୦ ଏହି ସାରଣୀରେ କେଉଁ କେଉଁ ସହରର ତାପମାତ୍ରା କଥା କୁହାଯାଇଛି, ଲେଖ ।

______________________________

______________________________

ପ୍ରଶ୍ନ-୧୧ ଲେଖିଥିବା ସହରଗୁଡ଼ିକର ନାମକୁ ଅଭିଧାନ କ୍ରମରେ ସଜାଇ ଲେଖିବା ।

______________________________

______________________________

## କାର୍ଯ୍ୟପତ୍ରିକା : ୫୮

**ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ ।**

ପିଲାଟି ଖେଳୁଛି । ସ୍କୁଲରେ ପିଲାମାନେ ପଢ଼ନ୍ତି । ସେଥିରୁ ଅନେକ ପିଲା ଭଲ ଖେଳନ୍ତି । ଜଣେ ପିଲା ଶ୍ରେଣୀରେ ପ୍ରଥମ ହୁଏ । ଗୋପାଳର ସବୁ ଗାଈ ଦୁଧିଆଳୀ । ନଈ ବଢ଼ିରେ ଘରଗୁଡ଼ିକ ଭାସିଗଲା ।

ପ୍ରଶ୍ନ-୧ ଆସ, ଏହି ବାକ୍ୟରୁ ଏକବଚନ ବୁଝାଉଥିବା ଶବ୍ଦଗୁଡ଼ିକୁ ଅଲଗା କରି ଲେଖିବା ।

________________________________________

________________________________________

ପ୍ରଶ୍ନ-୨ ଯେଉଁ ଶବ୍ଦଗୁଡ଼ିକ ବହୁବଚନକୁ ବୁଝାଉଛି, ତାହାକୁ ଅଲଗା ଲେଖିବା ।

________________________________________

________________________________________

ପ୍ରଶ୍ନ-୩ ଆସ, ଉପର ଶବ୍ଦଗୁଡ଼ିକୁ ନେଇ ନୂଆ ବାକ୍ୟ ଲେଖିବା ।

________________________________________

________________________________________

________________________________________

ପ୍ରଶ୍ନ-୪ ଆସ, ନିମ୍ନଲିଖିତ ଶବ୍ଦଗୁଡ଼ିକର ପରିବର୍ତ୍ତନକରି ଲେଖିବା ।

ଲୋକମାନେ, ଝିଅଗୁଡ଼ିକ, ଦଳେହଂସ, ଗାଈଟିଏ, ଘର, ସେମାନେ, ତୁମେ

________________________________________

________________________________________

## କାର୍ଯ୍ୟପତ୍ରିକା : ୫୯

**ତଳ ଲିଖିତ ବାକ୍ୟଗୁଡ଼ିକରେ ଥିବା ଶୂନ୍ୟସ୍ଥାନ ପୂରଣ କର ।**

(ପ୍ରତ୍ୟେକ ବାକ୍ୟ ତଳେ ତିନୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଥିରୁ ଠିକ୍ ଉତ୍ତରକୁ ବାଛି ଗୋଲ ବୁଲାଅ ।)

ପ୍ରଶ୍ନ-୧ ଭକ୍ତ ଦେବୀଙ୍କୁ ____________________ ଅର୍ପଣ କଲା ।

(i) ପୁଷ୍ପ

(ii) ନୀର

(iii) ହାତ

ପ୍ରଶ୍ନ-୨ ବୃକ୍ଷଟି ____________________ ମାନଙ୍କ କଳରବରେ ପୂରି ଉଠୁଛି ।

(i) ସମୀର

(ii) ବିହଙ୍ଗ

(iii) କୁସୁମ

ପ୍ରଶ୍ନ-୩ ନଦୀ ____________________ ରୁ ବାହାରିଥାଏ ।

(i) ବାରି

(ii) ଗିରି

(iii) ଶିଖ

ପ୍ରଶ୍ନ-୪ ପଶ୍ଚିମଦିଗରେ ____________________ ଅସ୍ତ ଯାଆନ୍ତି ।

(i) ତପନ

(ii) ଗିରି

(iii) ପର୍ବତ

ପ୍ରଶ୍ନ-୫ ଉପର ବାକ୍ୟ ଭଳି ଠିକ୍ ଶବ୍ଦକୁ ନେଇ ଆଉ ଗୋଟିଏଗୋଟିଏ ବାକ୍ୟ ତଳେ ଲେଖିବା ।

______________________________________________

______________________________________________

______________________________________________

______________________________________________

ପ୍ରଶ୍ନ-୬ ବାଛିଥିବା ଠିକ୍ ଶବ୍ଦର ଆଉ ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖିବା ।

__________ __________ __________ __________


__________ __________ __________ __________

__________ __________ __________ __________

## କାର୍ଯ୍ୟପତ୍ରିକା : ୬୦

**ଆସ, ପଢ଼ିବା ଓ ସୂଚନା ଅନୁସାରେ ଲେଖିବା**

ଗୋଲେଇ ଭିତରେ ଥିବା ଶବ୍ଦ ସଂପର୍କିତ କେତେଗୁଡ଼ିଏ ଶବ୍ଦ ବାହାରେ ଲେଖାଯାଇଛି । ଗୋଲେଇ ତଳେ ଥିବା ଖାଲି ସ୍ଥାନରେ ସଂପର୍କିତ ଶବ୍ଦଗୁଡ଼ିକୁ ନେଇ ଅନୁଚ୍ଛେଦଟିଏ ଲେଖିବା ଓ ନାମ ଦେବା ।




**ଲେଖିବା ଓ ପଢ଼ିବା :-** **ନାମ :-**

___________________________________________

___________________________________________

___________________________________________

___________________________________________

___________________________________________

___________________________________________

___________________________________________

___________________________________________

___________________________________________

___________________________________________

**ଆସ, ଉତ୍ତର ଲେଖିବା :**

ପ୍ରଶ୍ନ-୧ ବର୍ଷାର ପୂର୍ବ ସୂଚନା ସବୁ କ'ଣ ?

ପ୍ରଶ୍ନ-୨ ଅନ୍ୟ ସମୟର ବର୍ଷା ଓ ବର୍ଷା ଦିନର ବର୍ଷା ଭିତରେ ତଫାତ୍ କ'ଣ ?

ପ୍ରଶ୍ନ-୩ ଅତ୍ୟଧିକ ବର୍ଷା ଫଳରେ କ'ଣ କ୍ଷତି ହୁଏ ?

ପ୍ରଶ୍ନ-୪ ବନ୍ୟାରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସରକାର ଓ ଅନ୍ୟମାନେ କିପରି ସାହାଯ୍ୟ କରନ୍ତି ?

ପ୍ରଶ୍ନ-୫ ବନ୍ୟା ପରେ କେଉଁକେଉଁ ବିପଦ ସବୁ ଆସେ ?

ପ୍ରଶ୍ନ-୬ 'ବନ୍ୟା ପ୍ରପୀଡ଼ିତ' ପରି ଆଉ ଜାଣିଥିବା ଶବ୍ଦମାନ ଲେଖିବା ।

ପ୍ରଶ୍ନ-୭ 'ଅସରାଅସରା' ପରି ଜାଣିଥିବା ଆଉ କେତେକ ଯୋଡ଼ିଶବ୍ଦ ଲେଖିବା ।

## କାର୍ଯ୍ୟପତ୍ରିକା : ୬୧

**ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ ।**

ଋଷି କମଳାସନରେ ବସିଛନ୍ତି । ହିମାଳୟର ପାଦ ଦେଶରେ ଋଷିଙ୍କର ଆଶ୍ରମ । ତାଙ୍କ ଆଶ୍ରମରେ ଦେବତା ସିଂହାସନରେ ବସିଥାନ୍ତି । ଦିନେ ମହେଶ୍ୱର ତାଙ୍କ ଆଶ୍ରମରେ ପହଞ୍ଚିଲେ । ସେତେବେଳକୁ ଋଷି ଗଙ୍ଗୋଦକ ପାନ କରିସାରିଥାନ୍ତି । ଋଷି ତାଙ୍କୁ ସ୍ୱାଗତ କଲେ । ସେ ନୟନ ଖୋଲି ପ୍ରଭୁ ମହେଶ୍ୱରଙ୍କୁ ଦର୍ଶନ କଲେ ।

ପ୍ରଶ୍ନ-୧ ଆସ, ଏହି ରେଖାଙ୍କିତ ପଦଗୁଡ଼ିକୁ ପଢ଼ିବା ଓ ଆଉ ଥରେ ଲେଖିବା ।

______________________________________________

______________________________________________

ପ୍ରଶ୍ନ-୨ ଏହି ସ୍ୱରସନ୍ଧିଯୁକ୍ତ ପଦଗୁଡ଼ିକର ସନ୍ଧି ବିଚ୍ଛେଦ କରିବା । ଯେପରି କମଳାସନ = କମଳ+ଆସନ

ସେପରି : ______________ ______________ ______________

______________ ______________ ______________

## କାର୍ଯ୍ୟପତ୍ରିକା : ୬୨

**ତଳ ବାକ୍ୟଗୁଡ଼ିକୁ ପଢ଼ :-**

(କ) ହରି ଜଣେ ଲୋଭଶୂନ୍ୟ ମଣିଷ ।

(ଖ) ପରମେଶ୍ୱରଙ୍କର ଆକାର ନାହିଁ ।

(ଗ) ଧନବିହୀନ ଜୀବନ ନିରର୍ଥକ ଅଟେ ।

(ଘ) ଜନଶୂନ୍ୟ ସ୍ଥାନରେ ବେଶୀ ସମୟ ରହିବା ଅନୁଚିତ ।

(ନିର୍ଦ୍ଧନ, ନିରାକାର, ନିର୍ଲୋଭ, ନିରର୍ଥକ, ନିର୍ଜନ)

ପ୍ରଶ୍ନ-୧ ରେଖାଙ୍କିତ ପଦଗୁଡ଼ିକୁ କ୍ରମରେ ଆଉ ଥରେ ଲେଖିବା :-

______________________________________________

______________________________________________

ପ୍ରଶ୍ନ-୨ ରେଖାଙ୍କିତ ପଦ ବଦଳରେ ସମାନ ଅର୍ଥ ବୁଝାଉଥିବା ପଦକୁ ବନ୍ଧନୀରୁ ବାଛି ତା' ସ୍ଥାନରେ ରଖି ବାକ୍ୟଟିକୁ ଆଉ ଥରେ ଲେଖିବା ।

______________________________

______________________________

______________________________

______________________________

## କାର୍ଯ୍ୟପତ୍ରିକା : ୬୩

**ନିମ୍ନ ଅନୁଚ୍ଛେଦଟିକୁ ପଢ଼ :-**

ଅଜା କହିଲେ, "ତୁ ଛାଡ଼ିବୁ ନାହିଁ ଦେଖୁଛି । ଆର୍କିମିଡ଼ିସ୍ ଖାଲି ଜଣେ ବଡ଼ ବୈଜ୍ଞାନିକ ନ ଥିଲେ, ସେ ଜଣେ ଗଣିତଜ୍ଞ ମଧ୍ୟ ଥିଲେ । ଗାଧୁଆ ଘର ପାଣିକୁଣ୍ଡରୁ ସେ ବିଜ୍ଞାନର ଯେଉଁ ତଥ୍ୟଟି ପାଇଥିଲେ, ସେ ତଥ୍ୟକୁ ପ୍ରୟୋଗ କରି ରାଜାଙ୍କର ମୁକୁଟ ଖାଣ୍ଟି ସୁନାରେ ତିଆରି କି ନାହିଁ ଜାଣି ପାରିଲେ । ସେ ପ୍ରଥମେ ଗୋଟିଏ ପାତ୍ରରେ ପାଣି ପୂର୍ଣ୍ଣକରି ସେଥିରେ ମୁକୁଟଟିକୁ ବୁଡ଼ାଇଦେଲେ । ପାତ୍ରରୁ ଯେତିକି ପାଣି ବାହାରକୁ ଉଛୁଳି ଆସିଲା, ତାକୁ ଅଲଗା ନେଇ ଓଜନ କଲେ । ତା'ପରେ ମୁକୁଟଟିକୁ କାଢ଼ି ନେଇ ପାତ୍ରଟିରେ ପୁଣି ଥରେ ପାଣି ପୂର୍ଣ୍ଣ କଲେ । ଏଥର ମୁକୁଟ ଓଜନର ଖାଣ୍ଟି ସୁନା ଆଣି ସେଇ ପାତ୍ରରେ ବୁଡ଼ାଇଲେ । ଖାଣ୍ଟିସୁନା ପାତ୍ରରେ ବୁଡ଼ିଯିବା ଫଳରେ କିଛି ପାଣି ବାହାରକୁ ଉଛୁଳିଗଲା । ଏଥର ତାକୁ ନେଇ ଓଜନ କଲେ । ଦୁଇଥର ଉଛୁଳିଥିବା ପାଣିର ଓଜନ ଯଦି ସମାନ ହେଲା, ତେବେ ଜାଣିଯିବ ଯେ ମୁକୁଟଟି ଖାଣ୍ଟି ସୁନାରେ ତିଆରି । ସେଥିରୁ ଯଦି କମ୍ କିମ୍ବା ବେଶି ହେଲା, ତେବେ ମୁକୁଟରେ ଖାଣ୍ଟିସୁନା ବଦଳରେ କିଛି ନକଲି ଜିନିଷ ମିଶିଛି ବୋଲି ବୁଝାଯିବ ।''

ପ୍ରଶ୍ନ-୧ ଏହି ଅନୁଚ୍ଛେଦରେ ଥିବା ରେଖାଙ୍କିତ ପଦଗୁଡ଼ିକୁ ଅଲଗା କରି ତଳେ ଲେଖିବା ।

______________________________

______________________________

ପ୍ରଶ୍ନ-୨ ସେହି ଶବ୍ଦଗୁଡ଼ିକୁ ଆଉ ଥରେ ପଢ଼ିବା ।

ପ୍ରଶ୍ନ-୩ ସେହି ଶବ୍ଦଗୁଡ଼ିକରେ କେଉଁ ବିଭକ୍ତି ବ୍ୟବହାର ହୋଇଛି, ତାହା ପ୍ରଥମେ କହିବା, ତା'ପରେ ଲେଖିବା । ଯେପରି ପାଣିକୁଣ୍ଡରୁ- 'ରୁ' ୫ମୀ ବିଭକ୍ତି ଚିହ୍ନ । ସେପରି –

______________________________

______________________________

## କାର୍ଯ୍ୟପତ୍ରିକା : ୬୪

**ନିମ୍ନରେ ପ୍ରଦତ୍ତ ବ୍ୟଞ୍ଜନ ସନ୍ଧିଯୁକ୍ତ ଶବ୍ଦଗୁଡ଼ିକୁ ପଢ଼ ।**

ଦିଗନ୍ତ, ବାଗୀଶ, ଉଦ୍‌ଘାଟନ, ଚଳଚ୍ଚିତ୍ର, ଉଚ୍ଛେଦ, ଉଜ୍ଜ୍ୱଳ, ଉଦ୍ଧାର, ଉଲ୍ଲେଖ, ଉଚ୍ଛ୍ୱାସ, ଜଗନ୍ନାଥ, ଚିନ୍ମୟ, ସମ୍ବାଦ, ସଞ୍ଚୟ, ସଂସାର, ଷଷ୍ଠ, ସଂସ୍କୃତି, ତତ୍ପର, ଅନୁଚ୍ଛେଦ ।

ପ୍ରଶ୍ନ-୧ ଆସ, ଏହି ଶବ୍ଦଗୁଡ଼ିକୁ ଆଉ ଥରେ ଲେଖିବା ।

________________________________________

________________________________________

________________________________________

ପ୍ରଶ୍ନ-୨ ଏହି ଶବ୍ଦଗୁଡ଼ିକର ସନ୍ଧି ବିଚ୍ଛେଦ କରିବା ।

ଯେପରି : ଦିଗନ୍ତ = ଦିକ୍ + ଅନ୍ତ

ସେପରି : ________________________________

____________ ____________ ____________

____________ ____________ ____________

## କାର୍ଯ୍ୟପତ୍ରିକା : ୬୫

**ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ ।**

(କ) ଯଶୋଦା ପୁତ୍ର ନିମିତ୍ତ ଶୋକରେ ଅଧୀର ହେଲେ ।

(ଖ) ଯଶୋଦା <u>ପୁତ୍ରଶୋକରେ</u> ଅଧୀର ହେଲେ ।

(ଗ) ସୁନାରେ ତିଆରି ହାରଟି ଝିଅକୁ ଭାରି ମାନୁଛି ।

(ଘ) <u>ସୁନାହାର</u>ଟି ଝିଅକୁ ଭାରି ମାନୁଛି ।

(ଙ) ଶୋକ ରୂପକ ଅଗ୍ନି ମଣିଷ ଶରୀରକୁ କ୍ଷୀଣ କରିଦିଏ ।

(ଚ) <u>ଶୋକାଗ୍ନି</u> ମଣିଷ ଶରୀରକୁ କ୍ଷୀଣ କରିଦିଏ ।

(ଛ) ଚକ୍ର ଅଛି ପାଣିରେ ଯାହାର; ସେ ମହାଭାରତ ଯୁଦ୍ଧର କର୍ଣ୍ଣଧାର ଅଟନ୍ତି ।

(ଜ) <u>ଚକ୍ରପାଣି</u> ମହାଭାରତ ଯୁଦ୍ଧର କର୍ଣ୍ଣଧାର ଅଟନ୍ତି ।

ପ୍ରଶ୍ନ-୧ ଉପରେ ଥିବା 'ଖ', 'ଘ', 'ଚ', 'ଜ' ରେ ଲିଖିତ ବାକ୍ୟଗୁଡ଼ିକର ରେଖାଙ୍କିତ ପଦକୁ ଆଉ ଥରେ ଲେଖ ।

________________________________________

ପ୍ରଶ୍ନ-୨ ନିମ୍ନରେ ଦିଆଯାଇଥିବା ପଦଗୁଡ଼ିକୁ ଗୋଟିଏ ପଦରେ ପ୍ରକାଶ କର ।
ଗୋଟିଏ ତୁମପାଇଁ । ଯେପରି -
ଗୃହକୁ ଆଗତ - ଗୃହାଗତ
ସେହିପରି :

ବିଦ୍ୟାରେ ହୀନ ________________

ରଙ୍ଗ ନିମିତ୍ତ ମଞ୍ଚ ________________

ନଦୀର ଜଳ ________________

ଗଛରେ ପାଚିଲା ________________

ନ କଟା ________________

ନ ଚଳ ________________

## କାର୍ଯ୍ୟପତ୍ରିକା : ୬୬

**ନିମ୍ନରେ ଦିଆଯାଇଥିବା ଏକପଦୀକରଣକୁ ପଢ଼ ।**

କୂଳ ବୁଡ଼ାଏ ଯେ - କୂଳବୁଡା
ଜଳରେ ଚରେ ଯେ - ଜଳଚର
ନୀଳ ଅଟେ କଇଁ - ନୀଳକଇଁ

ଶୋକ ରୂପକ ସାଗର - ଶୋକସାଗର
ସୁନା ତିଆରି ମୁଦି - ସୁନାମୁଦି
ହରି ଓ ହର = ହରିହର
ତିନି ଫଳର ସମାହାର - ତ୍ରିଫଳା

ପରିବାର ସହିତ ଅଛନ୍ତି ଯେ - ସପରିବାର
ଥରକୁ ଥର - ପ୍ରତିଥର
ଜୀବନକୁ ବ୍ୟାପି - ଆଜୀବନ

ପ୍ରଶ୍ନ-୧ ବନ୍ଧନୀ ମଧ୍ୟରେ ଥିବା ବିଗ୍ରହବାକ୍ୟଟିକୁ ବାଛି ଲେଖିବା ।

(କ) ଘନଶ୍ୟାମ (ଘନ ଓ ଶ୍ୟାମ, ଘନପରି ଶ୍ୟାମ, ଯେଘନ ସେ ଶ୍ୟାମ)

(ଖ) ଭଗାରିହସା (ହସୁଥିବା ଭଗାରି, ଭଗାରିଦ୍ୱାରାହସା, ଭଗାରି ଯେତେବେଳେ ହସେ)

(ଗ) ପ୍ରତିକୂଳ (ସବୁକୂଳ, ଏ କୂଳରୁ ସେ କୂଳ, କୂଳର ବିପରୀତ)

(ଘ) ନୀଳକଇଁ (ନୀଳ ଓ କଇଁ, ନୀଳ ଅଟେ କଇଁ, ନୀଳ ପାଇଁ କଇଁ)

(ଙ) ଜଳଚର (ଜଳ ଓ ଚର, ଯେ ଜଳ ସେ ଚର, ଜଳରେ ଚରେ ଯେ ସେ)

ପ୍ରଶ୍ନ-୨ ନିମ୍ନଲିଖିତ ପଦକୁ ଗୋଟିଏ ପଦ କର :-

(କ) କୁଳକୁ ବୁଡ଼ାଏ ଯେ ________________

(ଖ) ଶୋକ ରୂପକ ସାଗର ________________

(ଗ) ଥରକୁ ଥର ________________

(ଘ) ଜୀବନକୁ ବ୍ୟାପି ________________

(ଙ) ହରି ଓ ହର ________________

ପ୍ରଶ୍ନ-୩ ଯେପରି ହରି ଓ ହର ମିଶି 'ହରିହର' ହେଉଛି, ସେପରି କେତୋଟି ଯୋଡ଼ି ଶବ୍ଦ ମନରୁ ଭାବି ଲେଖ ।

________________ ________________ ________________

________________ ________________ ________________

## କାର୍ଯ୍ୟପତ୍ରିକା : ୬୭

ନିମ୍ନରେ ଦିଆଯାଇଥିବା ଦରଖାସ୍ତ ନମୁନାକୁ ପଢ଼ିବା ।

ଦରଖାସ୍ତ

ପ୍ରାପକ :
ମାନନୀୟ ଶ୍ରୀଯୁକ୍ତ ପ୍ରଧାନଶିକ୍ଷକ,

ବକ୍‌ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା, ମହୋଦୟେଷୁ ।

(ଶ୍ରେଣୀଶିକ୍ଷକଙ୍କ ଜରିଆରେ)

ମହାଶୟ,

ନିବେଦନର ଅଭିପ୍ରାୟ ଏହି କି ଯେ, ଗତ ଦୁଇଦିନ ଧରି ମୋ ବାପାଙ୍କ ଦେହ ଅସୁସ୍ଥ ଥିଲା । ତାଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା । ଏଣୁ ମୁଁ ଗତ ତା: ୧୨.୦୪.୨୦୨୦ ରିଖ ଓ ୧୩.୦୪.୨୦୨୦ ରିଖ ଦୁଇଦିନ ବିଦ୍ୟାଳୟରେ ଅନୁପସ୍ଥିତ ଥିଲି ।

ଏଣୁ ସବିନୟ ଅନୁରୋଧ କରେ କି, ମୋତେ ଉକ୍ତ ଦୁଇଦିନ ଛୁଟି ମଞ୍ଜୁର କଲେ ଅଧୀନ ଚିର ଉପକୃତ ହେବ ।

ଆପଣଙ୍କର ଆଜ୍ଞାଧୀନ ଛାତ୍ର
ଅନୁଭବ କର
ଅଷ୍ଟମ ଶ୍ରେଣୀ
'କ' ବିଭାଗ
ରୋଲ୍ ନଂ- ୦୩

ସ୍ଥାନ : ଖୋର୍ଦ୍ଧା
ତା: ୧୪.୦୪.୨୦୨୦

ଆସ ଏବେ ଆଉ ଏକ ଦରଖାସ୍ତ ଲେଖିବା । ଆଗାମୀ ସପ୍ତାହରେ ତୁମ ଭଉଣୀ ବାହାଘର ଅନୁଷ୍ଠିତ ହେବ । ତୁମେ ବିଦ୍ୟାଳୟରେ ଦୁଇଦିନ ଅନୁପସ୍ଥିତ ରହିବ । ତେଣୁ ପ୍ରଧାନଶିକ୍ଷକଙ୍କୁ ଛୁଟି ଦରଖାସ୍ତଟିଏ ଲେଖିବାକୁ ଚେଷ୍ଟା କର ।

ପ୍ରାପକ

ମାନନୀୟ ____________________

____________________ ମହୋଦୟେଷୁ

(____________________)

ମହାଶୟ,

____________________

____________________

____________________

ଏଣୁ ____________________

____________________

____________________

ସ୍ଥାନ : ଆପଣଙ୍କର ________

ତା :

________

________

________

## କାର୍ଯ୍ୟପତ୍ରିକା : ୬୮

**ଦିଆଯାଇଥିବା କବିତାଟିକୁ ମନ ଦେଇ ପଢ଼ ଓ ତଳ ପ୍ରଶ୍ନର ଉତ୍ତର ଲେଖ ।**

ଅଲପଅଲପ ପଢ଼ିବା ପାଠ		ପାଠ ଦେଖାଇବ ନବୀନବାଟ ।

ଗଲପ ନ କରି କରିବା କର୍ମ		ସତ୍ୟପଥେ ଯିବା ମାନବଧର୍ମ ।

ସ୍ୱଳପସ୍ୱଳପ ସଂଚିବା ଧନ		କଳପନା କର ନୂଆସପନ ।

ଗରବ ପରାଣ କରଇ ନାଶ		ଯଶ ଗଉରବେ ବଢ଼ଇ ଦେଶ ।

ଶ୍ରମ, ଶ୍ରଦ୍ଧା ବୃଥା ହୁଏନା ଧନ		ବାଲ୍ୟକାଳୁ ବିଦ୍ୟା କର ଅର୍ଜନ ।

ଉପର ଲିଖିତ କବିତାରେ ଥିବା ପଦ୍ୟରୂପକୁ  ଚିହ୍ନଟ କରି ଲେଖ ଓ ତାହାକୁ ଗଦ୍ୟରୂପରେ ପରିବର୍ତ୍ତନ କରି ଲେଖ ।

| <u>ପଦ୍ୟରୂପ</u> | <u>ଗଦ୍ୟରୂପ</u> |
|---|---|
| ଅଲପ | ଅଳ୍ପ |
| __________ | __________ |
| __________ | __________ |
| __________ | __________ |
| __________ | __________ |
| __________ | __________ |
| __________ | __________ |
| __________ | __________ |


କବିତାଟିରୁ କ'ଣ ଶିଖିଲ ଗୋଟିଏ ବାକ୍ୟରେ ଲେଖ ।

______________________________________________

କବିତାଟିର ଭାବକୁ ନେଇ ଗୋଟିଏ ନାମ ଦିଅ ।

______________________________________________

**କାର୍ଯ୍ୟପତ୍ରିକା : ୬୯** – ତଳ ଲେଖାଟିକୁ ପଢ଼ ଓ ସୂଚନା ଆଧାରରେ ଉତ୍ତର ଲେଖ ।



ପ୍ରଶ୍ନ-୧ ବିଜ୍ଞାପନଟିରେ ପ୍ରଥମେ କ'ଣ ସୂଚନା ଦିଆଯାଇଛି ?

________________________________________

ପ୍ରଶ୍ନ-୨ ବିଜ୍ଞାପନଦାତା କିଏ ଅଟନ୍ତି ?

________________________________________

ପ୍ରଶ୍ନ-୩ ଦେହକୁ ଥଣ୍ଡା ରଖିବା ପାଇଁ କ'ଣ କରିବା ?

________________________________________

ପ୍ରଶ୍ନ-୪ ଖରାରୁ ରକ୍ଷା ପାଇବା ପାଇଁ କ'ଣ କରିବା ?

________________________________________

ପ୍ରଶ୍ନ-୫ ଟାଣଖରାରେ ଆମେ କାହିଁକି ବାହାରକୁ ବାହାରିବା ନାହିଁ ?

________________________________________

ପ୍ରଶ୍ନ-୬ ଅଂଶୁଘାତ ଲକ୍ଷଣ ଦେଖିଲେ ଆମେ କ'ଣ କରିବା ?

________________________________________

ପ୍ରଶ୍ନ-୭ ଅଂଶୁଘାତ ଲୋକଙ୍କ ପାଇଁ କ'ଣ ବ୍ୟବସ୍ଥା କରାଯାଇଛି ?

________________________________________

ପ୍ରଶ୍ନ-୮ ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦେହରେ ବରଫ କାହିଁକି ଘଷିବା ନାହିଁ ?

________________________________________

ପ୍ରଶ୍ନ-୯ ଘର ଉପରେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ କ'ଣ କରିବା ?

________________________________________

ପ୍ରଶ୍ନ-୧୦ ଏହି ବିଜ୍ଞାପନଟିରେ କେଉଁ ଦୁଇଟି କଥା ଉପରେ ଧ୍ୟାନ ଦିଆଯାଇଛି ?

________________________________________

## କାର୍ଯ୍ୟପତ୍ରିକା : ୭୦

**ନିମ୍ନଲିଖିତ ଶବ୍ଦଗୁଡ଼ିକୁ ପଢ଼ ।**

ଧୂଳିଆ, ଦୟାଳୁ, ସର୍ବଦା, ବେଠିଆ, ଗାଈଆଳ, ଦୀପାଳି, ଶଙ୍ଖାରି, ଝଙ୍କାଳିଆ, ଘଣ୍ଟି, ଡାକ୍ତରି, ଚଇତି, କଟକିଆ, ମିଛୁଆ, ପାନରା, ଜିଦ୍‌ଖୋର, ଜମିବାଲା, ପାଣିଚିଆ, ଟାଣପଣ, ଡରକୁଳା, ଗୁଣବନ୍ତ ।

ପ୍ରଶ୍ନ-୧ ଉପର ଲିଖିତ ଶବ୍ଦକୁ ଆଉ ଥରେ ଲେଖିବା ।

________________________________________

________________________________________

________________________________________

________________________________________

ପ୍ରଶ୍ନ-୨ ଏହି ଶବ୍ଦଗୁଡ଼ିକ କିପରି ତିଆରି ହୋଇଛି ଲେଖିବା ଯେପରି - ଧୂଳି + ଆ = ଧୂଳିଆ
ସେପରି :-

________________________________________

________________________________________

________________________________________

ପ୍ରଶ୍ନ-୩ ଶୂନ୍ୟସ୍ଥାନରେ ଠିକ୍ ପ୍ରତ୍ୟୟଟି ଲଗାଇବା ।

ନିଶା + ____________ = ନିଶାଖୋର

ଘର + ____________ = ଘରବାଲା

ସହର + ____________ = ସହରିଆ

ଶାଗ + ____________ = ଶାଗୁଆ

ଥାଳି + ____________ = ଥାଳିଆ

ଚଇତ + ____________ = ଚଇତାଳି

ରୁପା + ____________ = ରୁପେଲି

## କାର୍ଯ୍ୟପତ୍ରିକା : ୭୧

**ଆସ, କିଛି ଏକପଦ ତିଆରି କରି ଶିଖିବା :-**

କାଚ ବିକେ ଯେ = କାଚରା

ପାହାଡ଼ରୁ ଜାତ = ପାହାଡ଼ିଆ

ବନରୁ ଜାତ = ବନ୍ୟ

ଦଶରଥଙ୍କର ପୁତ୍ର = ଦାଶରଥି

ଧନ ଅଛି ଯାହାର = ଧନବନ୍ତ

ପ୍ରଶ୍ନ-୧ ଆସ, ଆଉ କିଛି ଏକ ପଦ ତିଆରି କରିବା :-

(i) କାନ୍ଦିବା ଅଭ୍ୟାସ ଯାହାର (କାନ୍ଦରା, କାନ୍ଦୁରା, କାଣ୍ଡରା)

(ii) ଗାଈ ଜଗିବା ବୃତ୍ତି ଯାହାର (ଗାଈ ଜଗାଳି, ଗାଈଆଳ, ଗାଈବାଲା)

(iii) ବସୁଦେବଙ୍କର ପୁଅ (ବସୁକୀ, ବାସୁଦେବ, ବାସୁପୁଅ)

(iv) ପବନର ପୁଅ (ପାବନୀ, ପବନୀଆ, ପାବନି)

(v) ଯେ ଭାରତରେ ଜାତ (ଭରତ, ଭାରତୀୟ, ଭାରତବାସୀ)

(vi) ଦୟା ଅଛି ଯାହାର (ଦୟାଳୁ, ଦୟାବାଲା, ଦୟାବାନ୍)

ପ୍ରଶ୍ନ-୨ ଦିଆଯାଇଥିବା ଶବ୍ଦ ପାଇଁ ନିମ୍ନରେ ଥିବା ଶୂନ୍ୟସ୍ଥାନ ପୂରଣ କରିବା ।

ପୁରା + __________ = ପୁରାତନ

ଏକ + __________ = ଏକଦା

ଧନ + __________ = ଧନୀ

ବଙ୍ଗ + __________ = ବଙ୍ଗୀୟ

ନାଟ + __________ = ନାଟୁଆ

ମଧୁର + __________ = ମଧୁରିଆ

ପ୍ରଶ୍ନ-୩ ନିମ୍ନଲିଖିତ ଶବ୍ଦଗୁଡ଼ିକ କିପରି ଗଢ଼ାଯାଇଛି, ତାହାକୁ ଲେଖ ।

ପାବନି = __________ + __________

ଗାଈଆଳ = __________ + __________

ଧନବନ୍ତ = __________ + __________

## କାର୍ଯ୍ୟପତ୍ରିକା : ୭୨

**ଆସ, କ୍ୟାଲେଣ୍ଡର ପଢ଼ିବା ଓ ସୂଚନା ଅନୁସାରେ ଲେଖିବା :-**

**ଜାନୁୟାରୀ - ୨୦୨୦**

| | | | | | |
|---|---|---|---|---|---|
| ରବି | * | ୫ | ୧୨ | ୧୯ | ୨୬ |
| ସୋମ | * | ୬ | ୧୩ | ୨୦ | ୨୭ |
| ମଙ୍ଗଳ | * | ୭ | ୧୪ | ୨୧ | ୨୮ |
| ବୁଧ | ୧ | ୮ | ୧୫ | ୨୨ | ୨୯ |
| ଗୁରୁ | ୨ | ୯ | ୧୬ | ୨୩ | ୩୦ |
| ଶୁକ୍ର | ୩ | ୧୦ | ୧୭ | ୨୪ | ୩୧ |
| ଶନି | ୪ | ୧୧ | ୧୮ | ୨୫ | * |

**୦୧ - ନୂଆବର୍ଷ**
**୧୨ - ବିବେକାନନ୍ଦ ଜୟନ୍ତୀ, ଯୁବ ଦିବସ**
**୧୫ - ମକର ସଂକ୍ରାନ୍ତି, ପୋଙ୍ଗଲ, ଫକୀରମୋହନ ଜୟନ୍ତୀ**
**୨୩ - ନେତାଜୀ ସୁଭାସ ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ**
**୨୬ - ସାଧାରଣତନ୍ତ୍ର ଦିବସ**
**୩୦ - ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା**

ପ୍ରଶ୍ନ-୧ କ୍ୟାଲେଣ୍ଡରଟି କେଉଁ ମସିହା ଓ କେଉଁ ମାସ ପାଇଁ ଉଦ୍ଦିଷ୍ଟ ?

ଉତ୍ତର : ______________________________

ପ୍ରଶ୍ନ-୨ ଏଥିରେ କେତୋଟି ରବିବାର ରହିଅଛି ?

ଉତ୍ତର : ______________________________

ପ୍ରଶ୍ନ-୩ ରବିବାର ବ୍ୟତୀତ ଏ ମାସରେ ଆଉ କେତୋଟି ଛୁଟିଦିନ ପଡ଼ିଅଛି ?

ଉତ୍ତର : ______________________________

ପ୍ରଶ୍ନ-୪ ଜାନୁଆରୀ ମାସରେ କିକି ଜୟନ୍ତୀ ପଡ଼ିଅଛି ?

ଉତ୍ତର : ______________________________

______________________________

ପ୍ରଶ୍ନ-୫ ଶ୍ରୀପଞ୍ଚମୀ ମାସର କେଉଁ ତାରିଖରେ ପଡ଼ିଛି ?

ଉତ୍ତର : ______________________________

ପ୍ରଶ୍ନ-୬ ଶ୍ରୀପଞ୍ଚମୀରେ କାହାର ପୂଜା କରାଯାଏ ?

ଉତ୍ତର : ______________________________

ପ୍ରଶ୍ନ-୭ ଏହାର ପର ମାସର ପ୍ରଥମ ରବିବାର କେତେ ତାରିଖରେ ପଡ଼ିବ ହିସାବ କରି ଲେଖ ?

ଉତ୍ତର : ______________________________

ପ୍ରଶ୍ନ-୮ ମାସର ୨୬ ତାରିଖରେ ଆମେ କ'ଣ ପାଳନ କରୁ ?

ଉତ୍ତର : ______________________________

ପ୍ରଶ୍ନ-୯ ଜାନୁଆରୀ ୧ ତାରିଖଟି କାହିଁକି ଛୁଟି ପାଳନ କରାଯାଏ ?

ଉତ୍ତର : ______________________________

ପ୍ରଶ୍ନ-୧୦ ଏହାର ପୂର୍ବ ମାସ ୨୫ ତାରିଖରେ କେଉଁ ପର୍ବ ପାଳନ କରାଯାଏ ?

ଉତ୍ତର : ______________________________

କାର୍ଯ୍ୟପତ୍ରିକା : ୭୩ ତଳ ଲେଖାଟିକୁ ପଢ଼ ଓ ସୂଚନା ଆଧାରରେ ଉତ୍ତର ଲେଖ :-

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

# ସ୍ୱତନ୍ତ୍ର ମିଶନ୍ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ

## ... ବର୍ତ୍ତମାନ ଆହୁରି ସଶକ୍ତ



# ସମ୍ପୂର୍ଣ୍ଣ ଟୀକାକରଣ

ପ୍ରତ୍ୟେକ ଶିଶୁର ଅଧିକାର, ସୁସ୍ଥ ଜୀବନର ଆଧାର

- କୌଣସି କାରଣରୁ ଆଦୌ ଟୀକା ନେଇନଥିବା କିମ୍ବା ସମ୍ପୂର୍ଣ୍ଣ ଟୀକାକରଣ ନହୋଇ ଅଧାରୁ ଟୀକା ନେବା ବନ୍ଦ କରିଥିବା ଶିଶୁମାନଙ୍କ ପାଇଁ ଏହା ସ୍ୱତନ୍ତ୍ର ଟୀକାକରଣ କାର୍ଯ୍ୟକ୍ରମ ।
- ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମ (ବଲାଙ୍ଗିର,ଦେଓଗଡ,ଗଜପତି,ଝାରସୁଗୁଡା,ସୁନ୍ଦରଗଡ ଜିଲ୍ଲା ଏବଂ ଭୁବନେଶ୍ୱର ସହରାଞ୍ଚଳ ବ୍ୟତୀତ) ଚଳିତ ବର୍ଷ ଏପ୍ରିଲ୍ ଠାରୁ ଜୁନ୍ ମାସ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଚାଲୁରହିବ ।

10003/13/0012/1819

**୧ମ ପର୍ଯ୍ୟାୟ ସ୍ୱତନ୍ତ୍ର ମିଶନ୍ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ:**
**ଚଳିତ ଏପ୍ରିଲ୍ ମାସ ୨୩ ତାରିଖରୁ**
**୨୭ ତାରିଖ ପର୍ଯ୍ୟନ୍ତ ।**

DSPL-23

ଅଧିକ ସୂଚନା ପାଇଁ ଆଶା, ଅଙ୍ଗନୱାଡିକର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

Facebook.com http://www.health.odisha.gov.in HFWOdisha

ପ୍ରଶ୍ନ-୧ ଲେଖାଟି କି ପ୍ରକାରର ଅଟେ ?

_______________________________________________

ପ୍ରଶ୍ନ-୨ ବିଜ୍ଞାପନଦାତା କେଉଁମାନେ ଅଟନ୍ତି ?

_______________________________________________

ପ୍ରଶ୍ନ-୩ କାର୍ଯ୍ୟକ୍ରମର ନାମ କ'ଣ ରଖାଯାଇଛି ?

_______________________________________________

ପ୍ରଶ୍ନ-୪ କାର୍ଯ୍ୟକ୍ରମର ସମୟ ଅବଧି କେଉଁଠାରୁ କେଉଁ ପର୍ଯ୍ୟନ୍ତ ରଖାଯାଇଛି ?

_______________________________________________

ପ୍ରଶ୍ନ-୫ କେତୋଟି ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ କରା ହେବ ?

_______________________________________________

ପ୍ରଶ୍ନ-୬ କେଉଁ ଜିଲ୍ଲାଗୁଡିକୁ ଏଥିରୁ ବାଦ୍ ଦିଆଯାଇଛି ?

_______________________________________________

ପ୍ରଶ୍ନ-୭ ଅଧିକ ସୂଚନାପାଇଁ କେଉଁମାନଙ୍କ ସହ ଯୋଗାଯୋଗ କରିବା ପାଇଁ କୁହାଯାଇଛି ?

_______________________________________________

ପ୍ରଶ୍ନ-୮ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କ'ଣ ରଖାଯାଇଛି ?

_______________________________________________

ପ୍ରଶ୍ନ-୯ କେଉଁ ସହରାଞ୍ଚଳକୁ ଏଥିରେ ସାମିଲ କରାଯାଇ ନାହିଁ ?

_______________________________________________

ପ୍ରଶ୍ନ-୧୦ ବିଜ୍ଞାପନ ଆଧାରରେ ପୂରଣ କରି ଲେଖ :-

ପ୍ରତ୍ୟେକ ଶିଶୁର ଅଧିକାର, _______________________________________________

ପ୍ରଶ୍ନ-୧୧ ଯେପରି 'ଶକ୍ତି' ସହିତ ପୂର୍ବରୁ 'ସ' ଯୋଡ଼ା ଯାଇ 'ସଶକ୍ତି' ହୋଇଛି, ସେହିପରି ଆଉ କେତୋଟି ଜାଣିଥିବା ଶବ୍ଦ ଲେଖ ।

_______________________________________________

## କାର୍ଯ୍ୟପତ୍ରିକା : ୭୪

**ସୂଚନାଟିକୁ ପଢ଼ି ଗୋଟିଏ ସମ୍ବାଦ ବିବରଣୀ ଲେଖିବା :-**

ଗତ ଜାନୁୟାରୀ ୨୩ ତାରିଖ ଦିନ ତୁମ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଥିଲା । ପ୍ରଧାନଶିକ୍ଷକ ମହୋଦୟ ସଭାପତିତ୍ୱ କରିଥିଲେ । ତୁମ ସରପଞ୍ଚ ମହୋଦୟ ଓ କର୍ପୋରେଟର ମହୋଦୟ ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଭଲ ପାଠପଢ଼ି, ଭଲ କାମ କରିବାକୁ ତୁମମାନଙ୍କୁ ଉପଦେଶ ଦେଲେ । ଶେଷରେ କୃତୀ ପିଲାମାନଙ୍କୁ ପୁରସ୍କାର ବାଣ୍ଟିଲେ । ପରେପରେ ନାଚ, ଗୀତ ହେଲା ।

ଏହାକୁ ନେଇ ଖବରକାଗଜରେ ସମ୍ବାଦଟିଏ ପ୍ରକାଶ କରିବାକୁ ହେବ । ଏବେ ତୁମେ ଅତି କମ୍‌ରେ ୧୨/୧୩ ଟି ବାକ୍ୟରେ ଏହା ପ୍ରସ୍ତୁତ କର ।

## କାର୍ଯ୍ୟପତ୍ରିକା : ୭୫

**ପଠନ :**

**ନିମନ୍ତ୍ରଣ ପତ୍ର**

**ଓଁ ଶ୍ରୀ ଶ୍ରୀ ସରସ୍ୱତ୍ୟୈ ନମଃ**

ମହାଶୟା/ମହାଶୟ,

ସାଦର ପ୍ରଣାମ । ଆଗାମୀ ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି, ଇଂରାଜୀ ତା: ୩୦.୦୧.୨୦୨୦, ଗୁରୁବାର ଦିନ ବୀଣାପାଣି ମାଆ ସରସ୍ୱତୀଙ୍କର ପୂଜା ଉତ୍ସବ ପଡୁଅଛି ।

ଶ୍ୱେତାମ୍ବରୀ ମା’ ବୀଣାପାଣିଙ୍କୁ ପୂଜା ଆରଧନା କରିବା ପାଇଁ ଆମ୍ଭ ବିଦ୍ୟାଳୟରେ ଏହା ମହା ସମାରୋହରେ ନିମ୍ନ କାର୍ଯ୍ୟସୂଚୀ ମତେ ପାଳନ ହେବାକୁ ଯାଉଛି । ଉକ୍ତ ଉତ୍ସବରେ ଆପଣଙ୍କ ସାଦର ଉପସ୍ଥିତି ଆମର କାମ୍ୟ ।

**କାର୍ଯ୍ୟସୂଚୀ :**
ତା: ୩୦.୦୧.୨୦୨୦ (ଗୁରୁବାର) :
କୁମ୍ଭ ସ୍ଥାପନ : ସକାଳ ୯ ଘଟିକା
ପୂଜା ଆରମ୍ଭ : ସକାଳ ୧୦ ଘଟିକା
ପୁଷ୍ପାଞ୍ଜଳି - ଦିବା ୧୨ ଘଟିକା
ପ୍ରସାଦସେବନ - ଦିବା ୧ ଘଟିକା

ଆପଣଙ୍କର ବିନୟାବନତ ଛାତ୍ରଛାତ୍ରୀ
**ସରକାରୀ ଉଚ୍ଚ ବିଦ୍ୟାଳୟ**
ଶହୀଦ୍‌ନଗର, ଭୁବନେଶ୍ୱର

**ଉପର ଲିଖିତ ନିମନ୍ତ୍ରଣ ପତ୍ର ପଢ଼ି ତଳ ଲିଖିତ ପ୍ରଶ୍ନର ଉତ୍ତରଗୁଡ଼ିକ ଦିଅ ।**

ସରସ୍ୱତୀ ପୂଜା କେଉଁ ଓଡ଼ିଆମାସରେ ପଡ଼େ ?

ଉତ୍ତର: ______________________________

ଏ ବର୍ଷ ସରସ୍ୱତୀ ପୂଜା କେଉଁ ଇଂରାଜୀ ମାସ ଓ କେତେ ତାରିଖରେ ପାଳିତ ହୋଇଥିଲା ?

ଉତ୍ତର: ______________________________

ପ୍ରସାଦସେବନ ପାଇଁ କେଉଁ ସମୟ ଦିଆଯାଇଛି ?

ଉତ୍ତର: ______________________________

ନିମନ୍ତ୍ରଣ ପତ୍ରଟି କେଉଁ ବିଦ୍ୟାଳୟରୁ ଆସିଅଛି ?

ଉତ୍ତର: ______________________________

ମା' ସରସ୍ୱତୀଙ୍କର ଆଉ କେତୋଟି ନାମ ତୁମେ ଏଥିରୁ ପାଇଲ ଲେଖ ।

ଉତ୍ତର: ______________________________

କୁମ୍ଭସ୍ଥାପନର କେତେ ସମୟ ପରେ ପୁଷ୍ପାଞ୍ଜଳି ଦେବାକୁ ହେବ ।

ଉତ୍ତର: ______________________________

**ଅଭ୍ୟାସ :**

ଶ୍ରୀ ଶ୍ରୀ ଗଣେଶ ଦେବଙ୍କ ପୂଜା ଉତ୍ସବ ତୁମ ବିଦ୍ୟାଳୟରେ ପାଳିତ ହେବ । ସେଥିପାଇଁ ନିମନ୍ତ୍ରଣ ପତ୍ରଟିଏ ଲେଖିବା ।

ମନେରଖ - ଗଣେଶ ପୂଜା କେଉଁ ମାସ, କେଉଁ ତିଥି ଓ କେଉଁ ଇଂରାଜୀ ମାସର କେତେ ତାରିଖରେ ପଡୁଛି ତାହା ପ୍ରଥମେ ସଂଗ୍ରହ କର । ଏହାପରେ ପ୍ରଦତ୍ତ ନିମନ୍ତ୍ରଣପତ୍ର ଅନୁସାରେ ଲେଖିବାକୁ ଚେଷ୍ଟା କର ।

ମହାଶୟା/ମହାଶୟ,

______________________________

______________________________

______________________________

______________________________

______________________________

______________________________

**କାର୍ଯ୍ୟସୂଚୀ :-**

______________

______________

______________

______________

ଆପଣଙ୍କର ______________

______________

______________

## କାର୍ଯ୍ୟପତ୍ରିକା : ୭୬

**ତଳ ଲିଖିତ ଲେଖାଟି ପଢ଼ :-**

ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୮, ଭୁବନେଶ୍ୱର
ବିଜ୍ଞପ୍ତି ସଂଖ୍ୟା - ୧୦୧ ତା: ୦୫.୧୦.୨୦୨୦

ଏତଦ୍ଦ୍ୱାରା ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀ, ଶିକ୍ଷକ/ଶିକ୍ଷିକା ତଥା କର୍ମଚାରୀଙ୍କୁ ଜଣାଇ ଦିଆଯାଉଛି କି ଯେ, ଆଗାମୀ ତା: ୧୭.୧୦.୨୦୨୦ ଓ ୧୮.୧୦.୨୦୨୦ ରିଖ ଦୁଇଦିନ ଧରି ବିଦ୍ୟାଳୟ ପ୍ରାଙ୍ଗଣରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଇଚ୍ଛୁକ ପ୍ରତିଯୋଗିମାନେ ନିଜ ଶ୍ରେଣୀ ଶିକ୍ଷକ/ଶିକ୍ଷିକାଙ୍କ ଜରିଆରେ କ୍ରୀଡ଼ା ଶିକ୍ଷକଙ୍କ ନିକଟରେ ନାମ ପଞ୍ଜୀକରଣ କରାଇବେ । ପ୍ରତ୍ୟେକ ପ୍ରତିଯୋଗୀ ଅତି ବେଶୀରେ ଚାରୋଟି ପ୍ରତିଯୋଗିତାରେ ହିଁ ଅଂଶ ଗ୍ରହଣ କରିପାରିବେ । ନାମ ପଞ୍ଜୀକରଣ ଆଗାମୀ ୧୦ ତାରିଖ ମଧ୍ୟରେ ହେବା ବାଞ୍ଛନୀୟ ।

କ୍ରୀଡ଼ାପ୍ରାଙ୍ଗଣରେ ସମସ୍ତ ଶିକ୍ଷକ/ଶିକ୍ଷିକା ଓ କର୍ମଚାରୀ ଉପସ୍ଥିତ ରହି କ୍ରୀଡ଼ାପରିଚାଳନାରେ କ୍ରୀଡ଼ାଶିକ୍ଷକଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଉଛି ।

**ସ୍ୱା-**
**ପ୍ରଧାନଶିକ୍ଷକ**
**ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ**
ୟୁନିଟ୍-୮, ଭୁବନେଶ୍ୱର

**ଉପର ଲିଖିତ ବିଜ୍ଞପ୍ତିଟିକୁ ପଢ଼ି ଉତ୍ତର ଦେବାକୁ ଚେଷ୍ଟାକର :-**

**ବିଜ୍ଞପ୍ତିଟି** କେଉଁ ଉଦ୍ଦେଶ୍ୟରେ ଲିଖିତ ?

ଉତ୍ତର : ____________________

**ବିଜ୍ଞପ୍ତିଟି** କେବେ ଦିଆଯାଇଥିଲା ?

ଉତ୍ତର : ____________________

**ବିଜ୍ଞପ୍ତିଟିରେ** ପ୍ରଧାନଶିକ୍ଷକ କ'ଣ ଚାହୁଁଛନ୍ତି ?

ଉତ୍ତର : ____________________

ପ୍ରତି ପିଲା କେତୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ?

ଉତ୍ତର : ____________________

**ବିଜ୍ଞପ୍ତିଟି** କେଉଁ ବିଦ୍ୟାଳୟର ?

ଉତ୍ତର : ____________________

ତୁମ ବିଦ୍ୟାଳୟରେ ପ୍ରତିବର୍ଷ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୁଏ । ସେଥିରେ ଠିକ୍ ସମୟରେ ଉପସ୍ଥିତ ରହି କାର୍ଯ୍ୟ ସାରିବା ପାଇଁ ବିଜ୍ଞାପନଟିଏ ଲେଖ ।

ମନେରଖ- ବିଦ୍ୟାଳୟ ବାର୍ଷିକ ଉତ୍ସବର ତାରିଖ ଓ ସମୟ ପ୍ରଥମେ ସଂଗ୍ରହ କର ।

______________________________________________

ବିଜ୍ଞାପନ ସଂଖ୍ୟା :____________ ତା:___________

______________________________________________

______________________________________________

______________________________________________

______________________________________________

______________________________________________

______________________________________________

______________________________________________

______________________________________________

______________________________________________

______________________________________________

______________________________________________

ସ୍ୱାକ୍ଷର

____________________

____________________

**କାର୍ଯ୍ୟପତ୍ରିକା : ୭୭**

## ବନ୍ଧୁ ନିକଟକୁ ପତ୍ର

ଭୁବନେଶ୍ୱର
ତା: ୦୧.୦୪.୨୦୨୦

ପ୍ରିୟ ସାଙ୍ଗ ହରିଶ,

ମୋର ବନ୍ଧୁତ୍ୱ ଗ୍ରହଣ କରିବୁ । ମଉସା, ମାଉସୀଙ୍କୁ ମୋର ପ୍ରଣାମ ଜଣାଇଦେବୁ । ତୋର ସାନଭାଇଙ୍କୁ ଓ ସାନଭଉଣୀକୁ ମୋର ସ୍ନେହ ଦେବୁ ।

ତୁ ଜାଣି ଖୁସିହେବୁ ଗତକାଲି ଆମ ବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶ ହେଲା । ପରୀକ୍ଷାରେ ମୁଁ ଭଲ ନମ୍ବର ରଖିଛି । ସାହିତ୍ୟରେ ମୋର ସବୁଠୁ ଭଲ ନମ୍ବର ରହିଛି । ଶହେରୁ ୭୦ ନମ୍ବର ପାଇଛି । ଗଣିତରେ ସେତେ ଭଲ ହୋଇନି । ତଥାପି ୫୦ ନମ୍ବର ରଖିଛି । ଭୂଗୋଳ ଓ ଇତିହାସରେ ଭଲ ନମ୍ବର ରହିଛି । ସେଥିପାଇଁ ମୋର ମନ ଦୁଃଖ । ଏଥର ଚେଷ୍ଟା କରିବି ଆସନ୍ତା ଥର ଭଲ ନମ୍ବର ରଖିବି । ହଁ, ଇଂରାଜୀରେ ମୋ ଆଶାଠାରୁ ଭଲ ନମ୍ବର ରହିଛି । ଭାବିଥିଲି ୨୦ ରୁ ୨୫ ନମ୍ବର ରହିବ । କିନ୍ତୁ ମୁଁ ୪୫ ନମ୍ବର ରଖିଛି । ବାପା କିନ୍ତୁ ଆଉ ଅଧିକ ନମ୍ବର ରଖିବାକୁ ମୋତେ ଉତ୍ସାହିତ କରିଛନ୍ତି । ତେଣୁ ଆସନ୍ତା ପରୀକ୍ଷାରେ ନିଶ୍ଚୟ ଭଲ କରିବି ।

ହଁ, ସ୍କୁଲ ଛୁଟି ହେଲେ ମୁଁ ତୁମ ଗାଁକୁ ଯିବି । ମୋତେ ଚର୍ଚ୍ଚିକା ଠାକୁରାଣୀଙ୍କ ପାଖକୁ ବୁଲାଇନେବୁ । ଆଉ ଆଖ ପାଖରେ କ'ଣ ଅଛି ବୁଲିଯିବା । ତୁମ ଅଞ୍ଚଳରେ ରଜପର୍ବ ଭଲ ହୁଏ । ମୁଁ ସେଠି ରହି ଉପଭୋଗ କରିବି ।

ଏତିକିରେ ରହିଲି । ଚିଠି ପାଇ ଚିଠି ଦେବୁ । ପରୀକ୍ଷାରେ ତୁ କେତେ ନମ୍ବର ରଖିଛୁ ଜଣାଇବୁ । ରହିଲି ।

ତୋର ବଂଧୁ
ପ୍ରତାପ

### ଠିକଣା

ଡାକ ଟିକଟ

| ପ୍ରେରକ :- | ଗ୍ରାହକ :- |
| --- | --- |
| **ପ୍ରତାପ ଚନ୍ଦ୍ର ବଡ଼ଜେନା** | **ହରିଶ୍ଚନ୍ଦ୍ର ରାଉତ** |
| ଗ୍ରାମ-ନୂଆପଲ୍ଲୀ, ନୂଆସାହି | ସାଆନ୍ତସାହି |
| ପୋଅ.-ନୂଆପଲ୍ଲୀ | ପୋଅ.-ବଜ୍ରକବାଟୀ ରୋଡ଼ |
| ଭାୟା-ଆଠ ନମ୍ବର, ଭୁବନେଶ୍ୱର | ଜିଲ୍ଲା-କଟକ |
| ଜିଲ୍ଲା-ଖୋର୍ଦ୍ଧା | ପିନ୍ - ୭୫୩୦୦୧ |
| ପିନ୍ - ୭୫୧୦୧୨ | |

ତୁମ ବିଦ୍ୟାଳୟରେ ଗଣେଶପୂଜା କିପରି ପାଳନ କଲ, ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

ସ୍ଥାନ :
ତାରିଖ :

ପ୍ରିୟ,

___

___

___

___

___

___

___

___

___

___

___

**ଠିକଣା**

| ପ୍ରେରକ :- | ଗ୍ରାହକ :- |
|---|---|
| ନାମ - | ନାମ - |
| ଗ୍ରାମ- | ଗ୍ରାମ - |
| ପୋଅ- | ପୋଅ- |
| ଭାୟା- | ଜିଲ୍ଲା- |
| ଜିଲ୍ଲା- | ପିନ୍ - |
| ପିନ୍ - | |

## କାର୍ଯ୍ୟପତ୍ରିକା : ୭୮

**ତଳେ ଲେଖା ଯାଇଥିବା ଶବ୍ଦ ଗଠନର ରୀତିକୁ ଦେଖ ଓ ପଢ଼ :-**

କାନ୍ଦ୍ + ଅଣା = କାନ୍ଦଣା　　ପଢ୍ + ଉଆ = ପଢୁଆ

ଖସ୍ + ଅଡ଼ା = ଖସଡ଼ା　　ପାଳ୍ + ଅନୀୟ = ପାଳନୀୟ

ଖଟ୍ + ଅଣି = ଖଟଣି　　ଉଡ୍ + ଅନ୍ତା = ଉଡ଼ନ୍ତା

ପା + ଉଣା = ପାଉଣା　　ଜାଳ୍ + ଏଣି = ଜାଳେଣି

ବୁଡ୍ + ଆଳି = ବୁଡ଼ାଳି　　ଖେଳ୍ + ଉଆଳ = ଖେଳୁଆଳ

ପ୍ରଶ୍ନ-୧　ଆସ, ଉପଯୁକ୍ତ ପ୍ରତ୍ୟୟ ଲଗାଇ ଶୂନ୍ୟସ୍ଥାନ ପୂରଣ କରିବା :-

ଡର୍ + ______________ = ଡରୁଆ,　　ଭାଳ୍ + ______________ = ଭାଳେଣି

ଢ଼ାଙ୍କ୍ + ______________ = ଢ଼ାଙ୍କୁଣି　　ମାପ୍ + ______________ = ମାପୁଣି

ଧର୍ + ______________ = ଧରାଳି　　ପା + ______________ = ପାଉଣା

ପ୍ରଶ୍ନ-୨　ଉପଯୁକ୍ତ ଧାତୁ ଲଗାଇ ଶୂନ୍ୟସ୍ଥାନ ପୂରଣ କରିବା :-

______________ + ଇ = ଚାଲି ।　　______________ + ଆଳି = ଖେଳାଳି

______________ + ଆଣ = ଫେଡ଼ାଣ ।　　______________ + ଆ = ବୁଣା

______________ + ଉଆ = ପଢୁଆ ।　　______________ + ଉଆଳ = ରଖୁଆଳ

______________ + ଅନ୍ତି = ଚଳନ୍ତି ।　　______________ + ଅନ୍ତା = ଫୁଟନ୍ତା

______________ + ଅଣ = ଝୁଲଣ　　______________ + ଅଣା = ରାନ୍ଧଣା

## କାର୍ଯ୍ୟପତ୍ରିକା : ୭୯

**ବିଜ୍ଞାପନଟିକୁ ପଢ଼ ଓ ପ୍ରଶ୍ନର ଉତ୍ତର ଦିଅ :-**

**ଭାରତୀୟ ସ୍ଥଳସେନାରେ ପ୍ରବେଶ ପାଇଁ ଆବେଦନ**
**ବିଜ୍ଞାପନ ନଂ- ୧୦୧ ତା: ୩୦.୦୧.୨୦୨୦**

ଭାରତୀୟ ସ୍ଥଳସେନାରେ ଯୋଗଦାନ ପାଇଁ ନିମ୍ନ ଯୋଗ୍ୟତା ଥିବା ଭାରତୀୟ ନାଗରୀକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

୧. ବୟସ - ୧ ଜାନୁୟାରୀ ୨୦୨୦ ସୁଦ୍ଧା ୧୮ ବର୍ଷ ହୋଇଥିବ ।
(ଜନଜାତି / ଉପଜାତିର ପୁରୁଷମାନଙ୍କ ପାଇଁ ୬ ମାସ କମ୍ କରାଯାଇପାରେ)

୨. ଅନ୍ୟୂନ ଯୋଗ୍ୟତା - ଦଶମ (୧୦+) ପାଶ୍
(ଅତି କମ୍‌ରେ ୪୫% ନମ୍ବର ବାଞ୍ଛନୀୟ । ସ୍ଥଳ ବିଶେଷରେ ଜନଜାତି / ଉପଜାତି ପାଇଁ ୩୩% ନମ୍ବର ରଖିବା ବାଧ୍ୟ)

୩. ଉଚ୍ଚତା ଓ ଛାତି - ଯଥାକ୍ରମେ ୧୬୯ ସେ.ମି. ଓ ୭୭ ସେ.ମି. ।
(ଜନଜାତି / ଉପଜାତିର ପୁରୁଷମାନଙ୍କ ପାଇଁ ୧୬୫ ସେ.ମି. ଓ ୭୪ ସେ.ମି. ନିତ୍ୟାନ୍ତ ଲୋଡ଼ା)

୪. ସମର ଶିକ୍ଷାର୍ଥୀ ବାହିନୀ (NCC) ର ‘A’ ସାର୍ଟିଫିକେଟ ପ୍ରାପ୍ତ ଶିକ୍ଷାର୍ଥୀମାନଙ୍କୁ ଅଧିକ ୫% ନମ୍ବର ମିଳିବ ।

୫. ଆବେଦନ ଶେଷ ତାରିଖ - ବିଜ୍ଞାପନ ପ୍ରକାଶନର ୧ ମାସ ମଧ୍ୟରେ ।

୬. ଚୟନ ପରୀକ୍ଷା - ସାଧାରଣଜ୍ଞାନ, ଗଣିତ ଓ ଭାଷା (୧୦୦ ନମ୍ବରର) ।

୭. ବିଶେଷ ପରୀକ୍ଷା - ଦୀର୍ଘଡିଆଁ, ଉଚ୍ଚଠିଆଁ ଓ ଦୌଡ଼

୮. ସ୍ୱାସ୍ଥ୍ୟ - ଉତ୍ତମ

୯. ଚୟନ ତାରିଖ = ୨୮, ୨୯ ଓ ୩୦ ମାର୍ଚ୍ଚ ୨୦୨୦

୧୦. ଚୟନସ୍ଥଳୀ -
(କ) ଅବିଭକ୍ତ ସମ୍ବଲପୁର, କେଉଁଝର, ଢ଼େଙ୍କାନାଳ, ସୁନ୍ଦରଗଡ଼ ଓ ବଲାଙ୍ଗୀର ପାଇଁ - ଆର୍ମି ରିକ୍ରୁଟମେଣ୍ଟ କାର୍ଯ୍ୟାଳୟ ସମ୍ବଲପୁର
(ଖ) ଅବିଭକ୍ତ କଳାହାଣ୍ଡି, କୋରାପୁଟ, ଫୁଲବାଣୀ, ଗଞ୍ଜାମ ପାଇଁ ଆର୍ମି ରିକ୍ରୁଟମେଣ୍ଟ କାର୍ଯ୍ୟାଳୟ, ଗୋପାଳପୁର

ସ୍ୱା-
କମାଣ୍ଡିଙ୍ଗ୍ ଅଫିସର
ପୂର୍ବାଞ୍ଚଳ, ଓଡ଼ିଶା

ଭାରତୀୟ ସ୍ଥଳସେନାରେ ଯୋଗଦାନ କରନ୍ତୁ ।
ଶ୍ରେଷ୍ଠତା ପ୍ରତିପାଦନ କରନ୍ତୁ ।

**ଆସ ପ୍ରଶ୍ନଗୁଡ଼ିକର ଉତ୍ତର କରିବା :**

ପ୍ରଶ୍ନ-୧ ବିଜ୍ଞାପନଟି କିଏ ଦେଇଛନ୍ତି ?

ପ୍ରଶ୍ନ-୨ ବିଜ୍ଞାପନଟି କେଉଁ ବିଷୟରେ ଦିଆଯାଇଛି ।

ପ୍ରଶ୍ନ-୩ ବିଜ୍ଞାପନ ସଂଖ୍ୟା ଓ ତାରିଖ କ'ଣ ଦିଆଯାଇଛି ?

ପ୍ରଶ୍ନ-୪ କେଉଁକେଉଁ ସୂଚନା ଆଧାରରେ ଦରଖାସ୍ତ ଆହ୍ୱାନ କରାଯାଇଛି ?

ପ୍ରଶ୍ନ-୫ ଆବେଦନ କରିବା ପାଇଁ ଯୋଗ୍ୟତା କ'ଣ ରଖାଯାଇଛି ?

ପ୍ରଶ୍ନ-୬ ଶାରୀରିକ ଯୋଗ୍ୟତା (ଉଚ୍ଚତା ଓ ଛାତି) ପାଇଁ କ'ଣ ରଖାଯାଇଛି ?

ପ୍ରଶ୍ନ-୭ କେଉଁକେଉଁ ବିଷୟରେ ଚୟନ ପରୀକ୍ଷା କରାଯିବ ?

ପ୍ରଶ୍ନ-୮ ଆବେଦନର ଶେଷ ତାରିଖ କେବେ ରଖାଯାଇଛି ?

ପ୍ରଶ୍ନ-୯ ବିଶେଷ ପରୀକ୍ଷା କେଉଁକେଉଁ କ୍ଷେତ୍ରରେ କରାଯିବ ?

ପ୍ରଶ୍ନ-୧୦ କେଉଁକେଉଁ ସ୍ଥାନରେ ଚୟନ କରାଯିବ ?

ପ୍ରଶ୍ନ-୧୧ କେଉଁମାନଙ୍କପାଇଁ ବୟସସୀମାରେ କୋହଳ କରାଯାଇଛି ?

## କାର୍ଯ୍ୟପତ୍ରିକା : ୮୦

**ସମୟସାରଣୀଟିକୁ ପଢ଼ିବା ଓ ଉତ୍ତର ଲେଖିବା**

### ପୂର୍ବତଟ ରେଳପଥ

**ରେଳଗାଡ଼ି ଚଳାଚଳ ସମୟସାରଣୀ, ଖୋର୍ଦ୍ଧାରୋଡ଼, ଅପ୍‌ଟ୍ରେନ୍**

| କ୍ରମିକ ନଂ. | ଟ୍ରେନ୍ ନଂ. | କେଉଁଠାରୁ | କେଉଁ ପର୍ଯ୍ୟନ୍ତ | ଟ୍ରେନର ନାମ | ଦିନ | ପହଞ୍ଚିବା ସମୟ | ଛାଡ଼ିବା ସମୟ |
|---|---|---|---|---|---|---|---|
| ୧. | ୨୨୮୧୯ | ଭୁବନେଶ୍ୱର | ବିଶାଖାପାଟନମ୍ | ଇଣ୍ଟରସିଟି ଏକ୍ସପ୍ରେସ୍ | ପ୍ରତିଦିନ | ୮.୦୦ | ୮.୧୨ |
| ୨. | ୧୮୪୦୧ | ପୁରୀ | ଓଖା | ଓଖା ଏକ୍ସପ୍ରେସ୍ | ରବିବାର | ୧୦.୧୫ | ୧୦.୪୦ |
| ୩. | ୧୨୮୧୬ | ନୂଆଦିଲ୍ଲୀ | ପୁରୀ | ନନ୍ଦନକାନନ ଏକ୍ସପ୍ରେସ୍ | ସୋମ, ବୁଧ, ଶୁକ୍ର | ୧୧.୪୫ | ୧୧.୫୨ |
| ୪. | ୧୭୪୭୯ | ପୁରୀ | ତିରୁପତି | ତିରୁପତି ଏକ୍ସପ୍ରେସ୍ | ରବିବାର ବ୍ୟତିତ | ୧୨.୫୫ | ୧୨.୫୯ |
| ୫. | ୧୮୪୫୦ | ପାଟନା | ପୁରୀ | ବୈଦନାଥଧାମ ଏକ୍ସପ୍ରେସ୍ | ପ୍ରତିଦିନ | ୧୩.୪୫ | ୧୩.୫୦ |
| ୬. | ୧୧୦୨୦ | ଭୁବନେଶ୍ୱର | ମୁମ୍ବାଇ | କୋଣାର୍କ ଏକ୍ସପ୍ରେସ୍ | ପ୍ରତିଦିନ | ୧୪.୩୦ | ୧୪.୩୭ |
| ୭. | ୧୨୮୪୧ | ହାୱଡ଼ା | ଚେନ୍ନାଇ | କରମଣ୍ଡଳ ସୁପରଫାଷ୍ଟ | ପ୍ରତିଦିନ | ୨୧.୫୫ | ୨୨.୦୫ |
| ୮. | ୧୮୪୪୭ | ଭୁବନେଶ୍ୱର | ଜଗଦଲପୁର | ହୀରାଖଣ୍ଡ ଏକ୍ସପ୍ରେସ୍ | ମଙ୍ଗଳ, ଗୁରୁ, ଶନି | ୨୨.୪୦ | ୨୨.୫୦ |
| ୯. | ୧୮୪୦୯ | ହାୱଡ଼ା | ପୁରୀ | ଶ୍ରୀଜଗନ୍ନାଥ ସୁପରଫାଷ୍ଟ | ପ୍ରତିଦିନ | ୨୩.୧୫ | ୨୩.୨୫ |
| ୧୦. | ୧୨୮୦୨ | ନୂଆଦିଲ୍ଲୀ | ପୁରୀ | ପୁରୁଷୋତ୍ତମ ସୁପରଫାଷ୍ଟ | ପ୍ରତିଦିନ | ୦୨.୧୦ | ୦୨.୩୦ |

ଉପରଲିଖିତ ସମୟସାରଣୀଟିକୁ ଭଲକରି ମନଦେଇ ପଢ଼ । ତା'ପରେ ପ୍ରଶ୍ନର ଉତ୍ତର ଖୋଜ । ଉତ୍ତର ନିର୍ଭୁଲ ଭାବରେ ଲେଖିବାକୁ ଚେଷ୍ଟା କର ।

ପ୍ରଶ୍ନ-୧ ରେଳଗାଡ଼ି ଚଳାଚଳ ସମୟସାରଣୀଟିରେ କେଉଁ ଷ୍ଟେସନର ତଥ୍ୟ ଦିଆଯାଇଛି ?

ଉତ୍ତର: ________________________________________________

ପ୍ରଶ୍ନ-୨ ଦିଆଯାଇଥିବା ଟ୍ରେନ୍ ମଧ୍ୟରୁ ସୁପରଫାଷ୍ଟ ଟ୍ରେନ୍ କେତୋଟି ଅଛି । ସେମାନଙ୍କର ନାମ ଲେଖ ?

ଉତ୍ତର: ________________________________________________

ପ୍ରଶ୍ନ-୩ ମୁମ୍ବାଇ ଯାଉଥିବା ରେଳଗାଡ଼ିର ନାମ କ'ଣ ଓ ଏହାର ନମ୍ବର କେତେ ?

ଉତ୍ତର: ________________________________________________

ପ୍ରଶ୍ନ-୪ ନୂଆଦିଲ୍ଲୀରୁ ପୁରୀ ଆସୁଥିବା ଏକ୍ସପ୍ରେସ୍ ଗାଡ଼ିର ନାମ ଓ ନମ୍ବର କେତେ ?

ଉତ୍ତର: ____________________

ପ୍ରଶ୍ନ-୫ ଦିନ ୧୦.୪୦ ରେ ଖୋର୍ଦ୍ଧାରୋଡ଼ ଛାଡୁଥିବା ଗାଡ଼ିର ନାମ କ'ଣ ?

ଉତ୍ତର: ____________________

ପ୍ରଶ୍ନ-୬ ଦିନ ୧୨.୫୫ ରେ ଖୋର୍ଦ୍ଧାରୋଡ଼ରେ ପହଞ୍ଚୁଥିବା ଗାଡ଼ିଟି କେଉଁଠୁ କେଉଁଯାଏ ଯାଉଛି ?

ଉତ୍ତର: ____________________

ପ୍ରଶ୍ନ-୭ ଖୋର୍ଦ୍ଧାରୋଡ଼ରୁ ପ୍ରତିଦିନ ଯାତାୟତ କରୁଥିବା କେତୋଟି ଟ୍ରେନ୍‌ର ତଥ୍ୟ ଏଠାରେ ଅଛି ?

ଉତ୍ତର: ____________________

ପ୍ରଶ୍ନ-୮ ଖୋର୍ଦ୍ଧାରୋଡ଼ ଦେଇ ଭୁବନେଶ୍ୱର ଛାଡୁଥିବା ଗାଡ଼ିଗୁଡିକର ନାମ ଲେଖ ?

ଉତ୍ତର: ____________________

ପ୍ରଶ୍ନ-୯ ଆମେ ଚେନ୍ନାଇ ଯିବାକୁ ହେଲେ କେଉଁ ଟ୍ରେନ୍‌ରେ ବସିବା ?

ଉତ୍ତର: ____________________

ପ୍ରଶ୍ନ-୧୦ ଟ୍ରେନ୍‌ର ଛାଡ଼ିବା ଓ ପହଞ୍ଚିବା ସମୟ କିପରି ଲେଖାଯାଇଛି ?

ଉତ୍ତର: ____________________

## ଆକଳନ

ପ୍ରଶ୍ନ-୧ ତଳ ଶବ୍ଦର ପ୍ରଥମ ଅକ୍ଷରକୁ ନେଇ ଶବ୍ଦ ଗଢ଼ । ସେହି ଶବ୍ଦର ଶେଷ ଅକ୍ଷର ଓ ଏହି କ୍ରମରେ ପାଞ୍ଚଗୋଟି ଶବ୍ଦ ତିଆରି କର ।

ପଲକ -

________________________________________

________________________________________

ପ୍ରଶ୍ନ-୨ ନିମ୍ନ ଶବ୍ଦଗୁଡିକର ଗଦ୍ୟରୂପ ଲେଖ ।

ନରକ

ସରଗ

ମୁକତି

ଦରବ

ଗରବ

ପ୍ରଶ୍ନ-୩ ଏକ ପଦରେ ପ୍ରକାଶ କର ।

ସବୁଠାରୁ ସାନ -

ସବୁଠାରୁ ବଡ଼ -

ସବୁଠାରୁ ଦୀର୍ଘ -

ସବୁଠାରୁ ଜଟିଳ -

ସବୁଠାରୁ ମହତ୍ -

ପ୍ରଶ୍ନ-୪ ଅଭିଧାନ କ୍ରମରେ ନିମ୍ନ ଶବ୍ଦଗୁଡ଼ିକୁ ସଜାଇ ଲେଖ ।

ତାତ୍ପର୍ଯ୍ୟ, ବିହୀନ, ମାରାତ୍ମକ, ଦଣ୍ଡ, କଠୋର, ଅନୁଶାସନ

________________________________________

________________________________________

ପ୍ରଶ୍ନ-୫ ସୂଚନା ଅନୁସାରେ ଉତ୍ତର ଦେବା :-

(କ) ଜୋର ଯାର ମୂଳକ ତା'ର । ଏଠାରେ ସର୍ବନାମ ପଦ ତଳେ ଗାର ଦିଅ ।

(ଖ) ଭୁବନେଶ୍ୱର ଆମ ରାଜ୍ୟର ରାଜଧାନୀ । ଏଠାରେ ବିଶେଷ୍ୟପଦଟିକୁ ଚିହ୍ନାଅ ।

(ଗ) ଶିକ୍ଷକ ଛାତ୍ରଦ୍ୱାରା ବହି ଅଣାଇଲେ । ଏଠାରେ କର୍ତ୍ତାପଦ ଚିହ୍ନାଅ ।

(ଘ) ମୁଁ ତାଙ୍କ କଥାକୁ ଅନୁସରଣ ____________ । ଠିକ୍ କ୍ରିୟାପଦକୁ ବାଛି ଲେଖ ।
(କରିବି, କଲି, କଲା, କରୁଛ)

(ଙ) ପ୍ରଧାନବାବୁଙ୍କର ସେ ଭାରି ____________ । ଠିକ୍ ଶବ୍ଦଟିକୁ ବାଛି ଲେଖ ।
(ବିଶ୍ୱସ୍ତ, ବୀଶ୍ୱସ୍ତ, ବିଶ୍ୱସ୍ତ, ବିସ୍ୱସ୍ଥ)

ପ୍ରଶ୍ନ-୬ ନିମ୍ନ ଶବ୍ଦକୁ ଲଗାଇ ୪ଟି ସର୍ଥକ ବାକ୍ୟ ଗଠନ କର ।

ଧନୁ -

ବଣ -

ଖାଦ୍ୟ -

ଗଛ -

ପ୍ରଶ୍ନ-୭ ସୂଚନା ଅନୁସାରେ ଉତ୍ତର ଲେଖ ।

(କ) ଖାତିରି - ଏହାର ବିପରୀତ ଅର୍ଥ ସୂଚକ ଶବ୍ଦ ______________

(ଖ) ତୁମେ ଆସିବ ______________ ତୁମ ଭାଇକୁ ପଠାଇବ । ଠିକ୍ ଶବ୍ଦ ବାଛି ଲେଖ ।
(କିନ୍ତୁ, କିମ୍ବା, ତେଣୁ, ତଥାପି)

(ଗ) ଯେ ଶଙ୍ଖା ବିକେ ସେ ______________ (ଶଙ୍ଖୁଆ, ଶଙ୍ଖାରି, ଶଙ୍ଖା, ଶଙ୍ଖାଳି)

(ଘ) ରୀତା ତା' ______________ ଗେହ୍ଲା ଝିଅ (ଠିକ୍ ଶବ୍ଦ ଲେଖ)
(ବାପା, ବାବାଙ୍କୁ, ବାପାଙ୍କଠାରୁ, ବାପାଙ୍କର)

ପ୍ରଶ୍ନ-୮ ସୂଚନା ଆଧାରରେ ଉତ୍ତର ଲେଖ ।

(କ) ମୁହିଁ, ଲଭିବି, ଜନମ, ସଦା, ପାଇଁ, ତା' ଶବ୍ଦକୁ ସଜାଇ ବାକ୍ୟ ଲେଖ ।

(ଖ) ନିମ୍ନ ଶବ୍ଦର ପ୍ରେରଣାର୍ଥକ କ୍ରିୟାରୂପଟିକୁ ଲେଖ ।
ଶୁଣିବା -

(ଗ) ଶିରିଶିରି ପରି ଆଉ ଗୋଟିଏ ଶବ୍ଦ ଲେଖ ______________

(ଘ) ନଈର କୂଳେ ଗଛଟିଏ ଅଛି । 'କୂଳ' ଶବ୍ଦଟିକୁ ଉଠାଇ ସମ ଅର୍ଥର ଆଉ ଗୋଟିଏ ଶବ୍ଦ ଲେଖ ।

ପ୍ରଶ୍ନ-୯ ସୂଚନା ଆଧାରରେ ଉତ୍ତର ଲେଖ ।

(କ) ୪ଟି ଅସମାପିକା କ୍ରିୟାର ଉଦାହରଣ ଦିଅ ।

______________________________________________

(ଖ) "କଣ୍ଟା ବାଡ଼ରେ ଲୁଗା ପକାଇବା'' - ଏହି ଉକ୍ତିର ବିଶେଷ ଅର୍ଥ ଲେଖ ।

(ଗ) ବିରାଡ଼ି ______________ ଶିକା ଛିଡ଼ିଲା । ଠିକ୍ ଶବ୍ଦ ବାଛି ଲେଖ ।
(କପାଳରେ, କପାଳକୁ, କପାଳ ଉପରେ, କପାଳ ଭିତରେ)

(ଘ) 'ମାଆ' ଶବ୍ଦ ବଦଳରେ କେଉଁ ଶବ୍ଦ ଲେଖିବା ______________
(ଜନନୀ, ଭଗିନୀ, ମାନିନୀ, କାମିନୀ)

ପ୍ରଶ୍ନ-୧୦ "ମହାନଦୀର ଉତ୍ତର ଦିଗରେ ଏକ ଘର ଅଛି । ସେଥିରେ ପକ୍ଷୀମାନେ ବସା କରି ରୁହନ୍ତି ।''
ଏହି ଦୁଇଟି ବାକ୍ୟକୁ ନେଇ କିଏ, କେଉଁଠାରେ, କ'ଣ, କିପରି ଆଦିକୁ ଲଗାଇ ପ୍ରଶ୍ନ ତିଆରି କର ।

______________________________________________

______________________________________________

______________________________________________

______________________________________________

ପ୍ରଶ୍ନ-୧୧ ସେଦିନ ରାତିରେ ଖୁବ୍ ଜୋର୍‌ରେ ଝଡ଼ ତୋଫାନ ହେଲା ।
ଏହିପରି 'ଖୁବ୍' ଶବ୍ଦ ଲଗାଇ ୪ଟି ଶବ୍ଦ ଲେଖ ଓ ବାକ୍ୟ ଗଠନ କର ।

________________________________________

________________________________________

________________________________________

________________________________________

ପ୍ରଶ୍ନ-୧୨ ପାର୍ଥକ୍ୟ ଲେଖ :-

(କ) କୂଳ -

କୁଳ -

(ଖ) ଲୋକମାନେ ଜଙ୍ଗଲ ସଫା କରିଦେଲେ । ଏଠାରେ 'ସଫା' କେଉଁ ଅର୍ଥରେ ବ୍ୟବହାର ହୋଇଛି ?

ସାବୁନରେ ସଫା ହୋଇଯିବା

ଗଛମୂଳ ସଫା ହେବା

ଗଛ କାଟି ପଦା କରିଦେବା

(ଗ) ସୀତା ବଣକୁ ଗଲେ । ଗାର ଦିଆଯାଇଥିବା କ୍ରିୟା ପଦକୁ ଅନ୍ୟ ରୂପରେ ଲେଖ ।

(ଘ) ହସଖୁସି ଭଳି ଆଉ ଗୋଟିଏ ଯୋଡ଼ି ଶବ୍ଦ ଲେଖ । ____________________

ପ୍ରଶ୍ନ-୧୩ 'ସଫାକରିବା' ଏହି କାର୍ଯ୍ୟଟିର କ୍ରମକୁ ଆଧାର କରି ପାଞ୍ଚଟି ବାକ୍ୟ ଲେଖ ।

________________________________________

________________________________________

________________________________________

________________________________________

ପ୍ରଶ୍ନ-୧୪ (କ) ସନ୍ଧିବିଚ୍ଛେଦ କର
ଦେବାଳୟ ____________________

(ଖ) ଅଲଗା ଶବ୍ଦଟିକୁ ବାଛି ଗୋଲ ବୁଲାଅ
(ରବି, ଶଶୀ, ସବିତା, ତପନ)

(ଗ) ସେ କହିଲେ ବିଲାତର ରାଣୀ ଆମ ଶତ୍ରୁ ଦେଶର ରାଣୀ ଅଟନ୍ତି
ଏହି ବାକ୍ୟରେ ଉପଯୁକ୍ତ ବିରାମ ଚିହ୍ନ ଦିଅ ।

(ଘ) ତଳ ଶବ୍ଦରେ ପ୍ରତ୍ୟୟ ଯୋଗ କରି ଲେଖ ।
ଦାନ, ନାମ, ରୂପ ____________________

ପ୍ରଶ୍ନ-୧୫ (କ) ରେଳଗାଡ଼ି ଚଳାଚଳ ସାରଣୀରେ କେତେ ଘଣ୍ଟିଆ ସମୟ ସୂଚୀ ହୋଇଥାଏ ?

____________________

(ଖ) ତାପମାତ୍ରା କେଉଁଥିରେ ପ୍ରକାଶିତ ହୁଏ ? ____________________

(ଗ) 'ବନ୍ୟା ପ୍ରପୀଡ଼ିତ' ପରି ଆଉ ଗୋଟିଏ ଶବ୍ଦ ଲେଖ ? ____________________

(ଘ) କ୍ୟାଲେଣ୍ଡରରେ କେଉଁଟି ସୂଚୀତ ହୋଇ ନଥାଏ ? ____________________
(ତାରିଖ, ବର୍ଷ, ଦିବସ, ଦିନରାତି)

This Teaching-Learning material is part of The Transform Schools learning programme and is being scaled up by Odisha School Education Programme Authority (OSEPA), through Utkarsh Programme. This material has been developed with support from subject experts and consultants and is intended for use by students, teachers and teacher educators of Government Schools in Odisha. The material also draws upon existing curricula, education materials and manuals, the experience and views of teachers and also includes original material. The material has been finalised after review and endorsement by OSEPA.

The material and its contents may not be sold or used for any commercial purpose. The manual and its contents may be reproduced and used for educational purposes. Permission for reproduction and use may be obtained from 'The Transform Schools and Odisha School Education Programme Authority (OSEPA), Government of Odisha.

©2020 Transform Schools and Odisha School Education Programme Authority, Government of Odisha

The Transform Schools works with the government school system to support better teaching and management to improve learning outcomes for children in India. Transform Schools is based on interventions developed and tested in India with the support of Kusuma Trust, UK. Programme lessons and research findings have been used to successfully influence and support State Governments to scale up interventions by customising resources, delivering training and tracking quality of implementation.

www.thetransformschools.in

kusuma trust

Patron Donor
Kusuma Trust UK
www.kusumatrust.org

TRANSFORM SCHOOLS
Inspired action to advance learning

Regd. Office : Grace House, Kedar Lane, Plot 3183(P), Old Town
Khordha, Bhubaneswar, Odisha-751002
Head Office : 5 Navjeevan Vihar, New Delhi-110017
Email: connect@peopleforaction.org